

ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 42 • ISSUE-324 • BHUBANESWAR • FRIDAY • 23 MAY 2025 • PAGE-12 • ₹ 6.00 | SAMBALPUR | • ବର୍ଷ-୪୨ • ସଂଖ୍ୟା-୩୨୪ • ଭୁବନେଶ୍ୱର • ଶୁକ୍ରବାର • ୨୩ ମେ ୨୦୨୫ • ପୃଷ୍ଠା-୧୨ • ଟ.୬.୦୦



NUMBER ONE 1

# Admission open
(23rd Batch)
**+2 Science**
Only Fully Residential College with Ethics in the State of Odisha

# ROYAL
HIGHER SECONDARY SCHOOL OF SCIENCE & TECHNOLOGY
(ROYAL COLLEGE OF SCIENCE & TECHNOLOGY)
BHUBANESWAR

## CHSE RESULTS -2025
ROYALITES MAINTAINING THE TRADITION OF EXCELLENCE EVERY YEAR

94.50% (567) ADYASHA
94.33% (566) CHANDAN
93.50% (561) ARMAN
93.50% (561) BIBHUTI
93.17% (559) ANSHUMAN
93.17% (559) DIBYAJYOTI
92.67% (556) SUBHASMITA
92.50% (555) DEV KUMAR
92% (552) SUBHALAXMI
91.83% (551) POONAM
91.83% (551) SAILIPSA
91.50% (549) KRITIKA
91.17% (547) LOPITA
91.17% (547) UDIT NARAYAN
91% (546) SMRUTI RANJAN
91% (546) SAMIKSHYA
90.67% (544) SHUBHALAXMI
90.50% (543) BISHAL
90.50% (543) DIBYANJALI
90.50% (543) SUBHASHREE
90.33% (542) SUBHRANSHU
90% (540) RAKESH
90% (540) SUBHAM

& Many More ....

CHSE RESULTS-2025
(21st Batch)
RESULT - 100%
TOTAL APPEARED - 165
TOTAL PASS - 165
HIGHEST MARKS- 567 (94.50%)
90% & ABOVE - 23 (14%)
500 CLUB - 61(36.96%)
1ST DIVISION- 163 (98.79%)
2ND DIVISION- 02
NO 3RD DIVISION
NO FAIL

## OUR STUDENTS IN MBBS-2024
NEET-2024 ASHUTOSH 680 Marks
NEET-2024 NIBESH 679 Marks
GANESH 677 Marks
NEET-2024 SABYASACHI 659 Marks
JIGYANSU 654 Marks
NEET-2024 CHINMAY 654 Marks
SUBHASHREE 652 Marks
NEET-2024 BIBHUPRASAD 651 Marks
TAPASWINI 643 Marks
NEET-2024 RAJ KUMAR 625 Marks
ABINASH 613 Marks

Odisha State Topper (2018)
RANK 1
CHSE, Odisha 2018

570
Siddhanta Ku. Sahu (95%)


AIR-255
SUBHAKANTA
Qualified IIT-2024 in the1st Attempt

A-125, Mancheswar Industrial Estate, Rasulgarh, Bhubaneswar- 10
Mob.: 9937791247, 9861450287, 9861379597, 9437521358
E-mail : royalcollegebbsr1@gmail.com, website: www.royalhssbbsr.edu.in

■ ରଥଖଳାରୁ...

## ତିନିରଥର ୩୫ ଚକ ନିର୍ମାଣ ସରିଲା



ପୁରୀ,୨୨।୫ (ସମିସ): ବିଧି ମୁତାବକ ରଥଖଳାରେ ତିନି ରଥର ନିର୍ମାଣ କାମ ଦ୍ରୁତ ଗତିରେ ଆଗେଇ ଚାଲିଛି। ଗୁରୁବାର ସୁଦ୍ଧା ତିନି ରଥର ୪୨ଟି ଚକ (ନନ୍ଦିଘୋଷ ୧୬, ତାଳଧ୍ୱଜ ୧୪ ଓ ଦେବଦଳନ ୧୨) ମଧ୍ୟରୁ ପ୍ରାୟ ୩୫ଟି ଚକ ନିର୍ମାଣ ସରିଛି। ଭୋଇ ସେବକମାନେ ୩୮ଟି ଚକର ସିଙ୍ଗଡ଼ା ବାଡ଼ିଆ କାମ ଶେଷ କରିଛନ୍ତି। ସେହିପରି ତିନିରଥର ମୁହାଁଟ ଏବଂ ନିରାଡ଼ି ଚଉପଟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରତି ରଥର ଚାରିପାର୍ଶ୍ୱରେ ଗୋଟିଏ ଗୋଟିଏ ନିରାଡ଼ି ଏବଂ ଗୋଟିଏ ଗୋଟିଏ ମୁହାଣ୍ଟ ଲାଗିଥାଏ। ପ୍ରଥମ ପର୍ଯ୍ୟାୟରେ ରଥ ଅମିନ ତିନି ରଥ ଚାଳିକୁ ଯୋଗାଇଥିବା ଚାରୋଟି ଲେଖାଏଁ ୨୦ ଫୁଟିଆ ଧଉରା କାଠରେ ଦୁଇଟି ମୁହାଁଟ ଏବଂ ଦୁଇଟି ନିରାଡ଼ି ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ମୁହାଁଟ ରଥର ପାଞ୍ଚଦଣ୍ଡା ଉଭୟପାର୍ଶ୍ୱରେ ଫିଟିଂ ହୋଇଥାଏ। ମୁହାଁଟ ଉପରେ ଗୁଜ ଫିଟିଂ କରାଯିବା ପରେ ଗୁଜ ଉପରେ ନିରାଡ଼ି ପଡ଼ି ଗୟଳ ମୋଡ଼ା ହୁଏ। ସେହିପରି ରଥଖଳାରେ ରୂପକାର ସେବକ ଖୋଦେଇ କାମରେ ଲାଗିପଡ଼ିଛନ୍ତି। ଏମାନେ ତିନିରଥର ଗୁଜରେ ସିଂହବିରାଳ ଖୋଦେଇ କରୁଛନ୍ତି। ସରିଯାଇଥିବା ରୂପ ଖୋଦେଇର ପଲିସି କାମ ବି ଜାରି ରହିଛି। ଦୋଳବେଦୀ କୋଣ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ଦଣ୍ଡାବିଡ଼ିଆ କଣ୍ଟା ତିଆରି କରୁଛନ୍ତି।

# ବଲାଙ୍ଗିର ଜିଲ୍ଲା ବିଜେପିରେ ବିଦ୍ରୋହ

## ଭିତରେ ମନ୍ତ୍ରୀଙ୍କ ସମୀକ୍ଷା, ବାହାରେ ବିଧାୟକଙ୍କ ହାଇଡ୍ରାମା

■ ବଲାଙ୍ଗିର, ୨୨।୫ (ସମିସ): ବଲାଙ୍ଗିର ଜିଲ୍ଲା ବିଜେପିରେ ଦେଖା ଦେଇଛି ବିଦ୍ରୋହ। ସରକାରୀ ସମୀକ୍ଷା ବୈଠକରେ ବିଧାୟକଙ୍କୁ ଯୋଗ ଦେବାକୁ ଅନୁମତି ନାହିଁ; ଅଧିକାରୀ ବିଧାୟକଙ୍କ କଥା ଶୁଣୁ ନାହାନ୍ତି। ଏପରିକି ବିଧାୟକଙ୍କ କଥା ନ ଶୁଣିବାକୁ ସାଂସଦ ମନା କରୁଛନ୍ତି। ଯାହାକୁ ନେଇ ଦଳୀୟ କର୍ମୀ ଓ ନେତାଙ୍କ ମଧ୍ୟରେ ସୃଷ୍ଟି ହୋଇଛି ଅସନ୍ତୋଷ। ଖୋଦ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଏପରି ଅଭିଯୋଗ ଆଣିବା ସହ ସାଂସଦ ସଙ୍ଗୀତା କୁମାରୀ ସିଂହଦେଓଙ୍କ ଆଡ଼କୁ ତେରଛା ବାଣ।

ଗୁରୁବାର ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ଯୋଗଦେଇ ସମସ୍ତ ବିଭାଗର ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ବୈଠକ ଆରମ୍ଭ ହେବା ପୂର୍ବରୁ ସମ୍ମିଳନୀକକ୍ଷ ବାହାରେ ଟିଟିଲାଗଡ଼ ବିଜେପି ବିଧାୟକ ନବୀନ ଜୈନ୍ ବସିଥିଲେ ହେଁ ତାଙ୍କୁ କକ୍ଷ ଭିତରକୁ ପ୍ରବେଶ କରାଇ ଦିଆଯାଇ ନ ଥିଲା। ଗଣମାଧ୍ୟମ ପ୍ରଶ୍ନରେ ଶ୍ରୀ ଜୈନ ଖୋଲାଖୋଲି ଏହାକୁ ନେଇ ଆପତ୍ତି ଉଠାଇଥିଲେ। ତାଙ୍କ କହିବା ଅନୁସାରେ ଏହି ସମୀକ୍ଷା ବୈଠକକୁ ତାଙ୍କୁ ନିମନ୍ତ୍ରଣ ଦିଆଯାଇ ନାହିଁ କି ବିଭାଗୀୟ ଚିଠିରେ ତାଙ୍କ ନାମ ନାହିଁ। ଫଳରେ ଭିତରକୁ ଗଲେ ସେ ଅପଦସ୍ତ ହେବେ। ତେଣୁ ସେ ନିଜ ଅଭିଯୋଗ ମନ୍ତ୍ରୀଙ୍କୁ ଜଣାଇବା ସହ ପ୍ରଶାସନକୁ ଉତ୍ତର ମାଗିବା ପାଇଁ ଆସିଥିବା କହିଥିଲେ। ଶ୍ରୀ ଜୈନ ଟିଟିଲାଗଡ଼ ଅଞ୍ଚଳରେ ନିମ୍ନମାନର ଛତୁଆ ବଣ୍ଟନ କରାଯାଉଥିବା ଅଭିଯୋଗ କରିଥିଲେ। ଉପଜିଲ୍ଲାପାଳ ନିଜେ ଚଢ଼ଉ କରିଥିଲେ। କିନ୍ତୁ ଛତୁଆ ପ୍ରସ୍ତୁତିରୁ ଉକ୍ତ ଏସଏଚ୍‌ଜିକୁ ହଟାଯାଉନାହିଁ। କେବଳ ଏତିକି ନୁହେଁ ଟିଟିଲାଗଡ ଅଞ୍ଚଳର ଉନ୍ନତି ପାଇଁ ସେ ବିଭିନ୍ନ ପ୍ରସ୍ତାବ, ଅଭିଯୋଗ, ସରକାରୀ ଅଧିକାରୀ ମାନଙ୍କୁ ବଦଳି ବିଷୟରେ ବାରମ୍ବାର ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଜଣାଉଥିଲେ ମଧ୍ୟ ସେ ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି। ଏପରିକି ସେ ୨୦ରୁ ୨୫ ଚିଠି ଜିଲ୍ଲାପାଳଙ୍କୁ ଦେଇଥିବାବେଳେ ତାହାର ଉତ୍ତର ସେ ପାଇନାହାନ୍ତି। ପ୍ରଶାସନିକ ଅଧିକାରୀମାନେ ଉତ୍ତର ଦେବାକୁ ମ୍ୟାଡମ ମନା କରିଛନ୍ତି ବୋଲି ଅଧିକାରୀମାନେ କହୁଛନ୍ତି। ନିଜ ଦଳର ସରକାରଙ୍କ ବରିଷ୍ଠ ମନ୍ତ୍ରୀଙ୍କ ସମୀକ୍ଷା ବୈଠକରେ ବିଧାୟକଙ୍କ ଏହିଭଳି ପ୍ରତିବାଦ ରାଜନୀତିକୁ ସରଗରମ କରିଛି। ଜିଲ୍ଲା ବିଜେପି କାହା ନିୟନ୍ତ୍ରଣରେ ଅଛି, ଜିଲ୍ଲା ପ୍ରଶାସନିକ କଳ କାହା ଇସାରାରେ କାମ କରୁଛି ତାହା ସମସ୍ତଙ୍କୁ ଜଣା; କିନ୍ତୁ ଜଣେ ବିଧାୟକ ଏହାକୁ ପ୍ରତିବାଦ କରିବା ପରେ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। ସାଂସଦଙ୍କ ଆଡ଼କୁ ବିଧାୟକ ତେରଛା ବାଣ ମାରିବା ସହ ଏହାକୁ ନେଇ ସେ ବିଧାନସଭା ରେ ମଧ୍ୟ ପ୍ରଶ୍ନ କରିବେ ବୋଲି ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି। ଅନ୍ୟପକ୍ଷରେ ମନ୍ତ୍ରୀ ରବି ନାଏକ କହିଛନ୍ତି ଯେ ବୈଠକ ସମ୍ପର୍କରେ ବିଧାୟକଙ୍କୁ ସୂଚନା ଦିଆନଯିବା ନେଇ ସେ ପ୍ରଶାସନିକ ଅଧିକାରୀଙ୍କୁ ତାଗିଦ କରିଛନ୍ତି । ମାତ୍ର ଜଣେ ବିଧାୟକଙ୍କୁ କାହିଁକି ବୈଠକକୁ ନିମନ୍ତ୍ରଣ କରାଗଲା ନାହିଁ ଓ ଏପରି ସାହସ ପ୍ରଶାସନ କିପରି କଲା ସେ ସମ୍ପର୍କରେ ମନ୍ତ୍ରୀ ନିରବ ରହିଛନ୍ତି ।



ବିଧାୟକଙ୍କ କଥା ନ ଶୁଣିବାକୁ ଅଧିକାରୀଙ୍କୁ ସାଂସଦଙ୍କ ନିର୍ଦ୍ଦେଶ

■ ଶିଶୁଭବନରେ ଟର୍ଚ୍ଚ ଲାଇଟ୍‌ରେ ଚିକିତ୍ସା ଘଟଣା

## ୬ ଜଣିଆ ତଦନ୍ତ କମିଟି ଗଠିତ

କଟକ,୨୨।୫(ସମିସ): ଶିଶୁ ଭବନରେ ଟର୍ଚ୍ଚ ଲାଇଟ୍ ପକାଇ ଶିଶୁ ମୁଣ୍ଡରେ ଷ୍ଟିଚ୍ ପକାଇବା ଘଟଣାକୁ ନେଇ ମେଡିକାଲ କର୍ତ୍ତୃପକ୍ଷ ଏକ ତଦନ୍ତ କମିଟି ଗଠନ କରିଛନ୍ତି। ଅଧୀକ୍ଷକଙ୍କ ନେତୃତ୍ୱରେ ଗଠିତ ୬ ଜଣିଆ କମିଟି ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବ। ଅନ୍ୟପକ୍ଷରେ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ମଧ୍ୟ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ଅଧୀକ୍ଷକ ଡାକ୍ତର ପ୍ରଭାକର ମିଶ୍ର ଏ ବାବଦରେ କହିଛନ୍ତି ଯେ ଟର୍ଚ୍ଚ ଲାଇଟ୍ ପକାଇ ଚିକିତ୍ସା କରାଯାଉଥିବା ସ୍ଥାନଟି ମାଇନର୍ ଓ.ଟି ନୁହେଁ; ଏହା କାଜୁଆଲିଟି। ତଥାପି ଏଭଳି ଅବ୍ୟବସ୍ଥା କାହିଁକି ଦେଖିବାକୁ ମିଳିଛି, ସେନେଇ ତଦନ୍ତ ହେବ ବୋଲି ଅଧୀକ୍ଷକ ଡାକ୍ତର ମିଶ୍ର କହିଛନ୍ତି। ପ୍ରକାଶଥାଉକି, ରାଜ୍ୟର ଏକମାତ୍ର ଭରସାଯୋଗ୍ୟ ଶିଶୁ ରୋଗ ଚିକିତ୍ସା ପ୍ରତିଷ୍ଠାନ ଶିଶୁଭବନରେ ବୁଧବାର ଏହି ଘଟଣା ଦେଖିବାକୁ ମିଳିଥିଲା। ରାଜାବଗିଚା ଅଞ୍ଚଳର ୨ ବର୍ଷର ଏକ ଶିଶୁପୁତ୍ରର ମୁଣ୍ଡରେ ଆଘାତ ଲାଗିଥିଲା। ପରିବାରଲୋକେ ଶିଶୁପୁତ୍ରକୁ ଧରି ତୁରନ୍ତ ଶିଶୁଭବନକୁ ନେଇଥିଲେ। କାଜୁଆଲିଟିରେ ଡାକ୍ତରଙ୍କୁ ଦେଖାଇଥିଲେ। ସେଠାରେ ଶିଶୁପୁତ୍ରର ମୁଣ୍ଡରେ ଷ୍ଟିଚ୍ ପକାଯାଇଥିବା ବେଳେ ଜଣେ କର୍ମଚାରୀ ଟର୍ଚ୍ଚ ଧରି ଛିଡ଼ା ହୋଇଥିଲେ।

## ଉପକୂଳ ରାଜପଥ ଟେଣ୍ଡର୍ ପୁଣି ବାତିଲ୍

ନିରାକାରପୁର,୨୨।୫(ସମିସ): ଉପକୂଳ ରାଜପଥ ପାଇଁ ଟେଣ୍ଡର ଆହ୍ୱାନ କରିଥିଲା ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ)। ୩୧୬ (କ)ରେ ନାମିତ ଏହି ଜାତୀୟ ରାଜପଥଟି ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ବଡ଼ପୋଖରୀଆ ନିକଟରେ ଥିବା ସୁନେଇ ରୁପେଇ ମନ୍ଦିରଠାରୁ ଆରମ୍ଭ ହୋଇ ପଶ୍ଚିମବଙ୍ଗର ଦୀଘା ଯାଏ ଯିବା ପାଇଁ ସମସ୍ତ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିଲା। ଜମି ଅଧିଗ୍ରହଣ ପାଇଁ ଚିହ୍ନଟ ମଧ୍ୟ ଶେଷ ହୋଇଥିଲା। ଏହାର ୪ଟି ପ୍ୟାକେଜ୍ ପାଇଁ ଚଳିତ ବର୍ଷ ଜାନୁଆରୀ ୮ ତାରିଖ ଦିନ ଜାତୀୟ ରାଜପଥ ବିଭାଗ ଟେଣ୍ଡର୍ ଆହ୍ୱାନ କରିଥିଲା। ତେବେ ଗୁରୁବାର ଏନ୍‌ଏଚ୍‌ଏଆଇ ଏହି ପ୍ରକଳ୍ପର ସମସ୍ତ ଟେଣ୍ଡର୍‌କୁ ବାତିଲ୍ କରିଦେଇଛି। କ୍ରମାଗତ ଦ୍ୱିତୀୟଥର ପାଇଁ ଏହି ପ୍ରକଳ୍ପ ନିମନ୍ତେ ଡକାଯାଇଥିବା ସମସ୍ତ ୪ଟି ଟେଣ୍ଡରକୁ ବାତିଲ୍ କରାଯାଇଛି। ଫଳରେ ଏହାର ନିର୍ମାଣ ନେଇ ଅନିଶ୍ଚିତତା ଦେଖାଦେଇଛି।

ଏନ୍‌କାଉଣ୍ଟର୍‌ରେ ୨୭ ମାଓବାଦୀ ନିହତ ଘଟଣା

## ପୁଲିସ ମୁଖ୍ୟାଳୟକୁ ଆସିଲା ଶବ



ମାଲକାନଗିରି, ୨୨।୫(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଓ ନାରାୟଣପୁର ଜିଲ୍ଲା ମଧ୍ୟରେ ଥିବା ଅବୁଜମାଡ଼ ଜଙ୍ଗଲରେ ଗତକାଲି ସୁରକ୍ଷାକର୍ମୀଙ୍କ ଏନ୍‌କାଣ୍ଟରରେ ୨୭ ମାଓବାଦୀ ନିହତ ହୋଇଥିଲେ। ମୃତ ମାଓବାଦୀଙ୍କ ମଧ୍ୟରେ ମାଓ ସଂଗଠନର କେନ୍ଦ୍ରୀୟ କମିଟି ମୁଖ୍ୟ ତଥା ସିପିଆଇ ମାଓ ସଂଗଠନର ସାଧାରଣ ସଂପାଦକ ନାମ୍ବାଲା କେଶବ ରାଓ ରହିଥିଲା। ତେବେ ଏହି ଘଟଣାରେ ଦୁଇଜଣ ଡିଆରଜି ଯବାନ ମଧ୍ୟ ସହିଦ ହୋଇଛନ୍ତି। ଆଜି ମୃତ ମାଓବାଦୀଙ୍କ ମରଶରୀର ଓ ବିପୁଳ ଅସ୍ତ୍ରଶସ୍ତ୍ର ଏବଂ ମାଓ ସାମଗ୍ରୀଗୁଡ଼ିକୁ ଜବତ କରି ନାରାୟଣପୁର ପୁଲିସ ମୁଖ୍ୟାଳୟକୁ ଅଣାଯାଇଛି। ସେହିପରି ଦୁଇ ସହିଦ ଯବାନଙ୍କୁ ନାରାୟଣପୁର ପୁଲିସ ଲାଇନ୍‌ରେ ଛତିଶଗଡ଼ର ଡିଜି ଏବଂ ଅନ୍ୟ ବରିଷ୍ଠ ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏହି ଗୁଳି ବିନିମୟରେ ନିହତ ନମ୍ବାଲା କେଶବ ରାଓ ଓରଫ୍ ବାସବରାଜୁ ମାଓ ସଙ୍ଗଠନର ମେରୁଦଣ୍ଡ ସଦୃଶ କାର୍ଯ୍ୟ କରୁଥିବା ବେଳେ ତା’ର ମୃତ୍ୟୁ ଯବାନଙ୍କୁ ବଡ଼ ସଫଳତା ଆଣିଦେଇଛି।

ଦୁଇ ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

୨୦୧୮ ମସିହାରେ ସଂଗଠନର କେନ୍ଦ୍ରୀୟ କମିଟି ମହାସଚିବ ଭାବେ ସେ ଦାୟିତ୍ୱ ନେଇଥିଲା। ଏହା ପୂର୍ବରୁ ୨୦୧୦ ମସିହାରେ ଦନ୍ତେୱାଡ଼ାରେ ସିଆର୍‌ପିଏଫ୍ ଯବାନଙ୍କ ଉପରେ ଆକ୍ରମଣ ଏବଂ ୨୦୧୩ ମସିହାରେ ଜିରମଘାଟି ହମଲାରେ ବାସବରାଜୁର ସିଧାସଳଖ ସମ୍ପୃକ୍ତି ଥିଲା। ତତ୍କାଳୀନ ଛତିଶଗଡ଼ ରାଜ୍ୟ କଂଗ୍ରେସ ସଭାପତି ମହେନ୍ଦ୍ର କର୍ମା ଓ ୨୦୧୮ ମସିହାରେ ଟିଡିପି ବିଧାୟକ କେ. ସର୍ବେଶ୍ୱର ରାଓଙ୍କ ହତ୍ୟା ଘଟଣାରେ ମଧ୍ୟ ସେ ସାମିଲ ଥିଲା ବୋଲି ଜଣାପଡ଼ିଛି।

ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଓଡ଼ିଶା ଓ ଝାଡ଼ଖଣ୍ଡରେ ମଧ୍ୟ କେଶବ ରାଓଙ୍କ ମୁଣ୍ଡ ଉପରେ ଲକ୍ଷଲକ୍ଷ ଟଙ୍କାର ପୁରସ୍କାର ଘୋଷଣା ହୋଇଥିଲା। ଘଟଣାସ୍ଥଳରୁ ୩ଟି ୧୨ବୋର ବନ୍ଧୁକ, ୮ଟି ଥ୍ରି ନଟ ଥ୍ରି ବନ୍ଧୁକ, ୪ଟି ଏସଏଲଆର ବନ୍ଧୁକ, ୩ଟି ଏକେ ୪୭ ବନ୍ଧୁକ, ୬ଟି ଇନସାସ୍ ବନ୍ଧୁକ, ୩ଟି ବିଜିଏଲ ଲଞ୍ଚର୍, ଗୋଟିଏ କାର୍ବାଇନ ଓ ୩୦ରୁ ଅଧିକ ଛୋଟବଡ଼ ବିଜିଏଲ ସେଲ୍ ଜବତ ହୋଇଛି। ଅଞ୍ଚଳରେ ଯବାନଙ୍କ ପକ୍ଷରୁ ମାଓ ଦମନ ଅଭିଯାନକୁ ଆହୁରି ବଢ଼ାଇ ଦିଆଯାଇଛି।

ଜ୍ୟୋତି -ପ୍ରିୟଙ୍କା ସମ୍ପର୍କ

## ତଦନ୍ତରେ ବିଳମ୍ବ; ବଢୁଛି ସନ୍ଦେହ

ପୁରୀ, ୨୨।୫ (ସମିସ): ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରି ଗିରଫ ହୋଇଥିବା ହରିଆଣାର ଜଣାଶୁଣା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କର ରହିଛି ଓଡ଼ିଶା ଲିଙ୍କ୍। ସେ ପୁରୀ ଆସି ଦୁଇଦିନ ରହିଥିବା ବେଳେ ବିଭିନ୍ନ ସ୍ଥାନ ବୁଲିଛନ୍ତି। ଆଉ, ତାଙ୍କୁ ପୁରୀ ବୁଲାବୁଲିରେ ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି ପୁରୀର ଝିଅ ପ୍ରିୟଙ୍କା ସେନାପତି। ସେ ବି ଜଣେ ବ୍ଲଗର୍। ଜ୍ୟୋତିଙ୍କ ଗିରଫ ପରେ ତାଙ୍କ ସହ ଯେଉଁମାନଙ୍କର ସମ୍ପର୍କ ବେଶ୍ ନିବିଡ଼ ରହିଛି, ତାହାର ଚେର ଖୋଜି ପହଞ୍ଚୁଛି ଏନ୍‌ଆଇଏ। ଏହି କ୍ରମରେ ଏବେ ଏନ୍‌ଆଇଏ ଏବଂ ପୁଲିସ୍ ସ୍କାନର୍‌ରେ ଅଛି ପ୍ରିୟଙ୍କା। ପୁରୀ ପୁଲିସ ୬ଦିନ ହେଲାଣି ଜ୍ୟୋତି-ପ୍ରିୟଙ୍କାଙ୍କ ମଧ୍ୟରେ ସମ୍ପର୍କ କେତେ ଗଭୀର ଆଉ ନିବିଡ଼; ତାହାକୁ ନେଇ ଖୋଳତାଡ଼ କରୁଛି। ହେଲେ ତଦନ୍ତରେ ଯେତେ ବିଳମ୍ବ ହେଉଛି, ଜ୍ୟୋତିଙ୍କ ସହିତ ପ୍ରିୟଙ୍କାଙ୍କ ସମ୍ପର୍କକୁ ନେଇ ସନ୍ଦେହ ସେତେ ସୁଦୃଢ଼ ହେଉଛି।

ଜ୍ୟୋତି ଗତବର୍ଷ ସେପ୍ଟେମ୍ବର ୨୧ ଓ ୨୨ତାରିଖ ଦୁଇ ଦିନ ପୁରୀରେ ରହିଥିଲେ। ତିନିଦିନ ରହିବା ପାଇଁ ବୁକ୍ କରିଥିଲେ ହେଁ ଦୁଇଦିନ ରହିଥିଲେ। ଏହି ରହଣି ମଧ୍ୟରେ ସେ ତାଙ୍କ ବାନ୍ଧବୀ ପ୍ରିୟଙ୍କାଙ୍କ ସହ ଶ୍ରୀମନ୍ଦିର, ଚିଲିକା ସମେତ ବିଭିନ୍ନ ସ୍ଥାନ ବୁଲିବା ସହ ଭିଡିଓ ଉତ୍ତୋଳନ କରିଥିଲେ। ଶ୍ରୀମନ୍ଦିର ଡ୍ରୋନ୍ ଭିଡିଓ ଉତ୍ତୋଳନ କରୁଥିବା ଯୁବକଙ୍କ ସହ ପ୍ରିୟଙ୍କା ଓ ଜ୍ୟୋତିଙ୍କର କ’ଣ ସମ୍ପର୍କ ରହିଛି, ଷଷ୍ଠ ଦିନରେ ତା’ର ମଧ୍ୟ ତଦନ୍ତ କରିଛି ପୁଲିସ୍। ଅନ୍ୟପକ୍ଷରେ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ। ଅନେକ ସମୟରେ ମନ୍ଦିର ଭିତରକୁ ଅଣହିନ୍ଦୁ ପ୍ରବେଶ କରୁଥିବା ବେଳେ ମୋବାଇଲ ଫୋନ୍ ଭିତରକୁ ଯାଉଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅନେକ ସମୟରେ ଶ୍ରୀମନ୍ଦିର ଉପରେ ଡ୍ରୋନ୍ କ୍ୟାମେରା ଯୋଗେ ଭିଡିଓ ଉତ୍ତୋଳନ ହେଉଛି। ଶ୍ରୀମନ୍ଦିର ଭିତର ଫଟୋ ଓ ଭିଡିଓ ମଧ୍ୟ ବିଭିନ୍ନ ସମୟରେ ଭାଇରାଲ ହୋଇଛି। ତେଣୁ ଶ୍ରୀମନ୍ଦିର ସୁରକ୍ଷା ଉପରେ ରାଜ୍ୟ ସରକାର ଓ ଜିଲ୍ଲା ପୁଲିସ ପ୍ରଶାସନ ଅଧିକ ସତର୍କ ଓ ସଜାଗ ହେବାର ଆବଶ୍ୟକତା ରହିଛି। ଶ୍ରୀମନ୍ଦିର ଭିତରକୁ କଡ଼ାକଡ଼ି ଯାଞ୍ଚ କରି ଭକ୍ତଙ୍କୁ ଛାଡ଼ିବା ସହ ମୋବାଇଲ ନେବା ଉପରେ ସମ୍ପୂର୍ଣ୍ଣ କଟକଣା ରହିବା ଉଚିତ ବୋଲି କହିଛନ୍ତି ସାଂସଦ ଶ୍ରୀ ଖୁଣ୍ଟିଆ।



## ଦଳିଦେଲା ଦନ୍ତା

ଯୋଡ଼ା/ବାଲିବନ୍ଧ, ୨୨।୫(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ବାଲିବନ୍ଧ ଫରେଷ୍ଟ ସେକ୍ସନ୍ କୁଟୁଗାଁ ପଞ୍ଚାୟତ ସାନଯୋଡ଼ା ଗ୍ରାମରେ ଗୁରୁବାର ଏକ ଦନ୍ତାହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଟୁରୁ ନାଏକ (୫୦)। ସକାଳୁ ଶୌଚ ପାଇଁ ଘର ନିକଟ ଜଙ୍ଗଲକୁ ଯାଇଥିଲା ବେଳେ ୧୮ ଘରିଆ ଏକ ହାତୀପଲ ସହ ଟୁରୁ ମୁହାଁମୁହିଁ ହୋଇଥିଲେ। ଗୋଠ ଭିତରୁ ଗୋଟିଏ ଦନ୍ତା ବାହାରି ଆସି ଟୁରୁକୁ ଆକ୍ରମଣ କରିଥିଲା। ହାତୀଟି ଟୁରୁଙ୍କୁ ଶୁଣ୍ଢରେ ଟେକି ଫୋପାଡ଼ି ଦେବା ସହ ପାଦରେ ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ଟୁରୁଙ୍କ ମୃତ୍ୟୁ ଘଟିଥିଲା। ଚମ୍ପୁଆ ରେଞ୍ଜର୍ ଅକ୍ଷୟ ଛାତ୍ରିଆଙ୍କ ନେତୃତ୍ୱରେ ଏକ ଟିମ୍ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ସହ ଶବ ବ୍ୟବଚ୍ଛେଦ କରାଇଛନ୍ତି। ଟୁରୁଙ୍କ ପରିବାରକୁ ଅନୁକମ୍ପା ରାଶି ପ୍ରଦାନ କରାଯିବା ସହ ରେଡକ୍ରସ୍ ସହାୟତା ମଧ୍ୟ ପ୍ରଦାନ କରାଯିବ ବୋଲି ଚମ୍ପୁଆ ରେଞ୍ଜର ଶ୍ରୀ ଛାତ୍ରିଆ ସୂଚନା ଦେଇଛନ୍ତି।

## ଡିଜିଟାଲ ଆରେଷ୍ଟ ନାମରେ ୭୩ ଲକ୍ଷ ଠକେଇ

### ପଶ୍ଚିମବଙ୍ଗରୁ ସାଇବର୍ ଠକ ଗିରଫ

କଟକ,୨୨।୫(ସମିସ): ନିଜକୁ ସିବିଆଇ ଏବଂ ଦିଲ୍ଲୀ ପୁଲିସ୍ ଅଧିକାରୀ ପରିଚୟ ଦେବା ସହ ଡିଜିଟାଲ ଆରେଷ୍ଟର ଧମକ ଦେଇ ଜଣେ ବ୍ୟକ୍ତିଙ୍କଠାରୁ ୭୩ ଲକ୍ଷ ଟଙ୍କା ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚ ଜଣେ ସାଇବର୍ ଠକକୁ ଗିରଫ କରିଛି। ସେ ହେଲା, ରୋହିତ କୁମାର ଜୟସ୍ୱାଲ (୨୫)। କ୍ରାଇମବ୍ରାଞ୍ଚ ତାକୁ ପଶ୍ଚିମବଙ୍ଗର ହାଓଡ଼ାରୁ ଗିରଫ କରିଛି। ତା’ ନିକଟରୁ ଗୋଟିଏ ମୋବାଇଲ ଫୋନ ସହ ଅନ୍ୟ ଦସ୍ତାବିଜ୍ ଜବତ କରାଯାଇଛି। ଏଥିସହ ଅଭିଯୁକ୍ତର ଏକାଧିକ ବ୍ୟାଙ୍କ ଜମାଖାତାକୁ ଅଚଳ କରି ଦିଆଯାଇଛି। ରୋହିତକୁ କ୍ରାଇମ୍‌ବ୍ରାଞ୍ଚ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣି କୁଜଙ୍ଗ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ହାଜର କରାଯାଇଛି। ଡିଏସ୍‌ପି ଶ୍ରଦ୍ଧାଞ୍ଜଳି ପଣ୍ଡାଙ୍କ ନେତୃତ୍ୱରେ ତଦନ୍ତକାରୀ ଦଳ ଅଧିକ ଅନୁସନ୍ଧାନ ଜାରି ରଖିଛି।

ଗତ ୨୦୨୪ ମେ’ ୧୫ରେ ପାରାଦୀପର ଜଣେ ଅଭିଯୋଗକାରୀ ସାଇବର ଥାନାରେ ଏହି ଠକେଇ ସମ୍ପର୍କିତ ରିପୋର୍ଟ କରିଥିଲେ। ତାଙ୍କ ନାମରେ ଏକ ସନ୍ଦେହଜନକ ପାର୍ସଲଟି ଚୀନ୍‌ର ସାଂଘାଇକୁ ପଠାଯାଉଥିବା ବେଳେ ଦିଲ୍ଲୀ କଷ୍ଟମ୍ ବିଭାଗ ଦ୍ୱାରା ଜବତ କରାଯାଇଛି ବୋଲି ଫୋନ୍ ଯୋଗେ କୁହାଯାଇଥିଲା। ଏଥିରେ ବହୁ ପରିମାଣର ଏଟିଏମ୍ କାର୍ଡ, ୧୫ଟି ଭାରତୀୟ ପାସ୍‌ପୋର୍ଟ, ୨ଟି ଲାପଟପ୍ ରହିଥିଲା। ସାଇବର୍ ଠକମାନେ ଅଭିଯୋଗକାରୀଙ୍କୁ ସିବିଆଇ ଓ କଷ୍ଟମ ବିଭାଗର ଅଧିକାରୀ ଭାବେ ପରିଚୟ ଦେଇଥିଲେ। ଅଭିଯୋଗକାରୀଙ୍କୁ ଡିଜିଟାଲ ଆରେଷ୍ଟ କରାଯାଇଥିବା କୁହାଯାଇ ତାଙ୍କଠାରୁ ୭୩ ଲକ୍ଷ ୬୨ ହଜାର ଟଙ୍କା ଠକି ନେଇଥିଲେ ସାଇବର ଠକ। ତେବେ ଆଇନରେ ଡିଜିଟାଲ ଆରେଷ୍ଟ ବୋଲି କିଛି ନାହିଁ; ଏଣୁ ପୁଲିସ, ସିବିଆଇ, ବିଚାର ବିଭାଗ ଅଧିକାରୀ ପରିଚୟଦେଇ ଏଭଳି ଫୋନ ଆସୁଥିଲା, ସତର୍କ ରହିବାକୁ କ୍ରାଇମବ୍ରାଞ୍ଚ ପରାମର୍ଶ ଦେଇଛି।



## ବିଜେଡିର ଶୃଙ୍ଖଳା କମିଟିରେ ୭ ସଦସ୍ୟ

ଭୁବନେଶ୍ୱର,୨୨।୫(ସମିସ): ବିଜେଡି ସଭାପତି ନବୀନ ପଟ୍ଟନାୟକ ୭ ଜଣିଆ ରାଜ୍ୟସ୍ତରୀୟ ଶୃଙ୍ଖଳା କମିଟି ଗଠନ କରିଛନ୍ତି। କମିଟିରେ ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର, ପ୍ରଦୀପ କୁମାର ଅମାତ, ଚନ୍ଦ୍ରଶେଖର ସାହୁ, ଡ. ରାଜଶ୍ରୀ ମଲ୍ଲିକ, ସାରଦା ପ୍ରସନ୍ନ ଜେନା, ଶର୍ମିଷ୍ଠା ସେଠୀ ଓ ଡ. ଲୋପାମୁଦ୍ରା ବକ୍ସିପାତ୍ର ସଦସ୍ୟ ରହିଛନ୍ତି।

ଅଧାରେ ରହିଲା ଜଗା ଦର୍ଶନ

## ହାଇୱା ଧକ୍କାରେ ୨ ସାଙ୍ଗ ମୃତ

ଢେଙ୍କାନାଳ/ତ୍ରିଶୂଳିଆ, ୨୨।୫(ସମିସ): ଅଧାରେ ରହିଲା ଜଗାଦର୍ଶନ। ଜଗା ପାଖରେ ପହଞ୍ଚିବା ପୂର୍ବରୁ ଅଧା ବାଟରେ ଚାଲିଗଲା ଦୁଇ ସାଙ୍ଗଙ୍କ ଜୀବନ। କଟକ ଜିଲ୍ଲା ବାରଙ୍ଗ ଅନ୍ତର୍ଗତ ପୁରୀ ମୁଖ୍ୟ କେନାଲ ବନ୍ଧରାସ୍ତାର ସାନମୁଣ୍ଡଳୀ ଗ୍ରାମ ନିକଟରେ ଆଜି ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ଢେଙ୍କାନାଳ ସଦର ଥାନା ଶିମିଳିପାଟଣା ଗାନ୍ଧୀ ଛକ ଅଞ୍ଚଳର ରମେଶ ରାଉତଙ୍କ ପୁଅ ସମୀର ରାଉତ ଏବଂ ନୂଆସାହିର ସନ୍ତ ତୁଙ୍ଗ। ବାରଙ୍ଗ ଥାନା ପୁଲିସ୍ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ସୀମର ଓ ସନ୍ତ ଆଜି ଜଗନ୍ନାଥ ଦର୍ଶନ ନିମନ୍ତେ ଏକ ବାଇକ୍‌ରେ ପୁରୀ ବାହାରିଥିଲେ। ଭୋର୍‌ରେ ସେମାନେ ଆଠଗଡ଼ ଦେଇ ପୁରୀ ମେନ୍ କେନାଲ ରୋଡ୍‌ରେ ଯାଉଥିବା ବେଳେ ବାରଙ୍ଗ ଥାନା ସାନମୁଣ୍ଡଳୀ ଗ୍ରାମ ନିକଟରେ ଏକ ହାଇୱା ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକ ଦୁହିଁଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ତେବେ ସ୍ଥାନୀୟ ଲୋକେ ହାଇୱାକୁ ପିଛା କରି କିଛି ଦୂରରେ ଅଟକାଇଥିଲେ।

### କୋଟିଆ ପାଇଁ ଉଚ୍ଚସ୍ତରୀୟ କମିଟି ଗଠନ

## ରାଜସ୍ୱ ମନ୍ତ୍ରୀ ଅଧ୍ୟକ୍ଷ, ୧୧ ବିଭାଗର ସଚିବ ସଦସ୍ୟ

ଭୁବନେଶ୍ୱର,୨୨।୫(ସମିସ): ବହୁଚର୍ଚ୍ଚିତ କୋଟିଆ ବିବାଦ ସମାଧାନ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି ରାଜ୍ୟ ସରକାର। ଗୁରବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। କମିଟିରେ ମୋଟ ୧୬ ଜଣ ସଦସ୍ୟ ରହିଥିବା ବେଳେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଅଧ୍ୟକ୍ଷ ରହିଛନ୍ତି। ଏହି କମିଟି କୋଟିଆରେ କାର୍ଯ୍ୟନ୍ୱୟନ ହେଉଥିବା ବିଭିନ୍ନ ଯୋଜନା, ଦିଆଯାଉଥିବା ଅନୁଦାନର ସମୀକ୍ଷା କରିବ। ଏହାସହ ପଡ଼ୋଶୀ ରାଜ୍ୟ ଆନ୍ଧ୍ର ପକ୍ଷରୁ ସେଠାରେ କାର୍ଯ୍ୟନ୍ୱୟନ କରାଯାଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରି ତଦନୁଯାୟୀ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ସୁପାରିଶ କରିବ ବୋଲି ଜଣାପଡ଼ିଛି।

କମିଟିରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଏସଟି ଓ ଏସସି ବିଭାଗର ପ୍ରମୁଖ ସଚିବ, ଶ୍ରମ ବିଭାଗ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗର ପ୍ରମୁଖ ସଚିବ, ଗଣଶିକ୍ଷା, ଗ୍ରାମ୍ୟ ଉନ୍ନୟନ ବିଭାଗ, ପଞ୍ଚାୟତିରାଜ ଓ ସ୍ୱାସ୍ଥ୍ୟ ବିଭାଗର ସଚିବ, ଦକ୍ଷିଣାଞ୍ଚଳ ଆରଡିସି, ଦକ୍ଷିଣାଞ୍ଚଳ ଡିଆଇଜି, କୋରାପୁଟର ଜିଲ୍ଲାପାଳ ଏବଂ ଏସପିଙ୍କୁ ସଦସ୍ୟ ଭାବେ ନିଆଯାଇଛି। ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ଗତ ଏପ୍ରିଲ ୨୨ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କୋରାପୁଟ ଜିଲ୍ଲାର ପଟାଙ୍ଗୀ ବ୍ଲକ ଅନ୍ତର୍ଗତ କୋଟିଆ ଗ୍ରାମପୁଞ୍ଜର ସମସ୍ୟା ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। କୋଟିଆକୁ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଏହି ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏକ ସୁଦୃଢ଼ ପ୍ରଶାସନିକ ଢାଞ୍ଚା ପ୍ରସ୍ତୁତ କରିବାକୁ ବୈଠକରେ ସ୍ଥିରୀକୃତ ହୋଇଥିଲା। କୋଟିଆ ଅଞ୍ଚଳରେ ବିଭିନ୍ନ ବିଭାଗ ପକ୍ଷରୁ ଏକାଧିକ ଉନ୍ନତିମୂଳକ ଯୋଜନା କାର୍ଯ୍ୟକାରୀ କରାଯାଉଥିବା ବେଳେ ଏହାକୁ ଏକୀକୃତ କରି ଏହାକୁ ଏକ ଏକକ ସଂସ୍ଥା ଦ୍ୱାରା କାର୍ଯ୍ୟନ୍ୱୟନ କରିବାକୁ ବୈଠକରେ ସହମତି ପ୍ରକାଶ ପାଇଥିଲା। ଏତଦ୍ ବ୍ୟତୀତ ସ୍ଥାନୀୟ ଅଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ପର୍ବପର୍ବାଣୀର ପ୍ରଚାର ପ୍ରସାରର ଆବଶ୍ୟକତା ରହିଛି ବୋଲି ବୈଠକରେ ମତପ୍ରକାଶ ପାଇଥିଲା।

# ଜମି କିଣି ନିଲାମ କରିବେ ସରକାର

## ଅନୁସୂଚୀତ ଜାତି ଓ ଜନଜାତିଙ୍କ ଜମି ହଡ଼ପ ପାଇଁ ନୂଆ ଫନ୍ଦି !

ଭୁବନେଶ୍ୱର, ୨୨।୫ (ସମିସ): ଅନୁସୂଚୀତ ଜାତି ଓ ଜନଜାତି ଲୋକଙ୍କଠାରୁ ସରକାର କିଣିବେ ଜମି। ବର୍ଷେ ଦୁଇବର୍ଷ ମଧ୍ୟରେ ଏହାକୁ ପାଖରେ ରଖିବେ ଓ ଏହାପରେ ସର୍ବସାଧାରଣଙ୍କ ପାଇଁ ଏହାକୁ ନିଲାମ କରିବେ। ରାଜ୍ୟ ସରକାର ଖୁବ୍ ଶୀଘ୍ର ଏପରି ଏକ ନୀତି ଆଣିବାକୁ ଯାଉଛନ୍ତି ଓ ଖୋଦ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ଏହି ସୂଚନାକୁ ନେଇ ସାରା ରାଜ୍ୟରେ ଆରମ୍ଭ ହୋଇଛି ବିତର୍କ। ଏହି ବର୍ଗର ଲୋକମାନଙ୍କ ଜମି ହଡ଼ପ ପାଇଁ ଏହା ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ଓ ସରକାରଙ୍କୁ ହାତ କରି ଧନୀକ ଗୋଷ୍ଠୀ ଆଦିବାସୀ ଜମି ଦଖଲ କରିନେବେ ବୋଲି ସାଧାରଣରେ ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଏହି ପ୍ରସଙ୍ଗରେ ମନ୍ତ୍ରୀ ଦେଇଥିବା ଟିପ୍ପଣୀ ପରୋକ୍ଷରେ ଏହି ଧାରଣାକୁ ଅଧିକ ଦୃଢ଼ୀଭୂତ କରିଛି।


ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ଧନୀକ ଶ୍ରେଣୀର ବା ପ୍ରତିପତ୍ତି ସମ୍ପନ୍ନ ବ୍ୟକ୍ତିମାନେ ଚାପ ପକାଇ ଅନୁସୂଚିତ ଜାତି ଏବଂ ଜନଜାତି ଲୋକଙ୍କ ଠାରୁ ଜମି ହଡ଼ପ କରିପାରିବେନି। ଆଦିବାସୀମାନଙ୍କ ଜମି ସରକାର କିଣିବେ। ଏଥିପାଇଁ ଖୁବଶୀଘ୍ର ସରକାର ଏକ କର୍ପସ ଫଣ୍ଡ ଗଠନ କରାଯିବାକୁ ଯୋଜନା ହେଉଛି। ଝିଅ ବାହାଘର, ଚିକିତ୍ସା, ପିଲାଙ୍କ ଉଚ୍ଚ ଶିକ୍ଷା ପାଇଁ ଆଦିବାସୀମାନେ ଜମି ବିକ୍ରି କରିବାକୁ ଚାହିଁଲେ, ସେହି ଜମିକୁ ସରକାର କିଣି ଜମିକୁ ୨-୩ ବର୍ଷ ପର୍ଯ୍ୟନ୍ତ ସୁରକ୍ଷିତ ରଖିବେ। ଏହି ସମୟ ମଧ୍ୟରେ ପରେ ଜମି ମାଲିକ ଚାହିଁଲେ ପୁଣି ସରକାରଙ୍କ ଠାରୁ ସେହି ଜମି ପୁନଃ କ୍ରୟ କରିବେ। ଯଦି ଜମି ମାଲିକ ଆଉ ଜମି ଫେରାଇ ନେବାକୁ ଚାହିଁବେ ନାହିଁ, ତେବେ ଅନୁସୂଚିତ ଜନଜାତି ଲୋକଙ୍କ ପାଖରୁ କିଣା ଯାଇଥିବା ଜମି ନିଲାମ କରାଯିବ। ଏଥିପାଇଁ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସରକାରୀ କମିଟି ଗଠନ କରାଯାଇଛି। ଏଥିରେ ଏସ୍‌ଟି ଓ ଏସ୍‌ସି ବିଭାଗରର ପ୍ରମୁଖ ସଚିବ, ଏସ୍‌ଟି ଓ ଏସ୍‌ସି ବିଭାଗର ନିର୍ଦ୍ଦେଶକ, ବିଶେଷଜ୍ଞ, କିଛି ଅଭିଜ୍ଞ ଅଧିକାରୀ ରହିବେ। ସେମାନେ ଏ ବାବଦରେ ନିରୀକ୍ଷଣ କରି ରିପୋର୍ଟ ଦେବେ। ଏହାସହ ଅନୁସୂଚିତ ଜନଜାତି ଓ ଜାତି ମାନଙ୍କର ସଙ୍ଗଠନ, ବିଭିନ୍ନ ରାଜନୈତିକ ଦଳ, ଏସ୍‌ଟି ଏବଂ ଏସ୍‌ସି ବିଭାଗର ଗୃହ କମିଟି, ବିଧାୟକ ମାନଙ୍କର ପରାମର୍ଶ ମଧ୍ୟ ନିଆଯିବ। ସମସ୍ତଙ୍କ ପରାମର୍ଶ ନେଇ କମିଟି ରିପୋର୍ଟ ଦେଲାପରେ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ ଏଭଳି ବିବୃତ୍ତି ପରେ ଆଦିବାସୀଙ୍କ ଜମି ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ସରକାରୀ ନିୟମ ଅନୁଯାୟୀ ଆଦିବାସୀମାନଙ୍କ ଜମି ନେବା ଅନ୍ୟମାନଙ୍କ ପାଇଁ ସହଜ ହେଉ ନ ଥିବାରୁ ସରକାର ସେମାନଙ୍କଠାରୁ ଜମି ନେଇ ଧନୀକ ଶ୍ରେଣୀର ଲୋକମାନଙ୍କୁ ଟେକିଦେବା ଆଶଙ୍କା ସୃଷ୍ଟି ହୋଇଛି। ଯାହାକୁ ନେଇ ବିରୋଧୀ ସରକାରଙ୍କୁ ସମାଲୋଚନା କରିଛନ୍ତି। ଅନୁସୂଚୀତ ଜାତି ଓ ଜନଜାତିଙ୍କ ଜମି ହଡ଼ପକୁ ସରକାର ଏବେ ସରକାରୀକରଣ କରିବାକୁ ଯୋଜନା କରିଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି ।



# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-324 ♦BHUBANESWAR ♦FRIDAY ♦23 MAY 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୨ ♦ସଂଖ୍ୟା-୩୨୪ ♦ଭୁବନେଶ୍ୱର ♦ଶୁକ୍ରବାର ♦୨୩ ମେ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

‘ଭୂତ୍ ବଙ୍ଗଲା’ ସୁଟିଂ ସାରିଲେ ଅକ୍ଷୟ

▶ପୃଷ୍ଠା ୧୧ ଦେଖନ୍ତୁ...

# ୨୭ରେ ଲଘୁଚାପ

■ **ଭୁବନେଶ୍ୱର, ୨୨।୫ (ସମିସ):** ଆସନ୍ତା ୨୭ ତାରିଖ ବେଳକୁ ପଶ୍ଚିମ କେନ୍ଦ୍ରୀୟ ଓ ତା'ର ପାର୍ଶ୍ୱବର୍ତ୍ତୀ ଉତ୍ତର ବଙ୍ଗୋପସାଗରରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ପରବର୍ତ୍ତୀ ୨ ଦିନରେ ଅଧିକ ଘନୀଭୂତ ହେବ। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ୨୭-୩୧ ପର୍ଯ୍ୟନ୍ତ ବର୍ଷା ସମ୍ଭାବନା ରହିଛି। ଏହି ସମୟରେ କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ପୂର୍ବାନୁମାନ କରାଯାଉଛି। ଅନ୍ୟପଟେ ବଙ୍ଗୋପାସଗରରେ ଲଘୁଚାପ ସୃଷ୍ଟି ହେଲେ ଏହା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁକୁ ରାଜ୍ୟକୁ ଟାଣି ଆଣିବାରେ ସହାୟକ ହେବ। ତେଣୁ ମାସ ଶେଷକୁ ରାଜ୍ୟରେ ଭଲ ବର୍ଷା ହେବା ନେଇ ଏହା ସହାୟକ ହେବ। ଅନ୍ୟପକ୍ଷରେ ଆଗାମୀ ୨ରୁ ୩ ଦିନ ମଧ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳ ଉପକୂଳ ଛୁଇଁବା ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଥିବା ପାଣିପାଗ ବିଭାଗ କହିଛି। ଏଥିପାଇଁ କେରଳ ସହ ଦକ୍ଷିଣ ଭାରତ ରାଜ୍ୟଗୁଡ଼ିକରେ ପ୍ରବଳ ବର୍ଷା ଆରମ୍ଭ ହୋଇଛି। ଓଡ଼ିଶାରେ ମଧ୍ୟ ଅନେକ ସ୍ଥାନରେ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହୋଇଥିବା ଜଣାପଡ଼ିଛି। ଗୁରୁବାର ବିଶେଷ କରି ପଶ୍ଚିମ ଓଡ଼ିଶାର ଏକାଧିକ ଜିଲ୍ଲାରେ

**ମୌସୁମୀକୁ ଭିଡ଼ି ଆଣିବ**

ବର୍ଷା ହୋଇଛି। ଗତ ୨୪ ଘଣ୍ଟାରେ ଭୁବନେଶ୍ୱର ସମେତ ପ୍ରାୟ ରାଜ୍ୟର ସବୁ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବା ସହ ସ୍ଥାନେ ସ୍ଥାନେ ସ୍ୱଳ୍ପ ବର୍ଷା ହୋଇଛି। ଏହା ମୌସୁମୀ ଆଗମନର ପ୍ରାକ୍ ସୂଚନା ଦେଉଛି। ମୌସୁମୀ କେରଳ ଛୁଇଁବା ପରେ ୮-୧୦ ଦିନ ମଧ୍ୟରେ ଓଡ଼ିଶା ଛୁଇଁଥାଏ। ଚଳିତ ବର୍ଷ ମୌସୁମୀ ସଅଳ ଆସୁଥିବାରୁ ଓଡ଼ିଶାକୁ ମଧ୍ୟ ଜୁନ୍ ପ୍ରଥମ ସପ୍ତାହ ବେଳକୁ ଛୁଇଁବାର ଯଥେଷ୍ଟ ସମ୍ଭାବନା ରହିଛି।

# ଓଡ଼ିଶାକୁ ଫେରିଲା କରୋନା

## ଭୁବନେଶ୍ୱରରେ ପ୍ରଥମ ଆକ୍ରାନ୍ତ ଚିହ୍ନଟ



■ **ଭୁବନେଶ୍ୱର, ୨୨।୫ (ସମିସ):** ୩ ବର୍ଷ ବ୍ୟବଧାନ ପରେ ପୁଣି ଓଡ଼ିଶାକୁ ଫେରିଛି କରୋନା। ରାଜଧାନୀ ଭୁବନେଶ୍ୱରରେ ପ୍ରଥମ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତ ଜଣଙ୍କ ପୁରୁଷ ହୋଇଥିବା ବେଳେ ଏବେ ସେ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅଛନ୍ତି। ନିକଟରେ ସେ ଦିଲ୍ଲୀରୁ ଫେରିଥିବା ସୂଚନା ମିଳିଛି। ଆକ୍ରାନ୍ତ ବ୍ୟକ୍ତି ଜଣଙ୍କ ପୂର୍ବରୁ ବିଭିନ୍ନ ରୋଗରେ ପୀଡ଼ିତ ଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ବେଳେ ସେ କରୋନା ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। ସେ ଏବେ କ୍ୱାରାଣ୍ଟାଇନରେ ଅଛନ୍ତି। ଓଡ଼ିଶାକୁ କରୋନାର ନୂଆ ମାମଲା ସାମ୍ନାକୁ ଆସିବା ପରେ ରାଜ୍ୟବାସୀଙ୍କ ମଧ୍ୟରେ ଛନକା ପଶିଛି। ମାତ୍ର ଆତଙ୍କିତ ନ ହେବାକୁ ରାଜ୍ୟବାସୀଙ୍କୁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି।

### ଆତଙ୍କିତ ନ ହେବାକୁ କହିଲେ ସ୍ୱାସ୍ଥ୍ୟ ସଚିବ

ଦକ୍ଷିଣ ଏସିଆର ଚୀନ ଓ ସିଙ୍ଗାପୁରରେ କରୋନା କାୟା ବିସ୍ତାର କରିଥିବା ବେଳେ ଭାରତକୁ ମଧ୍ୟ ସଂକ୍ରମଣ ବ୍ୟାପିଛି। କରୋନାରେ ସଂକ୍ରମିତ ହୋଇ ମୁମ୍ବାଇରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ଭାରତରେ ୨୫୭ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଭୁବନେଶ୍ୱରରେ ପ୍ରଥମ କରି ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ କମିସନର ତଥା ଶାସନ ସଚିବ ଅଶ୍ୱଥି ଏସ୍ ଗଣମାଧ୍ୟମକୁ କହିଛନ୍ତି, ଚିନ୍ତାର କୌଣସି କାରଣ ନାହିଁ। ପରିସ୍ଥିତି ଉପରେ ଆମେ କଡ଼ା ନଜର ରଖିଛୁ। ଏହି ଷ୍ଟ୍ରେନ୍ ହାଲୁକା ଏବଂ କମ୍ ତୀବ୍ରତା ଯୁକ୍ତ।

ସେ ଆହୁରି କହିଛନ୍ତି, କେନ୍ଦ୍ର ଦ୍ୱାରା ଏପର୍ଯ୍ୟନ୍ତ କୌଣସି ସରକାରୀ ପରାମର୍ଶ ଜାରି କରାଯାଇ ନାହିଁ। ଭାରତ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶାବଳୀ ଜାରି ହେବା ପରେ, ଆମେ ସେହି ଅନୁସାରେ କାର୍ଯ୍ୟକାରୀ କରିବୁ। ପଜିଟିଭ୍ ପରୀକ୍ଷା କରାଯାଇଥିବା ରୋଗୀ ସୁସ୍ଥ ହେଉଛନ୍ତି। ନୂତନ ପ୍ରକାର ସ୍ୱାସ୍ଥ୍ୟ ବିପଦ ବୃଦ୍ଧି କରୁଥିବା ପରି ମନେ ହେଉନାହିଁ। ବର୍ତ୍ତମାନର ପରିସ୍ଥିତିରେ କଠୋର ପଦକ୍ଷେପ ନେବାର ଆବଶ୍ୟକତା ନାହିଁ। ଏହା ଏକ ପୃଥକ ମାମଲା। କୌଣସି କ୍ଲଷ୍ଟର୍ ପ୍ରାଦୁର୍ଭାବ କିମ୍ବା ବୃଦ୍ଧି ପାଉଥିବା ସଂକ୍ରମଣର ସୂଚନା ନାହିଁ। ଷ୍ଟ୍ରେନ୍‌ର ଗମ୍ଭୀରତା କମ୍ ରହିଛି ଏବଂ ପରିସ୍ଥିତି ବିଗିଡ଼ି ନାହିଁ ବୋଲି ସେ କହିଛନ୍ତି। ସେ ଏହା ମଧ୍ୟ ନିଶ୍ଚିତ କରିଛନ୍ତି ଯେ, ଯଦି ▶ପୃଷ୍ଠା-୭

# ଡଙ୍ଗା ବୁଡ଼ି ୨ ଶିଶୁ ସମେତ ମା’ ମୃତ

**ହାତୀ ଭୟରେ ଜଳଭଣ୍ଡାର ପାର୍ ହେଉଥିଲେ**



■ **ଦେବଗଡ଼, ୨୨।୫ (ସମିସ):** ନଦୀ ମଝିରେ ଡଙ୍ଗା ବୁଡ଼ି ଗୋଟିଏ ପରିବାରର ୩ଜଣଙ୍କ ଜୀବନ ଯାଇଛି। ଦେବଗଡ଼ ଜିଲ୍ଲା ରେଙ୍ଗାଲି ଜଳଭଣ୍ଡାରରେ ବୁଧବାର ବିଳମ୍ବିତ ରାତିରେ ଏହି ଅଘଟଣ ଘଟିଛି। ମୃତକମାନେ ହେଲେ, ନୂଆଡ଼ିହ ପଞ୍ଚାୟତ ଅନ୍ତର୍ଗତ ପୁଡ଼ାଡ଼ିହ ଗ୍ରାମର ବୁଲୁ ପେଣ୍ଟେଇଙ୍କ ପତ୍ନୀ ଜ୍ୟୋତ୍ସ୍ନା ପେଣ୍ଟେଇ (୨୬) ଏବଂ ତାଙ୍କର ଦୁଇପୁଅ ଆୟୁଷ(୫) ଓ ରିୟାଂଶ(୩)।

ରେଙ୍ଗାଲି ଜଳଭଣ୍ଡାରର ତଲେଇସର ଘାଟ ନିକଟରେ ଏକ ମଞ୍ଚା ବାନ୍ଧି ବୁଲୁ ନିଜ ସ୍ତ୍ରୀ ଓ ପିଲାମାନଙ୍କ ସହ ରହୁଥିଲେ। ଗତକାଲି ବିଳମ୍ବିତ ରାତିରେ ହଠାତ୍ ଏକ ହାତୀ ସେଠାରେ ପହଞ୍ଚିଯିବାରୁ ଭୟରେ ବୁଲୁ ସମସ୍ତଙ୍କୁ ଡଙ୍ଗାରେ ବସାଇ ନଦୀ ଆରପଟକୁ ଯାଉଥିଲେ। ଏହି ସମୟରେ କୌଣସି କାରଣରୁ ଡଙ୍ଗାଟି ଜଳଭଣ୍ଡାରରେ ବୁଡ଼ି ଯାଇଥିଲା। ଫଳରେ ସମସ୍ତେ ବୁଡ଼ି ଯାଇଥିଲେ। ସେମାନଙ୍କୁ ଉଦ୍ଧାର ପାଇଁ ବୁଲୁ ପ୍ରୟାସ କରିଥିଲେ ମଧ୍ୟ ତିନିଜଣଙ୍କୁ ଏକା ସାଙ୍ଗରେ ଧରି ▶ପୃଷ୍ଠା-୭

# କୃଷି ପୋଖରୀ ଖନନ ନାଁରେ ୨୦ ଲକ୍ଷର ଦୁର୍ନୀତି: ୪ ଗିରଫ

■ **ରାୟଗଡ଼ା, ୨୨।୫ (ସମିସ):** ମନରେଗା ଯୋଜନା ଅଧୀନରେ ୨୦ ଲକ୍ଷ ଟଙ୍କାରୁ ଅଧିକ ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ରାୟଗଡ଼ା ଜିଲ୍ଲା ଜଳ ବିଭାଜିକା ବିଭାଗର ସହାୟକ ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ତିନି ଜଣ ଅଧିକାରୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ରାୟଗଡ଼ା ପ୍ରକଳ୍ପ ନିର୍ଦ୍ଦେଶକ, ଜଳଛାୟାଙ୍କ କାର୍ଯ୍ୟାଳୟର ସହାୟକ ପ୍ରକଳ୍ପ ନିର୍ଦ୍ଦେଶକ, ସହ-ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସଂସ୍ଥା ଲେଭଲ-୧ ଅଧିକାରୀ ରାଜେନ୍ଦ୍ରନାଥ ନାଏକ, ମୃତ୍ତିକା ସଂରକ୍ଷଣ ପର୍ଯ୍ୟବେକ୍ଷକ ଯୋଗେନ୍ଦ୍ର ଖୋସଲା, ଦୀପକ କୁମାର ସାହୁ ଏବଂ ମୃତ୍ତିକା ସଂରକ୍ଷଣ ସଂପ୍ରସାରଣ କର୍ମୀ ଶ୍ରୀକୁମାର ନାୟକ। ଉକ୍ତ ୪ଜଣ ଅଧିକାରୀ ରାୟଗଡ଼ା ଜିଲ୍ଲାର ▶ପୃଷ୍ଠା-୭

# କର୍କଟ ରୋଗୀଙ୍କ ଆୟୁ କମାଉଛି ‘ଆୟୁଷ୍ମାନ’

## ମୁମ୍ବାଇରେ କର୍କଟ ରୋଗୀଙ୍କୁ ମିଳୁନି ସୁବିଧା
## ଭିଡିଓ ବାର୍ତ୍ତା କରି ରୋଗୀ ଓ ସମ୍ପର୍କୀୟଙ୍କ କ୍ଷୋଭ

■ **ବଲାଙ୍ଗିର, ୨୨।୫ (ସମିସ):** ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ବନ୍ଦ କରି ଆୟୁଷ୍ମାନ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ରୋଗୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ତୁଳନାରେ ଅଧିକ ସୁବିଧା ମିଳିବ ବୋଲି ଘୋଷଣା କରିଛନ୍ତି। ମାତ୍ର ବାସ୍ତବିକତା ହେଉଛି ଭିନ୍ନ, ଆୟୁଷ୍ମାନରେ ଚିକିତ୍ସା ପାଇଁ ମୁମ୍ବାଇ ଯାଇଥିବା ଓଡ଼ିଆ ରୋଗୀ କିପରି ହଇରାଣ ହରକତ ହୋଇଛନ୍ତି ତାହା ଶୁଣିବା ପରେ ଆୟୁଷ୍ମାନକୁ ଲୋକମାନେ ଅଭିଶାପ କହିବା ଆରମ୍ଭ କରିଛନ୍ତି। ଆୟୁଷ୍ମାନ ଯୋଜନା ଦ୍ୱାରା ପ୍ରଭାବିତ ହୋଇଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ମୁମ୍ବାଇରୁ ଭିଡିଓ ଜରିଆରେ ନିଜର କ୍ଷୋଭ ବ୍ୟକ୍ତ କରିଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବା ବିଏସ୍‌କେୱାଇ ଯୋଜନାରେ ପୂର୍ବରୁ ସେମାନେ ଅଧିକ ସୁବିଧା ପାଉଥିବାବେଳେ ବର୍ତ୍ତମାନ ଆୟୁଷ୍ମାନ ଯୋଜନାରେ ତାହା ମିଳୁ ନ ଥିବା ଅଭିଯୋଗ କରିଛନ୍ତି।




କଟକ ଜିଲ୍ଲାର କର୍କଟ ରୋଗୀ ସୁକାନ୍ତ କୁମାର ସାହୁ। ରୋଗରେ ଆକ୍ରାନ୍ତ ହେବା ପରେ ବିଏସ୍‌କେୱାଇ ଯୋଜନା ଜରିଆରେ ମୁମ୍ବାଇରେ ଚିକିତ୍ସିତ ହୋଇଥିଲେ। ଏହି କାର୍ଡକୁ ବ୍ୟବହାର କରି ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷାଠାରୁ ଆରମ୍ଭ କରି ଅପରେସନ ପର୍ଯ୍ୟନ୍ତ ସବୁତକ ଖର୍ଚ୍ଚ ତତ୍କାଳୀନ ରାଜ୍ୟ ସରକାର ବହନ କରିଥିଲେ। ଅପରେସନ ପରେ ନିୟମିତ ଚିକିତ୍ସା ମଧ୍ୟ କାର୍ଡ ଦ୍ୱାରା କରୁଥିଲେ। କିନ୍ତୁ ଏହା ଆୟୁଷ୍ମାନ କାର୍ଡ ହେବା ପରେ ମୁମ୍ବାଇରେ ଆଉ ପୂର୍ବ ଭଳି ସେବା ମିଳୁ ନ ଥିବା ସେ ଅଭିଯୋଗ କରିଛନ୍ତି। ସେହିପରି ଭଦ୍ରକ ଜିଲ୍ଲାର ଦୀପକ କୁମାର ସେନାପତି ନିଜର କର୍କଟ ପୀଡ଼ିତ ସ୍ତ୍ରୀଙ୍କୁ ମୁମ୍ବାଇରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି। ତାଙ୍କ କହିବା ଅନୁସାରେ ବିଏସ୍‌କେୱାଇ ଯୋଜନାରେ ମୁମ୍ବାଇକୁ ଆସି ସବୁପ୍ରକାର ପରୀକ୍ଷାଠାରୁ ଆରମ୍ଭ କରି ଅପରେସନ, ଔଷଧ ସବୁ ମାଗଣାରେ ମିଳୁଥିଲା କିନ୍ତୁ ଆଉ ▶ପୃଷ୍ଠା-୭

# କଂଗ୍ରେସ ଧାରଣାରେ ‘ଫାଟ’ ଜଳଜଳ

## ଭକ୍ତଙ୍କ ହାତ ଛାଡ଼ିଦେଲେ ଦଳର ହେଭିୱେଟ୍

■ **ଭୁବନେଶ୍ୱର, ୨୨।୫ (ସମିସ):** ପଛୁଆ ବର୍ଗଙ୍କୁ ଉପଯୁକ୍ତ ସଂରକ୍ଷଣ ଦାବି କରି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ନିକଟରେ ୨୪ ଘଣ୍ଟିଆ ଅହୋରାତ୍ର ଧାରଣା ଦେଇଛି ରାଜ୍ୟ କଂଗ୍ରେସ। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଗୁରୁବାର ରାତି ତମାମ କଂଗ୍ରେସର ଅନେକ କର୍ମୀ ଓ ନେତା ଏଠାରେ ଧାରଣାରେ ବସିଛନ୍ତି। ତେବେ ସଂରକ୍ଷଣ ବ୍ୟବସ୍ଥାରେ ସଂଶୋଧନ ଦାବିରେ କଂଗ୍ରେସର ଏହି ଧାରଣା ଦଳର ଅନ୍ତଃକନ୍ଦଳକୁ ପଦାରେ ପକାଇଛି। କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ନେବାର ମାତ୍ର ୪ ମାସ ନ ପୂରୁଣୁ ଦଳୀୟ ନେତା ଭକ୍ତଙ୍କ ହାତ ଛାଡ଼ି ଦେବା ତାଙ୍କ ପାଇଁ ଏକ ବଡ଼ ଆହ୍ୱାନ ଠିଆ କରିଛି।

- ୪ ମାସ ନ ପୂରୁଣୁ ପିସିସି ନେତୃତ୍ୱ ପ୍ରତି ପରୋକ୍ଷ ଆହ୍ୱାନ
- ତୁରନ୍ତ ଡକାଗଲା ରାଜନୈତିକ ବ୍ୟାପାର କମିଟି ବୈଠକ

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଲଗାତାର ଭାବରେ ସଂରକ୍ଷଣ ପ୍ରସଙ୍ଗକୁ ନେଇ ବିଜେପି ସରକାରଙ୍କୁ ଘେରୁଛନ୍ତି। ସାରା ଦେଶରେ କଂଗ୍ରେସ ନେତୃତ୍ୱ ଏହାକୁ ପ୍ରସଙ୍ଗ କରିଛି। ମାତ୍ର ରାଜ୍ୟରେ ଆଜି ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦଳର ଏକାଧିକ ବରିଷ୍ଠ ନେତା ଅନୁପସ୍ଥିତ ରହିବା ପରେ ଏକ ଭିନ୍ନ ଚର୍ଚ୍ଚା ଆରମ୍ଭ ହେଉଛି। ସୂଚନା ଅନୁଯାୟୀ ନିକଟରେ ପିସିସି ସଭାପତି ଗଠନ କରିଥିବା କମିଟିକୁ ନେଇ ଦଳରେ ବିଦ୍ରୋହ ସୃଷ୍ଟି ହୋଇଛି। ପିସିସି ସଭାପତି ନିଜର କମିଟିରେ କଂଗ୍ରେସର ହେଭିୱେଟ୍ ବା ସେମାନଙ୍କର ସମର୍ଥକଙ୍କୁ ସ୍ଥାନ ନ ଦେବା ଯୋଗୁଁ ଅସନ୍ତୋଷ ବଢ଼ି ଚାଲିଛି। ଖାସ ଏହି କାରଣ ପାଇଁ ୪ ଜଣ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଶରତ ପଟ୍ଟନାୟକ ଓ ପ୍ରସାଦ ହରିଚନ୍ଦନଙ୍କ ଭଳି ଟାଣୁଆ ନେତା ଏହି ସଂରକ୍ଷଣ ସମାବେଶରେ ଅନୁପସ୍ଥିତ ରହିଥିବା ଚର୍ଚ୍ଚା ହେଉଛି। ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ ଓ ଜୟଦେବ ଜେନା ▶ପୃଷ୍ଠା-୭






# ଭତ୍ତା ପାଇଁ ଘୁଷୁଡ଼ି ଘୁଷୁଡ଼ି ଗଲେ ୮୦ ବର୍ଷୀୟ ବୃଦ୍ଧ



■ **କେନ୍ଦ୍ରାପଡ଼ା, ୨୨।୫ (ସମିସ):** ଭତ୍ତା ଟଙ୍କା ପାଇଁ ୮୦ ବର୍ଷୀୟ ଜଣେ ବୃଦ୍ଧ ରାସ୍ତାରେ ଘୁଷୁଡ଼ି ଘୁଷୁଡ଼ି ପଞ୍ଚାୟତ ଅଫିସ୍‌କୁ ଯିବା ଭଳି ଏକ ଅପ୍ରୀତିକର ଘଟଣା ଆଜି କେନ୍ଦ୍ରାପଡ଼ା ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ବୃଦ୍ଧଜଣଙ୍କ ହେଲେ, କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ କୋର ପଞ୍ଚାୟତ, କୋର ଗ୍ରାମର ଶ୍ରୀଧର ସାହୁ।

ସୂଚନାନୁଯାୟୀ, ବାର୍ଦ୍ଧକ୍ୟଜନିତ ରୋଗ ମାଡ଼ି ବସିବା ଦିନଠାରୁ ଶ୍ରୀଧର ଆଉ ଭତ୍ତା ପାଇଁ ପଞ୍ଚାୟତ ଅଫିସ୍ ଯାଇ ପାରୁନଥିଲେ। ସେବେଠାରୁ ତାଙ୍କ ଝିଅ ପଞ୍ଚାୟତ ଅଫିସ୍‌ରୁ ଭତ୍ତା ଟଙ୍କା ଉଠାଇ ଆସୁଥିଲେ। କିନ୍ତୁ ଚଳିତଥର ପଞ୍ଚାୟତ ଅଧିକାରୀ ତାଙ୍କୁ ଭତ୍ତା ଟଙ୍କା ଦେବା ପାଇଁ ରୋକଠୋକ୍ ମନା କରିଦେଇଥିଲେ। ଖୋଦ୍ ଶ୍ରୀଧର ନ ଆସିଲେ ଭତ୍ତା ଦିଆଯିବ ନାହିଁ ବୋଲି କହିଥିଲେ। ତେଣୁ ଭତ୍ତା ଟଙ୍କାରେ କଷ୍ଟେମଷ୍ଟେ ମାସକ ଗୁଜୁରାଣ ମେଣ୍ଟାଉଥିବା ଶ୍ରୀଧର ଅନ୍ୟ କୌଣସି ଉପାୟ ନ ପାଇ ଆଜି ନିଜେ ରାସ୍ତାକୁ ବାହାରିଥିଲେ। ଚଲାବୁଲା କରିପାରୁନଥିବାରୁ ସେ ରାସ୍ତାରେ ଘୁଷୁଡ଼ି ଘୁଷୁଡ଼ି ପଞ୍ଚାୟତ ଅଫିସ୍ ଅଭିମୁଖେ ଯାଉଥିଲେ। ଏହା ଦେଖି କିଛି ପଥଚାରୀ ତାଙ୍କୁ ପଚରାଉଚରା କରିବାରୁ ପ୍ରକୃତ ଘଟଣା ପଦାକୁ ଆସିଥିଲା। କିଛି ସହୃଦୟ ବ୍ୟକ୍ତି ଏ ସଂପର୍କରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ଖବର ପାଇ ଅଧିକାରୀଜଣଙ୍କ ସେଠାକୁ ଆସି ଶ୍ରୀଧରଙ୍କୁ ଭତ୍ତା ଦେଇଥିଲେ। ଅପରପକ୍ଷେ, ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା।




# 'ସମ୍ବଲପୁରରେ ଫ୍ଲୋଟିଂ ସୋଲାର୍ ଏନର୍ଜି ଆଶା ଉଜ୍ଜ୍ୱଳ'

## ଜି-୨୦ ସେର୍ପା ଅମିତାଭ କାନ୍ତଙ୍କ ସମ୍ବଲପୁର ଓ ବରଗଡ଼ ଜିଲ୍ଲାର ସମୀକ୍ଷା

ସମ୍ବଲପୁର, ୨୨।୫ (ସମିସ)



ହୀରାକୁଦ ଦୁନିଆଁର ସବୁଠୁ ବଡ଼ ମାଟି ଡ୍ୟାମ୍। ଏହାଯୋଗୁଁ ବନ୍ୟା ରୋକିବା ସହ ଜଳସେଚନ ହୋଇ ଚାଷ ହୋଇପାରୁଛି। ଆଗକୁ ଆମେ ଗ୍ରୀନ୍ ଏନର୍ଜି ପାଇଁ ଏହା ଉପରେ ନିର୍ଭର କରିପାରିବା। ଏବେ ଆମେ କୋଇଲା ଶକ୍ତି ଉପରେ ନିର୍ଭର କରୁଛୁ। କୋଇଲାରୁ ପେଟ୍ରୋ କେମିକାଲରେ ଯିବା ଆବଶ୍ୟକ ରହିଛି। କୋଇଲା ଶକ୍ତି ସହିତ ଆମକୁ ଗ୍ରୀନ୍ ଏନର୍ଜି ପ୍ରସ୍ତୁତ କରିବା ଆବଶ୍ୟକ। ଏହି କ୍ଷେତ୍ରର ଜଳବାୟୁ ସ୍ଥିତି ବହୁତ ଭଲ ଅଛି। ଏଣୁ ହୀରାକୁଦ ନଦବାନ୍ଧର ପାଣି ଉପରେ ଗ୍ରୀନ୍ ଏନର୍ଜି ବା ସୌର ଶକ୍ତି ପ୍ରସ୍ତୁତ କରିପାରିବା। ଗୁଜରାଟରେ ଏହା ପ୍ରଧାନମନ୍ତ୍ରୀ କରିକି ଦେଖାଇଛନ୍ତି। ଏଠାରେ ଫ୍ଲୋଟିଂ ସୋଲାର୍ ଏନର୍ଜି କରାଯାଇପାରିବ। ଏହି କ୍ଷେତ୍ରକୁ କେବଳ କୋଇଲା ଓ ଆଲୁମିନିୟମ ନୁହେଁ ବରଂ ସୋଲାର୍ ଏନର୍ଜିରେ ଦେଶର ୧ ନମ୍ବର କ୍ଷେତ୍ର ହୋଇପାରିବ ବୋଲି ଜି-୨୦ ସେର୍ପା ଅମିତାଭ କାନ୍ତ କହିଛନ୍ତି। ଆଜି ବୁର୍ଲା ବୁର୍ଲା ଏମସିଏଲ ଜାଗୃତି ବିହାର ପ୍ରେକ୍ଷାଳୟରେ ଜି-୨୦ ସେର୍ପା ଅମିତାଭ କାନ୍ତ ସମ୍ବଲପୁର ଓ ବରଗଡ଼ ଜିଲ୍ଲାର ସମୀକ୍ଷା ବୈଠକ କରିଥିଲେ। ବୈଠକରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ବରଗଡ଼ ଜିଲ୍ଲାପାଳ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ ତଥା ଉଭୟ ଜିଲ୍ଲାର ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ। ଅମିତାଭ କାନ୍ତ ଝାରସୁଗୁଡ଼ା, ବରଗଡ଼ ଓ ସମ୍ବଲପୁର ଜିଲ୍ଲାର ବିଭିନ୍ନ ସ୍ଥାନ ଗସ୍ତ କରିଥିଲେ। ସେ ଆହୁକରି କହିଛନ୍ତି କୃଷି କ୍ଷେତ୍ରରେ କ୍ଷୁଦ୍ରଚାଷୀ ନିୟମିତ ଓ ଅତିରିକ୍ତ ଆମଦାନୀ ସକାଶେ ମତ୍ସ୍ୟଚାଷ, ଗୋପାଳନ, ଫୁଲଚାଷ, ଉଦ୍ୟାନକୃଷି କରିପାରିବେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କହିବାନୁଯାୟୀ ମୁଁ ଏଠାକୁ ଆସି ପରିଦର୍ଶନ କରିଥିବା ସେ ସୂଚନା ଦେବାସହ ଏହି ତିନି-ଚାରୋଟି ଜିଲ୍ଲା ତଥା ପଶ୍ଚିମ ଓଡ଼ିଶାକୁ ଆଗକୁ ଆଗେଇ ନେଇ ଦେଶର ଏକ ନମ୍ବର କ୍ଷେତ୍ର କରିବା ପାଇଁ ଯାହା ଆବଶ୍ୟକ କରିବି ବୋଲି କହିଛନ୍ତି। ଭାରତର ପ୍ରଗତି ଓ ବିକାଶରେ ପଶ୍ଚିମ ଓଡ଼ିଶାର ବହୁତ ବଡ଼ ଅବଦାନ ରହିଛି। ମୋର ଲକ୍ଷ୍ୟ ଥିଲା ଷ୍ଟାର୍ଟଅପ୍ ଇକୋ ସିଷ୍ଟମ, ଇନ୍‌କ୍ୟୁବେସନ ସିଷ୍ଟମ ଆଦି କେଉଁ ଉନ୍ନତି ବା ଅଭ୍ୟାସ ଦେଶ ବିଦେଶରେ ହେଉଛି ତାହାକୁ ଏଠାକୁ ଆଣି କାର୍ଯ୍ୟାନ୍ୱୟନ କରିବା। ଏଠାରେ ଆଇଆଇଏମ୍ ଅଛି, ଭିସୁଟ୍ ଅଛି ସେଠାକାର ଛାତ୍ରମାନଙ୍କୁ ନେଇ ଏଠାରେ ସିଲିକନ୍ ଭେଲି, ଇନ୍‌କ୍ୟୁବେସନ ସେଣ୍ଟର, ଷ୍ଟାର୍ଟଅପ୍ ମୁଭ୍‌ମେଣ୍ଟ ଆରମ୍ଭ କରିବା ଆବଶ୍ୟକ। କମ୍ୟୁନିଟି ଡେଭଲପମେଣ୍ଟ କ୍ଷେତ୍ରରେ ମୁଁ ସାରା ଭାରତରେ ଇକୋ ଟୁରିଜିମ୍ ପ୍ରକଳ୍ପ ଦେଖିଛି କିନ୍ତୁ ଡେବ୍ରିଗଡ଼ର ପ୍ରକଳ୍ପ ଶ୍ରେଷ୍ଠ। ଏହି ଅଞ୍ଚଳରେ ଯେଉଁ ଭିତ୍ତିଭୂମି ପ୍ରକଳ୍ପ ଗୁଡ଼ିକ ହେଉଛି ତାହା ସହିତ ସବୁଜିମା ବଢ଼େଇବାର ଆବଶ୍ୟକତା ରହିଛି। ସମ୍ବଲପୁର ମହାନଗର ନିଗମ ପରିମଳ କ୍ଷେତ୍ରରେ ସ୍ୱଚ୍ଛ ନିଗମ ହୋଇ ଇନ୍ଦୋର ଓ ସୁରଟ୍‌ଠାରୁ ଆଗକୁ ଯାଇ ସମ୍ବଲପୁରକୁ ଶ୍ରେଷ୍ଠ ହେବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ପାଉଁଶ ପ୍ରଦୂଷଣକୁ ନେଇ ଅମିତାଭ କାନ୍ତ କହିଛନ୍ତି, କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କିଛି ନିୟମ ରହିଛି ତାହାକୁ ମାନିବା ଆବଶ୍ୟକ। ଏହାସହ ଶିକ୍ଷାନୁଷ୍ଠାନ ଗୁଡ଼ିକ ଦାୟିତ୍ୱ ନେବା କଥା। ଝାରସୁଗୁଡ଼ା, ସମ୍ବଲପୁର ଆଦି ଦୁଇତିନୋଟି ଜିଲ୍ଲାକୁ ଗ୍ରୀନ୍ ଡିଷ୍ଟ୍ରିକ୍ଟ କରିବା ଆବଶ୍ୟକ।



ସମ୍ବଲପୁର ଉପକଣ୍ଠସ୍ଥ ଜୟନ୍ତପୁର ଛକ ନିକଟରେ ଅମଳପରେ ଶୁଖାଯାଇଛି ଡାଲୁଅ ଧାନ

# ଜୁନ ୧ରେ ଖୋଲିବ ହୀରାକୁଦ ଡ୍ୟାମ୍ ବନ୍ୟା ନିୟନ୍ତ୍ରଣ କକ୍ଷ

**ସମ୍ବଲପୁର, ୨୨।୫ (ସମିସ) :** ଆସନ୍ତା ଜୁନ ୧ ତାରିଖରୁ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ୨୪-ଘଣ୍ଟିଆ ହୀରାକୁଦ ଡ୍ୟାମ ପ୍ରକଳ୍ପର ବନ୍ୟା ନିୟନ୍ତ୍ରଣ କକ୍ଷ ଖୋଲିବ ବୋଲି ମହାନଦୀ ବେସିନ୍‌ର ମୁଖ୍ୟ ଯନ୍ତ୍ରୀ ଓ ବେସିନ ମ୍ୟାନେଜର ଜଣାଇଛନ୍ତି। ବୁର୍ଲାଠାରେ ଥିବା ହୀରାକୁଦ ଡ୍ୟାମ ପ୍ରକଳ୍ପର ମାଷ୍ଟର କଣ୍ଟ୍ରୋଲ ଷ୍ଟେସନରେ ଏହି ନିୟନ୍ତ୍ରଣ କକ୍ଷ ମୁଖ୍ୟ ଯନ୍ତ୍ରୀ ଓ ବେସିନ ମ୍ୟାନେଜରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରିବ। ମାଷ୍ଟର କଣ୍ଟ୍ରୋଲ ରୁମ୍‌ର ଟେଲିଫୋନ ନମ୍ବର ଓ ମୋବାଇଲ ନମ୍ବରରେ ଏହି ବାର୍ତ୍ତା ପ୍ରସାରଣ ଓ ଗ୍ରହଣ କରାଯିବ। ମୁଖ୍ୟଯନ୍ତ୍ରୀଙ୍କ ଅନୁପସ୍ଥିତିରେ ହୀରାକୁଦ ଡ୍ୟାମ ସର୍କଲ, ବୁର୍ଲା ମୁଖ୍ୟାଳୟର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ନିୟନ୍ତ୍ରଣ କକ୍ଷ ଦାୟିତ୍ୱରେ ରହିବେ। ମେନ୍ ଡ୍ୟାମ ଡିଭିଜନ, ବୁର୍ଲା ଅଧୀକ୍ଷଣ ଯନ୍ତ୍ରୀ ସମସ୍ତ ରିଜର୍‌ଭଏର୍ ଅପରେସନ୍ ୱାର୍କରେ ସହାୟତା କରିବେ ବୋଲି ମହାନଦୀ ବେସିନ ମୁଖ୍ୟଯନ୍ତ୍ରୀ ପତ୍ରସଂଖ୍ୟା ୨୫୮୯/ ୧୯.୫.୨୦୨୫ ଜରିଆରେ ସୂଚନା ଦେଇଛନ୍ତି। ବନ୍ୟା ନିୟନ୍ତ୍ରଣ କକ୍ଷ ଖୋଲାଯିବା ବାବଦରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ, ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟସଚିବ, ରାଜସ୍ୱ ବିଭାଗ ପ୍ରମୁଖ ସଚିବ, ବୋର୍ଡ ଅଫ୍ ରେଭିନ୍ୟୁ ସଚିବ, ଉତ୍ତରାଞ୍ଚଳ ଓ କେନ୍ଦ୍ରୀୟ ଆରଡିସି ତଥା ବିଭାଗୀୟ ବରିଷ୍ଠ ଅଧିକାରୀ ମାନଙ୍କୁ ସୂଚିତ କରାଯାଇଛି। ଏହାସହ ସମ୍ବଲପୁର, କଟକ, ବରଗଡ଼, ବଲାଙ୍ଗିର, ସୋନପୁର, ଫୁଲବାଣୀ, ନୟାଗଡ଼, ବୌଦ୍ଧ, ସୁନ୍ଦରଗଡ଼, କଳାହାଣ୍ଡି, ଯାଜପୁର, ଝାରସୁଗୁଡ଼ା, ଅନୁଗୋଳ, ଢେଙ୍କାନାଳ, କେନ୍ଦ୍ରାପଡ଼ା ଏବଂ ଜଗତସିଂପୁର ଜିଲ୍ଲାର ଜିଲ୍ଲାପାଳ ଓ ଅନ୍ୟମାନଙ୍କୁ ମଧ୍ୟ ଉପରୋକ୍ତ ସୂଚନା ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ଜୁଲାଇ ୨୮ ତାରିଖରେ ହୀରାକୁଦ ଜଳଭଣ୍ଡାରରୁ ପ୍ରଥମ ବନ୍ୟାଜଳ ନିଷ୍କାସିତ କରାଯାଇଥିବା ବେଳେ ୨୦୨୩ରେ ଜୁଲାଇ ୨୩ ତାରିଖ ହୀରାକୁଦ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ କରାଯାଇଥିଲା।

# ବିନା ଜମିପଟ୍ଟାରେ ଜାତି ପ୍ରମାଣପତ୍ର ଇସ୍ୟୁ ଦାବିକଲା ବିଏସ୍‌ପି

**ସମ୍ବଲପୁର, ୨୨।୫ (ସମିସ) :** ବିନା ଜମିପଟ୍ଟାରେ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ ମାନଙ୍କୁ ଜାତି ପ୍ରମାଣପତ୍ର ଇସ୍ୟୁ କରିବା ପାଇଁ ଆଜି ବହୁଜନ ସମାଜ ପାର୍ଟି ଦାବି କରିଛି। ବହୁଜନ ସମାଜ ପାର୍ଟି ସମ୍ବଲପୁର ଶାଖା ପକ୍ଷରୁ ଆଜି ବିଏସ୍‌ପି ଜିଲ୍ଲା ପ୍ରଭାରୀ ଅନିଲ ନାଏକଙ୍କ ନେତୃତ୍ୱରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଜିଲ୍ଲାପାଳଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ଦାବି ଗୁଡ଼ିକ ମଧ୍ୟରେ ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗଙ୍କ ପାଇଁ ଜାତି ପ୍ରମାଣପତ୍ର ସ୍ଥାୟୀ କରିବା, ଆବେଦନର ୨୪ ଘଣ୍ଟା ମଧ୍ୟରେ ଜାତି ପ୍ରମାଣପତ୍ର ଅନୁମୋଦନ କରିବା, ଜାତି ପ୍ରମାଣ ପତ୍ର ଦ୍ୱାରା ନବୀକରଣ ବିକଳ୍ପ ପ୍ରଦାନ, ସେଟେଲମେଣ୍ଟ ପଟ୍ଟା କିମ୍ବା ଅନ୍ୟପ୍ରକାର ଜମିପଟ୍ଟା ଅଛି ତାହାକୁ ନେଇ ଜାତି ପ୍ରମାଣପତ୍ର ଅନୁମୋଦନ, ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ପ୍ରି-ମ୍ୟାଟ୍ରିକ ଓ ପୋଷ୍ଟ ମ୍ୟାଟ୍ରିକ ସ୍କଲାରସିପ୍ ସକାଶେ ବାର୍ଷିକ ଆୟ ସୀମା ୨.୫ ଲକ୍ଷରୁ ବୃଦ୍ଧି କରାଯାଇ ୮ ଲକ୍ଷ କରାଯିବା, ଜାତି ପ୍ରମାଣପତ୍ର ଆବେଦନକାରୀକୁ ପରିଚୟ ପତ୍ର ଓ ବାସସ୍ଥାନ ପ୍ରମାଣ ଥିବା ତହସିଲରେ ଜାତି ପ୍ରମାଣପତ୍ର ପ୍ରଦାନ ଆଦି ରହିଛି।



## ଆଜିଠୁ ୨୬ ପାଇଁ ଅଭିଯୋଗ ପଞ୍ଜୀକରଣ

**ସମ୍ବଲପୁର, ୨୨।୫ (ସମିସ) :** ଆଜିଠାରୁ ଅଭିଯୋଗ ଶୁଣାଣି ପାଇଁ ଜନସାଧାରଣ ସ୍ଲଟ ପାଇଁ ପଞ୍ଜୀକରଣ କରିପାରିବେ। ଆସନ୍ତା ମେ ୨୬ ତାରିଖ ସମ୍ବଲପୁର ଜିଲ୍ଲା ବାମରା ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ମାଧ୍ୟମରେ ୨୩ ତାରିଖ ଶୁକ୍ରବାର ପୂର୍ବାହ୍ଣ ୧୧ଟାରୁ ଶନିବାର ଅପରାହ୍ଣ ସାଢ଼େ ୫ଟା ପର୍ଯ୍ୟନ୍ତ ସେମାନଙ୍କ ଅଭିଯୋଗ ପାଇଁ ସ୍ଲଟ୍ ପଞ୍ଜୀକରଣ କରିପାରିବେ। ଏଥିପାଇଁ ଜିଲ୍ଲାରେ ୧୦୦ଟି ସ୍ଲଟ୍ ଉପଲବ୍ଧ ରହିଛି। ଜନସାଧାରଣ ପଞ୍ଜିକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜ ଅଭିଯୋଗ ଜିଲ୍ଲାପାଳଙ୍କୁ ଜଣାଇପାରିବେ ବୋଲି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ସଂଯୁକ୍ତା କୁଲୁ ଜଣାଇଛନ୍ତି।

## ୨୪୦୦ ଲିଟର ପୋଚ ନଷ୍ଟ, ୫ ଗିରଫ

**ସମ୍ବଲପୁର, ୨୨।୫ (ସମିସ) :** ସମ୍ବଲପୁର ଅବକାରୀ ବିଭାଗ ପକ୍ଷରୁ ରେଙ୍ଗାଲି ଥାନା ଅନ୍ତର୍ଗତ ଓରାମ ପଡ଼ା ଓ ଶିଥପଡ଼ାରେ ଚଢ଼ଉ କରି ୨୪୦୦ ଲିଟର ମହୁଲ ପୋଚ ନଷ୍ଟ କରିବାସହ ଜଣେ ମହିଳାଙ୍କ ସମେତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ସେହିପରି ଅନ୍ୟ ଏକ ଘଟଣାରେ ଅବକାରୀ ବିଭାଗ ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ଠେଲକୋପଡ଼ାରୁ ୩୨୦ ଲିଟର ଦେଶୀ ମଦ ଜବତ କରିଛି। ଏହାସହ ସମ୍ପୃକ୍ତ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଉଭୟ ଘଟଣାକୁ ନେଇ ଅବକାରୀ ବିଭାଗ ଦୁଇଟି ପୃଥକ୍ ପୃଥକ୍ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରିଛି।

## ମହାମାୟା ମନ୍ଦିର ପରିସରରେ ସଫେଇ ଅଭିଯାନ

**ସମ୍ବଲପୁର, ୨୨।୫ (ସମିସ):** ଭୀମ ଭୋଇ ତରୁଣ ବ୍ୟବସାୟୀ ଶାଖା ର ସ୍ୱୟଂ ସେବକମାନେ ମହାମାୟା ମନ୍ଦିର ଭିତର ଓ ବାହାର ପରିସରକୁ ସଫେଇ କରିଥିଲେ। ଆଗକୁ ଶୀତଳଷଷ୍ଠୀ ଯାତ୍ରା ଥିବାବେଳେ ଏହି ରାସ୍ତାଦେଇ ଦେବଦମ୍ପତିଙ୍କ ନଗର ପରିକ୍ରମା ଶୋଭାଯାତ୍ରା ହୋଇଥାଏ। ସଫେଇ କାର୍ଯ୍ୟରେ ସମ୍ବଲପୁର ମହାନଗର ସେବା ଭାରତୀ ସଭାପତି ବିବେକାନନ୍ଦ ଦାଶ, ବୁଢ଼ାରଜା ନଗର କାର୍ଯ୍ୟବାହ ହରି ହରିପାଲ, ବ୍ୟବସ୍ଥା ପ୍ରମୁଖ ଆଦିତ୍ୟ ମିଶ୍ର, ଶାଖା କାର୍ଯ୍ୟବାହ ବିଶ୍ୱରଞ୍ଜନ ଜେନା, ମୁଖ୍ୟ ଶିକ୍ଷକ ଆକାଶ ପାଢ଼ୀ, ଗଣଶିକ୍ଷକ ଆଶୁତୋଷ ପଣ୍ଡା, ସେବା ପ୍ରମୁଖ ସାନ ଛତ୍ରିଆ, ସୁଶିଲ କୁମାର ସାହୁ, ସତ୍ୟବ୍ରତ କର୍ଣ୍ଣ, ଧିରେନ ମେହେର, ଗୋପାଳକୃଷ୍ଣ ଦୋରା, ବିଶ୍ୱଭୂଷଣ ବିଶ୍ୱାଳ, ରାଜବୀର ସିଂ, ଅଶୋକ ସିଂ, ବାବୁଲାଲ ଛନ୍ଦ, ହେମନ୍ତ ପାଣ୍ଡେ, ଧର୍ମେନ୍ଦ୍ର ପାଣ୍ଡେ, ଭାସ୍କର ମାର୍ଥା ପ୍ରମୁଖ ସ୍ୱୟଂ ସେବକ ମାନେ ଏହି କାର୍ଯ୍ୟରେ ସାମିଲ ହୋଇଥିଲେ।

# ଧାନବୋଝେଇ ଟ୍ରାକ୍ଟରକୁ ଜରିମାନା, ଚାଷୀଙ୍କ ବିରୋଧ

**ସମ୍ବଲପୁର, ୨୨।୫ (ସମିସ) :** ସମ୍ପ୍ରତି ରବି ଧାନ ସଂଗ୍ରହ ଚାଲିଥିବାବେଳେ ଧାନ ବୋଝେଇ ଟ୍ରାକ୍ଟର ଗୁଡ଼ିକୁ ଆଞ୍ଚଳିକ ପରିବହନ ବିଭାଗ ହଇରାଣ ହରକତ କରିବାସହ ବିଭିନ୍ନ କାରଣ ଦର୍ଶାଇ ୨୦ରୁ ୩୦ ହଜାର ଟଙ୍କା ଜୋରିମାନା କରୁଥିବା ଅଭିଯୋଗ ହୋଇଛି। ଏନେଇ ଗୁରୁବାର ଚାଉଁରପୁରର ଚାଷୀମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଜିଲ୍ଲା ପ୍ରଶାସନ ମାର୍କେଟୟାର୍ଡରୁ ନିଜେ ଧାନ ମିଲ୍‌କୁ ଧାନବସ୍ତା ନେଇ ଜମା କରିବା କଥା। କିନ୍ତୁ ସମସ୍ତ ସୁବିଧା ନଥିବାରୁ ଖରିଫ ଓ ରବି ଋତୁରେ ମଣ୍ଡିରୁ ମିଲ୍‌କୁ ନିଜେ ଚାଷୀ ଧାନ ନେଇଥାଏ। ଚାଷୀର ନିଜ ଟ୍ରାକ୍ଟର ବା ପରିବହନ ବ୍ୟବସ୍ଥା ନଥିବାରୁ ଭଡ଼ାରେ ଗାଡି ନେଇଥାଏ। ବହୁ ସମୟରେ ମିଲରେ ଅନଲୋଡିଂ ବିଳମ୍ବ ଯୋଗୁଁ ଚାଷୀ କ୍ଷତି ସହିଥାଏ। ଏହି ଧାନ ଗଲା ସମୟରେ ଆର୍‌ଟିଓ କର୍ତ୍ତୃପକ୍ଷ ଧାନଗାଡ଼ି ଅଟକାଇ ଚାଲାନ କାଟୁଛନ୍ତି। ଆର୍‌ଟିଓ ପକ୍ଷରୁ ଏଚ୍‌ଆରପିସି ନମ୍ବର ନାହିଁ, ଓଭରଲୋଡିଂ ଅଛି, ଚାଳକର ଲାଇସେନ୍ସ ନାହିଁ, ଗାଡ଼ି ହେଡ୍‌ଲାଇଟ୍‌ରେ କଳା କରାଯାଇନାହିଁ, ସଂକୁଚିତ ରାସ୍ତାରେ ଏତେ ଲୋଡ୍ ହେବା କଥା ନୁହେଁ ଏଭଳି ବିଭିନ୍ନ କାରଣ ଦର୍ଶାଇ ଗତ ୫ ବର୍ଷ ହେଲା ହଇରାଣ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଗୋଟିଏ ଗାଡ଼ିକୁ ୧୯ ହଜାର ଟଙ୍କା ଜୋରିମାନା କରିବାପରେ ଚାଷୀମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ସରୋଜ ମହାପାତ୍ର, ଗଣେଷ ମହନ୍ତମ, ଆଦିତ୍ୟ ପ୍ରସାଦ ନାୟକ, କୁଳମଣି ମେହେର, ଗୁପ୍ତେଶ୍ୱର ପଧାନ, ଆହ୍ଲାଦ ମେହେର, ଚୈତନ୍ୟ କାକତି, ବୃନ୍ଦାବନ ଦେହେରୀ, ତେଜବନ୍ତ ସେଠ ପ୍ରମୁଖ ବହୁ ସଂଖ୍ୟକ ଚାଷୀ ଉପସ୍ଥିତ ଥିଲେ।






### ମଣ୍ଡିରୁ ମିଲକୁ ଧାନନେଇ କ୍ଷତି ସହୁଛି ଚାଷୀ

## ପଞ୍ଚାୟତ ନିର୍ବାଚନ ବିଜ୍ଞପ୍ତି ପ୍ରସଙ୍ଗକୁ ନେଇ ରୋହିତଙ୍କ ପ୍ରଶ୍ନ

**ସମ୍ବଲପୁର, ୨୨।୫ (ସମିସ) :** ପୂର୍ବତନ ମନ୍ତ୍ରୀ ତଥା ନବନିଯୁକ୍ତ ଜିଲ୍ଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀ ନିର୍ବାଚନ ଆୟୋଗଙ୍କ ଦ୍ୱାରା ପଞ୍ଚାୟତ ନିର୍ବାଚନ ଘୋଷଣା ହେବାର ଠିକ୍ ଦିନକ ପରେ ବନ୍ଦ କରିବା ନିଷ୍ପତ୍ତିକୁ ନେଇ ଓଡ଼ିଶା ନିର୍ବାଚନ ଆୟୋଗ ଓ ସରକାରଙ୍କୁ ପ୍ରଶ୍ନ କରିଛନ୍ତି ଯେ କେଉଁ ଉଦ୍ଦେଶ୍ୟ ନେଇ ଏବଂ କାହାର ହିତ ପାଇଁ ପୂର୍ବୋକ୍ତ ଘୋଷଣାନାମାକୁ ଓଡ଼ିଶା ନିର୍ବାଚନ ଆୟୋଗ ଓ ସରକାର ବନ୍ଦ କଲେ ତାହା ସ୍ପଷ୍ଟ କରନ୍ତୁ। ଇଂ. ପୂଜାରୀ କହିଛନ୍ତି ଯେ ଥରେ ନିର୍ବାଚନ ତାରିଖ ଘୋଷଣା ହେଲା ପରେ କେବଳ ପ୍ରାର୍ଥୀ ପତ୍ର ଦାଖଲ କରିଥିବା ପ୍ରାର୍ଥୀ ମୃତାହତ ହେଲେ ନିର୍ବାଚନ ତାରିଖକୁ ପରବର୍ତ୍ତୀ ସମୟରେ ସ୍ଥିରୀକୃତ କରିବାର ଅଧିକାର ନିର୍ବାଚନ ଆୟୋଗଙ୍କ ପାଖରେ ଥାଏ। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ କେବଳ ପ୍ରାକ୍ ମୌସୁମୀ ଆଗମନକୁ ଆଳ ଦେଖାଇ ନିର୍ବାଚନ ପ୍ରକ୍ରିୟାକୁ ଘୁଞ୍ଚାଇଦେବା କେତେ ଦୂର ସମିଚୀନ ତାହା ସାଧାରଣ ଜନତା ଓ ଅନ୍ୟାନ୍ୟ ରାଜନୈତିକ ଦଳ ବିଚାର କରିବେ ବୋଲି ସେ କହିଛନ୍ତି। ଏହି ଘଟଣାରୁ ସ୍ପଷ୍ଟ ଆଭାସ ମିଳୁଛି ଯେ ବିଜେପି ଶାସିତ କେନ୍ଦ୍ର ଓ ରାଜ୍ୟ ସରକାର ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ସଖୀ କଣ୍ଢେଇ କରି ନିଜର ସ୍ୱାର୍ଥପାଇଁ ନଚାଉଛନ୍ତି। ଏହାର ଜବାବ ଆଗାମୀ ଦିନରେ ସାଧାରଣ ଜନତା ବିଜେପି ଦଳକୁ ନିଶ୍ଚିତ ଦେବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ରାଷ୍ଟ୍ରପତି ଭବନରେ ବୈଦିକ ଛାତ୍ରଛାତ୍ରୀ



**ସମ୍ବଲପୁର, ୨୨।୫ (ସମିସ):** ବୈଦିକ ଇଣ୍ଟରନ୍ୟାସନାଲ୍ ସ୍କୁଲ୍, ସମ୍ବଲପୁରର ଛାତ୍ରଛାତ୍ରୀ ମାନେ ସମ୍ପ୍ରତି ରାଷ୍ଟ୍ରପତି ଭବନକୁ ଆମନ୍ତ୍ରଣ ପାଇ ରାଷ୍ଟ୍ରପତିଙ୍କୁ ଭେଟିଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୈଦିକ ଛାତ୍ରଛାତ୍ରୀମାନଙ୍କୁ ତାଙ୍କ ଦୃଢ଼ ପ୍ରତିବଦ୍ଧତା ଓ ଉପଲବ୍ଧି ପାଇଁ ଶୁଭେଚ୍ଛା ଜଣାଇଥିଲେ। ଏହାସହ ବୈଦିକ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସକୁ ଭବିଷ୍ୟତରେ ଅଧିକ ଉନ୍ନତି ଓ ଦେଶଗଠନରେ ଅବଦାନ ଦେବାପାଇଁ ପ୍ରେରଣା ଦେଇଥିଲେ। ବୈଦିକ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ ଏବେ ସମ୍ବଲପୁର, ବରଗଡ଼ ଓ ଛତିଶଗଡ଼ର ରାୟଗଡ଼ରେ ତିନୋଟି ଶାଖା ପ୍ରତିଷ୍ଠା ସହିତ ଅତି ସଫଳ ଭାବରେ ଆଗେଇ ଚାଲିଛି ଓ ଏବେ ରାୟପୁର (ଛତିଶଗଡ଼) ରେ ଏକ ନୂଆ ଶାଖା ଆରମ୍ଭ କରିବାକୁ ପ୍ରସ୍ତୁତ ହୋଇଛି। ବୈଦିକ ଗ୍ରୁପ୍ ସବୁ ସମୟରେ ଏକ ଉତ୍ତମ ଶିକ୍ଷା ବ୍ୟବସ୍ଥା ମାଧ୍ୟମରେ ଭବିଷ୍ୟତ-ପ୍ରସ୍ତୁତ ନାଗରିକ ତିଆରି କରିବା ଓ ଶିକ୍ଷା ମାନଚିତ୍ରରେ ନୂଆ ମାଇଲଷ୍ଟୋନ ସୃଷ୍ଟି କରିବାକୁ ପ୍ରତିଶ୍ରୁତିବଦ୍ଧ।

## ବିଶ୍ୱ ପରିବେଶ ଦିବସ ଅଭିଯାନ

**ସମ୍ବଲପୁର, ୨୨।୫(ସମିସ):** ପ୍ରକୃତି ଓ ପରିବେଶ ସକାଶେ ସଚେତନତା ସୃଷ୍ଟି କରିବା ପାଇଁ ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ମେ ୨୨ରୁ ଜୁନ ୫ ତାରିଖ ପର୍ଯ୍ୟନ୍ତ 'ବିଶ୍ୱ ପରିବେଶ ଦିବସ' ଅଭିଯାନ ଆୟୋଜନ କରାଯାଉଛି। ଏହି ଅଭିଯାନରେ ଚାରାରୋପଣ, ସ୍ୱଚ୍ଛତା ଅଭିଯାନ ଓ ପଥପ୍ରାନ୍ତ ନାଟକ ଜରିଆରେ ଯାତ୍ରୀ ସଚେତନତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏନେଇ ରେଳମଣ୍ଡଳ ଅନ୍ତର୍ଗତ ରେଳବାଇ କଲୋନୀ, କାର୍ଯ୍ୟାଳୟ ଓ ବିଭିନ୍ନ ଷ୍ଟେସନରେ ସଚେତନତା ବ୍ୟାନର ପ୍ରଦର୍ଶନ କରାଯାଇଛି। ଜନସାଧାରଣଙ୍କୁ ପ୍ରକୃତି ଓ ପରିବେଶ ପ୍ରତି ସଚେତନ କରିବା ଉଦ୍ଦେଶ୍ୟରେ ରେଳନଗର ଠାରେ ବ୍ୟାନର ଓ ପ୍ଲାକାର୍ଡ ନେଇ ପ୍ରଭାତଫେରି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମ୍ବଲପୁର ରେଳମଣ୍ଡଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧୁରୀ, ଅତିରିକ୍ତ ରେଳମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂ ତଥା ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

## ରାଜ୍ୟ କୁସ୍ତି ପ୍ରତିଯୋଗିତାରେ ସମ୍ବଲପୁରର କୃତିତ୍ୱ



**ସମ୍ବଲପୁର, ୨୨।୫ (ସମିସ) :** ରାଜ୍ୟ କୁସ୍ତି ପ୍ରତିଯୋଗିତାରେ ସାଓଲିନ କୁଂଫୁ ଉଷୁ ଆସୋସିଏସନ ଦ୍ୱାରା ପରିଚାଳିତ କୁସ୍ତି ସଂଘର ଛାତ୍ରଛାତ୍ରୀମାନେ ଭାଗନେଇ କୃତିତ୍ୱ ଅର୍ଜନ କରିଛନ୍ତି। ବୈଷ୍ଣବୀ ପଟ୍ଟନାୟକ ଉଚ୍ଚକୋଟୀର ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ସହିତ ଟ୍ରଫି ଏବଂ ୬ ହଜାର ଟଙ୍କା ପୁରସ୍କାର ହାସଲ କରିଛନ୍ତି। ଏହାସହିତ ଭଲ ଖେଳ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲକରି ସମ୍ମାନିତ ହୋଇଥିବା ଖେଳାଳୀମାନେ ହେଲେ ବିଦ୍ୟାଶ୍ରୀ ଦାସ, ଭୂମିକା ଗହିର, ଶୁଭଶ୍ରୀ ମେହେର, ଦୀପେଶ ଦାଶ, ଜିଜ୍ଞାସୁ ଦୁର୍ଗା, ଲିଙ୍ଗରାଜ ମାଝି, କୃତି ମେହେର, ବିଦ୍ୟାଧର ବାଦୀ, ପ୍ରତ୍ୟୁଷମାନ ଗୁରୁଙ୍ଗ, ସମିର ବେହେରା। ଏହା ସମ୍ବଲପୁର ତଥା ପଶ୍ଚିମ ଓଡ଼ିଶାର କୁସ୍ତି ଖେଳାଳିଙ୍କ ପାଇଁ ଉତ୍ସାହ ପ୍ରଦାନ କରିପାରିଛି। ପ୍ରଶିକ୍ଷିକା ଗାୟତ୍ରୀ ମିଶ୍ର, ପୁଷ୍ପାଞ୍ଜଳି ସାହୁ, ସ୍ନିଗ୍ଧାରାଣୀ ଭାଜି, ଅଭିଭାବକ ଆଶା ସାମଲ, ସନ୍ଧ୍ୟା ପଟ୍ଟନାୟକ ଓ କ୍ଷମାନିଧି ବାଦି ତଥା ଆସୋସିଏସନ୍‌ର ପୁରାତନ ଛାତ୍ର ସୁଧିର ବହିଦାର ଏବଂ ସାଓଲିନ କୁଂଫୁ ଉଷୁ ଆସୋସିଏସନ ସମ୍ପାଦକ ସୁବାଷ ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ତାଙ୍କ ଚ୍ୟାମ୍ବରରେ କୃତୀ ପ୍ରତିଯୋଗୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ପୁରୀଠାରେ ଭାରତ ସେବାଶ୍ରମର ଶତବାର୍ଷିକୀ ଅବସରରେ ରାଜ୍ୟ କୁସ୍ତି ପ୍ରତିଯୋଗିତା ଆୟୋଜିତ ଚଳିତ ମାସ ୧୭ ଓ ୧୮ ତାରିଖ ଅନୁଷ୍ଠିତ ହୋଇଥିଲା।

■ ମହାନଗର ନିଗମ ଅଞ୍ଚଳରେ ଫ୍ଲାଏଆସ୍ ଡମ୍ପିଂ ପ୍ରସଙ୍ଗ

# ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ରିପୋର୍ଟ ଦାଖଲ

ସମ୍ବଲପୁର, ୨୨।୫ (ସମିସ)



ସମ୍ବଲପୁର ମହାନଗର ନିଗମ ୱାର୍ଡ ନଂ ୨୦ ଅନ୍ତର୍ଗତ ଡେଙ୍ଗସର୍ଗୀ ଗ୍ରାମ ଡେଙ୍ଗସର୍ଗୀ-ବକ୍ସିପଡ଼ା ରାସ୍ତା ଅଞ୍ଚଳରେ ଖାତା ନଂ. ୧୬୦ ପ୍ଲଟ୍ ନଂ. ୧୧ ସରକାରୀ ଜମିରେ ବେଆଇନ ଫ୍ଲାଏଆସ୍ ଡମ୍ପିଂ ହୋଇଥିବା ଅଭିଯୋଗ ହୋଇଥିଲା। ଏହା ନିକଟରେ ଜଳସେଚନ କେନାଲ ଥିବାବେଳେ ଚାଷ ଜମି ରହିଛି। ସାମାନ୍ୟ ବର୍ଷାରେ ଏହି ଜମି ଗୁଡ଼ିକରେ ଫ୍ଲାଏଆସ ପୋତି ହୋଇ ଫସଲ ନଷ୍ଟ ହେବା ଆଶଙ୍କା ରହିଛି। ଏହି ଅଞ୍ଚଳର ୩୦ରୁ ୫୦ ମିଟର ମଧ୍ୟରେ ଜନବସତି ମଧ୍ୟ ରହିଛି। ପାଉଁଶ ଉଡ଼ିବାସହ ସମଗ୍ର ଅଞ୍ଚଳ ପ୍ରଦୂଷିତ ହେବା ଆଶଙ୍କା ରହିଛି। ଏନେଇ ଅଭିଯୋଗ ପରେ ସରଜମିନ ତଦନ୍ତ କରିବାସହ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ଡଃ ସତ୍ୟନାରାୟଣ ନନ୍ଦ ଜିଲ୍ଲାପାଳଙ୍କୁ ସବିଶେଷ ରିପୋର୍ଟ ଦାଖଲ କରିଛନ୍ତି। ରିପୋର୍ଟ ଅନୁଯାୟୀ, ୧୨ ଡେସିମିଲ ଜମିରେ ୨ ମିଟର ଉଚ୍ଚତାରେ ପାଉଁଶ ପକାଯାଇଛି। ଏଥିଅନୁଯାୟୀ, ଫ୍ଲାଏଆସ୍ ପକାଯାଇଥିବା ଜାଗା ପ୍ରାୟ ୪୮୫.୬୪ ବର୍ଗ ମିଟର (୧ ଡେସିମିଲ = ୪୦.୪୭ ବର୍ଗମିଟର), ଉଚ୍ଚତା ୨.୫ ମିଟର ଏବଂ ଫ୍ଲାଏଆସ୍‌ର ବଲ୍କ ଡେନ୍ସିଟି ୧.୫ଗ୍ରାମ/ସିସି ବୋଲି ଉଲ୍ଲେଖ କରାଯାଇଛି। ଏହି ସ୍ଥାନରେ ହାରାହାରି ୧୮୨୧.୧୫ ମେଟ୍ରିକ ଟନ୍ ଫ୍ଲାଏଆସ୍ ଡମ୍ପିଂ କରାଯାଇଥିବା ଅନୁମାନ କରାଯାଉଛି। ଏହି ରିପୋର୍ଟରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କର୍ତ୍ତୃପକ୍ଷ ଗ୍ରାମ କମିଟି କରି ନଜର ରଖିବା ସହ ଏଭଳି ବେଆଇନ କାର୍ଯ୍ୟ ହେଉଥିବା ସମୟରେ ସ୍ଥାନୀୟ ପୁଲିସକୁ ତୁରନ୍ତ ଖବର ଦେବାସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ସକାଶେ ସୁପାରିଶ କରିଛନ୍ତି। ଡେଙ୍ଗସର୍ଗୀ ଓ ଆଖପାଖ ଅଞ୍ଚଳରେ ରାସ୍ତାକଡ଼ରେ ବେଆଇନ ଫ୍ଲାଏଆସ୍ ଡମ୍ପିଂ ହେଉଥିବାବେଳେ ଫ୍ଲାଏଆସ୍ ପକାଉଥିବା ବ୍ୟକ୍ତି ବା ପରିବହନକାରୀ ବିଷୟରେ ବୋର୍ଡ ଜାଣିବା ସମ୍ଭବପର ନୁହେଁ ବୋଲି କର୍ତ୍ତୃପକ୍ଷ କହିଛନ୍ତି।



ମ୍ୟୁନିକ୍ ବିଶ୍ୱକପ୍ ଖେଳିବେ ଶ୍ରୀୟଙ୍କା
▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-324 ♦BHUBANESWAR ♦FRIDAY ♦23 MAY 2025 ♦PAGE-12 ♦₹ 6.00
♦ବର୍ଷ-୪୨ ♦ସଂଖ୍ୟା-୩୨୪ ♦ଭୁବନେଶ୍ୱର ♦ଶୁକ୍ରବାର ♦୨୩ ମେ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦



# ସମ୍ପାଦକୀୟ



ଚାଳିଶ ବର୍ଷ ବୟସରେ ଜଣେ ଯୁବାବସ୍ଥାର ବାର୍ଦ୍ଧକ୍ୟରେ ଉପନୀତ ହୁଏ;ପଚାଶ ବର୍ଷରେ ସେ ବାର୍ଦ୍ଧକ୍ୟର ଯୁବାବସ୍ଥାରେ ପ୍ରବେଶ କରେ।
-ଭିକ୍ଟର ହ୍ୟୁଗୋ

ସକାଳ
THE SAKALA

## ବାଂଲାଦେଶୀ ବୋଝ

ଦେଶର ବିଭିନ୍ନ ଅଞ୍ଚଳରେ ଅବୈଧ ଭାବେ ବସବାସ କରିଆସୁଥିବା ବାଂଲାଦେଶୀ ଓ ରୋହିଙ୍ଗ୍ୟା ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ତୁରନ୍ତ ଦେଶାନ୍ତର କରିବା ପାଇଁ କେନ୍ଦ୍ର ସରକାର ଏକ କଡ଼ା ସମୟୋପଯୋଗୀ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳମାନଙ୍କୁ ବୈଧାନିକ କ୍ଷମତା ଓ ଅଧିକାର ପ୍ରଦାନ ସହିତ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଭାରତ ସୀମାନ୍ତରେ ପହରା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ସୀମା ସୁରକ୍ଷା ବାହିନୀ ଓ ଆସାମ୍ ରାଇଫଲ୍‌କୁ କୁହାଯାଇଛି। ସଦ୍ୟତମ ନିର୍ଦ୍ଦେଶ ଅନୁଯାୟୀ, ରାଜ୍ୟମାନେ ଅବୈଧ ଅନୁପ୍ରବେଶକାରୀଙ୍କ ତଥ୍ୟ ଓ ସୂଚନା ପ୍ରତି ମାସର ୧୫ ତାରିଖ ସୁଦ୍ଧା କେନ୍ଦ୍ର ସରକାରଙ୍କ ପାଖରେ ଦାଖଲ କରିବେ ଏବଂ ତାହାର ଏକକିତା ନକଲ ସୀମା ସୁରକ୍ଷା ଓ ତଟରକ୍ଷୀ କର୍ତ୍ତୃପକ୍ଷଙ୍କୁ ପଠାଇବେ। ବ୍ୟୁରୋ ଅଫ୍ ଇମିଗ୍ରିସନ୍ ଏଭଳି ଅବୈଧ ଅନୁପ୍ରବେଶକାରୀଙ୍କ ତାଲିକା ଇଣ୍ଟରନେଟ୍‌ରେ ସାର୍ବଜନୀନ କରିବା ସହିତ ଆଧାର କର୍ତ୍ତୃପକ୍ଷ, ନିର୍ବାଚନ ଆୟୋଗ, ବୈଦେଶିକ ମନ୍ତ୍ରଣାଳୟକୁ ପ୍ରଦାନ କରିବେ, ଯାହାଫଳରେ ଅବୈଧ ଅନୁପ୍ରବେଶକାରୀମାନେ ଆଉ ଆଧାର କାର୍ଡ, ପାସ୍‌ପୋର୍ଟ, ଭୋଟର ପରିଚୟ ପତ୍ର ହାତେଇ ପାରିବେ ନାହିଁ। ଯେଉଁମାନେ ହାତେଇ ନେଇଛନ୍ତି ସେଗୁଡ଼ିକୁ ଅକାମୀ କରିଦିଆଯିବ।

ପ୍ରଥମେ ଶରଣାର୍ଥୀ ଭାବରେ ଭାରତରେ ରହିବାକୁ ଆସୁଥିବା ଏହି ଅନୁପ୍ରବେଶକାରୀମାନେ ସୀମାନ୍ତ ରାଜ୍ୟଗୁଡ଼ିକରୁ ସମୟକ୍ରମେ ଦେଶର ବିଭିନ୍ନ ଅଞ୍ଚଳକୁ ବିକ୍ଷିପ୍ତ ଭାବେ ମାଡ଼ି ଯାଇ କେବଳ ସ୍ଥାୟୀ ବସତି ସ୍ଥାପନ କରୁନାହାନ୍ତି, ଭାରତୀୟ ନାଗରିକମାନେ ପାଉଥିବା ବିଭିନ୍ନ ସରକାରୀ ସୁବିଧା ସୁଯୋଗ ହାତେଇ ନେଉଛନ୍ତି। ସେମାନଙ୍କ ଯୋଗସୂତ୍ରରେ ରହି କାଳକ୍ରମେ ଆହୁରି ଅନେକ ବାଂଲାଦେଶୀ ଓ ରୋହିଙ୍ଗ୍ୟାମାନେ ଭାରତୀୟ ବସତିଗୁଡ଼ିକରେ ଯୋଗ ଦେଇ ସଂଖ୍ୟା ବୃଦ୍ଧି କରିଚାଲିଛନ୍ତି। ବିଭିନ୍ନ ଆପରାଧିକ କାର୍ଯ୍ୟକଳାପରେ ସେମାନଙ୍କ ସଂହଭାଗ ସମ୍ପୃକ୍ତି ଥିବା ବିଭିନ୍ନ ସମୟରେ ପ୍ରମାଣିତ ହୋଇଛି। ଆହୁରି ମଧ୍ୟ ବହିରାଗତଙ୍କ ପ୍ରଭାବରେ ବିଭିନ୍ନ ପ୍ରଦେଶର ଆଞ୍ଚଳିକ ସଂସ୍କୃତି ପ୍ରଭାବିତ ଏବଂ ପରିବେଶ ପ୍ରଦୂଷିତ ହେଉଛି। ତେଣୁ କେନ୍ଦ୍ର ସରକାରଙ୍କ ଉପରୋକ୍ତ ପଦକ୍ଷେପ ଏକ ଜରୁରୀ ଆବଶ୍ୟକତା।

ଏହି ନିଷ୍ପତ୍ତି ପ୍ରଥମ ନୁହେଁ। ଗତବର୍ଷ ୨୯୫ ବାଂଲାଦେଶୀଙ୍କୁ ତଡ଼ି ଦିଆଯାଇଥିବା ବେଳେ ଗତ ଏପ୍ରିଲ୍ ୩୦ ସୁଦ୍ଧା ୧୦୦ ବାଂଲଦେଶୀଙ୍କୁ ସେଠାକାର ସୀମା ସୁରକ୍ଷା ବାହିନୀକୁ ହସ୍ତାନ୍ତର କରାଯାଇଛି। କିନ୍ତୁ ପହଲ୍‌ଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ଏବଂ ବାଂଲାଦେଶର କାମଚଳା ଶାସକଙ୍କ ଭାରତ ବିରୋଧୀ ଆଭିମୁଖ୍ୟ ବୃଦ୍ଧି ପାଉଥିବା ପୃଷ୍ଠଭୂମିରେ ଭାରତ ସରକାର ଅନୁପ୍ରବେଶକାରୀଙ୍କ ପ୍ରତି ଆଭିମୁଖ୍ୟକୁ ଏଥର କଠୋର କରିଛନ୍ତି। ବାଂଲାଦେଶୀ ଓ ରୋହିଙ୍ଗ୍ୟାମାନେ ଭାରତରେ ଅନୁପ୍ରବେଶ ପରେ କେତେକ ସୀମାନ୍ତ ରାଜ୍ୟରେ କିଛିଦିନ ରହି ଅନ୍ୟ ରାଜ୍ୟକୁ ଯାଉଛନ୍ତି। ତେଣୁ ଏବେ ଯେଉଁ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି ସେଥିରେ ଅବୈଧ ଅନୁପ୍ରବେଶକାରୀଙ୍କ ବିଷୟରେ ମୂଳ ରାଜ୍ୟରୁ ୩୦ ଦିନ ମଧ୍ୟରେ ତଥ୍ୟ ସଂଗ୍ରହ ପାଇଁ ସମସ୍ତ ରାଜ୍ୟଙ୍କୁ କୁହାଯାଇଛି। ପୂର୍ବରୁ ଏଥିପାଇଁ ମାସ ମାସ ସମୟ ଲାଗୁଥିଲା। ଗୁଜୁରାଟ୍ ଇତିମଧ୍ୟରେ ୬,୫୦୦ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ଅଟକ ରଖିଥିବା ବେଳେ ରାଜସ୍ଥାନ ସରକାର ଏକ ସ୍ୱତନ୍ତ୍ର ବିମାନ ଯୋଗେ ୧୪୮ ଜଣ ଅନୁପ୍ରବେଶକାରୀଙ୍କୁ ପଶ୍ଚିମବଙ୍ଗ ପଠାଇ ଦେଇଛନ୍ତି, ଯେଉଁଠାରୁ ସେମାନଙ୍କୁ ନିଜ ଦେଶ ବାଂଲାଦେଶ ଓ ମ୍ୟାଁମାର ପଠାଇ ଦିଆଯିବ। ରାଜ୍ୟ ସରକାରମାନଙ୍କ ସହଯୋଗ ଓ ସମନ୍ୱୟ ମିଳିଲେ କେନ୍ଦ୍ର ସରକାରଙ୍କ ଏହି ମହତ୍ ଲକ୍ଷ୍ୟ ପୂରଣ ହୋଇପାରିବ। କିନ୍ତୁ ଏଥିରେ ଯେଉଁ କେତେକ ଅପ୍ରୀତିକର ଓ ଅବାଞ୍ଛିତ କାରକମାନ ରହିଛି ତାହା ପ୍ରଥମେ ଦୂର କରିବାକୁ ପଡ଼ିବ।

କେବଳ ଓଡ଼ିଶା କଥା ଦେଖାଯାଉ। ବାଂଲାଦେଶୀଙ୍କୁ ତଡ଼ିବା ପୂର୍ବରୁ ସେମାନଙ୍କୁ ଅବୈଧ ଅନୁପ୍ରବେଶକାରୀ ଭାବେ ପ୍ରମାଣିତ କରିବାକୁ ପଡ଼ିବ। ଏ କାମଟି ସହଜ ନୁହେଁ। ୩୦ ଦିନର କଣ୍ଟ ମଧ୍ୟ ଏଥିପାଇଁ ଯଥେଷ୍ଟ ନୁହେଁ। ଓଡ଼ିଶାର କେନ୍ଦ୍ରାପଡ଼ା, ରାଜନଗର, ଜଗତସିଂହପୁର ଆଦି ଅଞ୍ଚଳ ଅନୁପ୍ରବେଶକାରୀ ଅଧ୍ୟୁଷିତ ଅଞ୍ଚଳ ଭାବେ କୁଖ୍ୟାତି ଅର୍ଜନ କରିଥିବାରୁ ରାଜ୍ୟ ସରକାର ପ୍ରଥମେ ସେହି ଅଞ୍ଚଳକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। କିନ୍ତୁ ଖୋଦ୍ ରାଜଧାନୀ ଉପକଣ୍ଠ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ହଜାର ହଜାର ସଂଖ୍ୟାରେ ବାଂଲାଦେଶୀ ଅନୁପ୍ରବେଶକାରୀମାନେ ଏକାଧିକ ପିଢ଼ି ଧରି ଆସ୍ଥାନ ଜମାଇ ରହିଛନ୍ତି। ଭୋଟର ପରିଚୟ ପତ୍ର, ଆଧାର କାର୍ଡ, ରାସନ୍ କାର୍ଡ ତ ସାଧାରଣ କଥା, ସେମାନେ ସେହି ସବୁ ଅଞ୍ଚଳରେ ଜମି ପଟ୍ଟା ହାତେଇ ନେଇ ସ୍ଥାୟୀ ବସବାସର ଦଲିଲ୍ ପ୍ରସ୍ତୁତ କରିସାରିଛନ୍ତି। ମାଲକାନଗିରି ଅଞ୍ଚଳରେ ସେମାନେ ଜନବସତି(ଡାଏସ୍ପୋରା) ସ୍ଥାପନ କରିସାରିଛନ୍ତି। ଅନୁପ୍ରବେଶକାରୀ ଚିହ୍ନଟ ବେଳେ ସେମାନଙ୍କ ପରିବାରରେ ସଦ୍ୟତମ ଯୋଗ ଦେଇଥିବା ବହିରାଗତଙ୍କୁ ଅବୈଧ ଅନୁପ୍ରବେଶକାରୀ ବୋଲି ଧରାଯିବ କି ନାହିଁ ତାହା ଏକ ଜଟିଳ ପ୍ରଶ୍ନ। ତା'ଛଡ଼ା ଯେଉଁ ବାଂଲାଦେଶୀ କିମ୍ବା ରୋହିଙ୍ଗ୍ୟା ଅନୁପ୍ରବେଶକାରୀମାନେ ବହୁବର୍ଷ ଧରି ରହିଆସିଛନ୍ତି ଅଥଚ ଜମି ପଟ୍ଟା ପାଇପାରିନାହାନ୍ତି ସେମାନଙ୍କୁ ଚିହ୍ନଟ କରି ତଡ଼ିବା ବେଳେ ସେମାନଙ୍କ ସମସାମୟିକ ପଟ୍ଟାଧାରୀ ଅନୁପ୍ରବେଶକାରୀମାନଙ୍କୁ କାହିଁକି ତଡ଼ିଦିଆଯିବ ନାହିଁ ସେହି ନ୍ୟାୟିକ ଓ ମାନବାଧିକାରର ପ୍ରଶ୍ନ ମଧ୍ୟ ଉଠିବ।

ଆଉ ଏକ ଜଟିଳ ସମସ୍ୟା ହେଉଛି ଅବୈଧ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ପରେ ସେମାନଙ୍କୁ ଫରେନର୍ସ ରେଜିଷ୍ଟ୍ରାର କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିବା ପର୍ଯ୍ୟନ୍ତ ଅଟକ ଶିବିରରେ ରଖାଯିବ। ଏଥିପାଇଁ ଜିଲ୍ଲାସ୍ତରରେ ଅଟକ ଶିବିରମାନ ନିର୍ମାଣ ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ଅଟକ ଶିବିର ନିର୍ମାଣ ଓ ଅଟକ ଶରଣାର୍ଥୀଙ୍କ ଭରଣପୋଷଣ ପାଇଁ ରାଜ୍ୟ ରାଜକୋଷ ଉପରେ ଅଯଥା ଖର୍ଚ୍ଚ ଓ ଚାପ ପଡ଼ିବ। ଗତ ଫେବୃଆରୀ ମାସରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ ଯେ ବେଆଇନ ଅନୁପ୍ରବେଶକାରୀଙ୍କୁ ଭାରତରେ ଅନୁପ୍ରବେଶ କରିବାରେ ଏବଂ ସେମାନଙ୍କୁ ବିଭିନ୍ନ ପ୍ରମାଣପତ୍ର ଯୋଗାଇ ଦେବାରେ ସହାୟତା କରୁଥିବା ତତ୍ତ୍ୱମାନଙ୍କ ବିପକ୍ଷରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କହିବା ବାହୁଲ୍ୟ ମାତ୍ର ଯେ ଅନୁପ୍ରବେଶକାରୀଙ୍କୁ ଭୋଟର ପରିଚୟ ପତ୍ର ଦେବାରେ ସ୍ଥାନୀୟ ରାଜନୈତିକ ବ୍ୟକ୍ତିବିଶେଷଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଛି। ପ୍ରଥମେ ଭୋଟ ରାଜନୀତିର ଏକ ଅଙ୍ଗ ହୋଇଯାଇ ସେମାନେ ଭୋଟର ପରିଚୟ ପତ୍ର ଆଧାରରେ ରାସନ୍ ଓ ଆଧାର କାର୍ଡ ହାତେଇ ନେଇ ଭାରତୀୟତାର ପ୍ରମାଣ ଦେଇ ପରବର୍ତ୍ତୀ ସମୟରେ ଆଇନ ଶୃଙ୍ଖଳା ଓ ବୈଧାନିକ ଜଟିଳତା ସୃଷ୍ଟି କରୁଛନ୍ତି। ତେଣୁ ଅବୈଧ ଅନୁପ୍ରବେଶକାରୀଙ୍କୁ ବୈଧ କରିବାରେ ପ୍ରଚ୍ଛନ୍ନ ଭୂମିକା ନିର୍ବାହ କରୁଥିବା ସମ୍ପୃକ୍ତ ରାଜନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ତ? ଏଥିପାଇଁ ନିର୍ଦ୍ଦେଶନାମା ଓ ମାର୍ଗଦର୍ଶିକା ପ୍ରାଞ୍ଜଳ ଓ ସବିଶେଷ ହେବା ବାଞ୍ଛନୀୟ।

## ତୃତୀୟଲିଙ୍ଗୀ: ପରିଚୟ ବନାମ ଗ୍ରହଣୀୟତା

ଡକ୍ଟର ଅବଶ ପରିଡ଼ା

କିଛିଦିନ ତଳେ ଓଡ଼ିଶା ସରକାର ଟ୍ରାନ୍ସଜେଣ୍ଡର ବା ତୃତୀୟ ଲିଙ୍ଗୀ କଲ୍ୟାଣ ବୋର୍ଡ ଗଠନ କରିଛନ୍ତି। ତୃତୀୟଲିଙ୍ଗୀଙ୍କ କଲ୍ୟାଣ, ବିକାଶରେ ସହାଭାଗିତା, ସମାନତା ଓ ସାମାଜିକ ଗ୍ରହଣୀୟତା ଏହାର ମୁଖ୍ୟ ଲକ୍ଷ୍ୟ। ଏହା ଏକ ଭଲ ପଦକ୍ଷେପ; କିନ୍ତୁ ଅନେକ ସାମାଜିକ ବିଜ୍ଞାନ ଗବେଷଣାରେ ଦେଖାଯାଇଛି ଯେ ସାଧାରଣ ଲୋକଙ୍କ ମଧ୍ୟରେ ଟ୍ରାନ୍ସଜେଣ୍ଡରଙ୍କୁ ନେଇ ଅନେକ ଭୁଲ ଧାରଣା ରହିଛି। ଏହା ଦୂର ନ ହେବା ପର୍ଯ୍ୟନ୍ତ ଟ୍ରାନ୍ସଜେଣ୍ଡରଙ୍କ ପ୍ରତି ସକାରାତ୍ମକ ମାନସିକତା ସୃଷ୍ଟି ହୋଇପାରିବ ନାହିଁ।

ଟ୍ରାନ୍ସଜେଣ୍ଡର ଶବ୍ଦଟି ଏକ ବହୁଳ ବ୍ୟବହୃତ ଶବ୍ଦ। କିନ୍ତୁ ବେଶପୋଷାକ, ରୂପାକୃତି କିମ୍ବା ଆଚରଣ ବାସ୍ତବିକ ଲିଙ୍ଗ ଅନୁରୂପ ହେଉନଥିବା ପ୍ରତ୍ୟେକ ବ୍ୟକ୍ତି ଟ୍ରାନ୍ସଜେଣ୍ଡର ନୁହନ୍ତି। ବ୍ୟକ୍ତିବିଶେଷଙ୍କ ଦୃଷ୍ଟିକୋଣ, ଜ୍ଞାନ ଓ ଅଭିଜ୍ଞତାକୁ ଆଧାର କରି ଟ୍ରାନ୍ସଜେଣ୍ଡର ବା ତୃତୀୟଲିଙ୍ଗୀ ଭଳି ଶବ୍ଦର ପରିଭାଷା ଏବଂ ବ୍ୟବହାର ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି। ଟ୍ରାନ୍ସଜେଣ୍ଡର ଶବ୍ଦଟି ଏକ ଲାଟିନ୍ ଶବ୍ଦ 'ଟ୍ରାନ୍ସ' ରୁ ଆସିଛି, ଯାହାର ଅର୍ଥ 'ଅନ୍ୟପାଶ୍ୱର୍ରେ'। ସରଳରେ ଏହାର ଅର୍ଥ ହେଉଛି ଯେ ଜନ୍ମସମୟରେ ନିର୍ଦ୍ଦିଷ୍ଟ ହୋଇଥିବା ଲିଙ୍ଗ ପରବର୍ତ୍ତୀ ସମୟରେ 'ଅନ୍ୟ ପାଶ୍ୱର୍ରେ' ନିଜକୁ ଚିହ୍ନଟ କରିବାର ଏକ ପ୍ରକ୍ରିୟା। 'ଟ୍ରାନ୍ସଜେଣ୍ଡର' ଶବ୍ଦଟି ପୁରୁଷ ଓ ମହିଳା ବ୍ୟତୀତ ଅନ୍ୟ ସମସ୍ତ ଲିଙ୍ଗ ପରିଚୟକୁ ଅନ୍ତର୍ଭୁକ୍ତ କରେ।

ଏକ ଗବେଷଣା 'ଟ୍ରାନ୍ସଜେଣ୍ଡର ଆଇଡିଣ୍ଟି'ରେ ତିରିଶରୁ ଅଧିକ 'ଅନ୍ୟାନ୍ୟ ଲିଙ୍ଗ ପରିଚୟ' ଉଲ୍ଲେଖ ରହିଛି। ଉଦାହରଣ ସ୍ୱରୂପ, ଟ୍ରାନ୍ସସେକ୍ସଉଆଲ ବା ପରଲୈଙ୍ଗିକ, ନନ୍-ବାଇନାରି, କୁଇର, ଏଜେଣ୍ଡର, ବହୁଲିଙ୍ଗୀ, ନ୍ୟୁଟ୍ରୋଇସ୍, ଆଣ୍ଡ୍ରୋଗିନ୍, ଆନ୍ତଃଲିଙ୍ଗୀ, ଡେମିଜେଣ୍ଡର, ଆପୋରା-ଜେଣ୍ଡର, ଟ୍ରାନ୍ସ ଟ୍ରାନ୍ସମ୍ୟାନ୍। ଏସବୁ କିଛି ବ୍ୟବହାର ଦ୍ୱାରା ଏବଂ କିଛି ଡାକ୍ତରଙ୍କ ଅସ୍ତ୍ରୋପଚାର ଦ୍ୱାରା ନିର୍ମିତ। ଉଦାହରଣତଃ ଟ୍ରାନ୍ସଜେଣ୍ଡର ମହିଳା। ଜନ୍ମସମୟରେ ପୁରୁଷ ଭାବରେ ଚିହ୍ନଟ କରାଯାଇଥିବା ସତ୍ତ୍ୱେ ପରବର୍ତ୍ତୀ ସମୟରେ ନିଜ ଲିଙ୍ଗ ପରିଚୟ, ଆତ୍ମଭାବନା, ଆଚରଣ, ବ୍ୟବହାର ଓ ଜୀବନଯାପନ ଜଣେ ମହିଳା ଭାବରେ ଦର୍ଶାଉଥିବା ବ୍ୟକ୍ତିବିଶେଷ ଏହି ଶ୍ରେଣୀଭୁକ୍ତ। ଭାରତରେ ହିଜରା ବା ହିଜିଡ଼ା ସମ୍ପ୍ରଦାୟ ହେଉଛି ଟ୍ରାନ୍ସଜେଣ୍ଡର ମହିଳା ଶ୍ରେଣୀର ଏକ ଉଦାହରଣ।

'ଲିଙ୍ଗ ପରିଚୟ' ହେଉଛି ନିଜକୁ ପୁରୁଷ କିମ୍ବା ମହିଳା ଭାବରେ ଜାଣିବାର ବ୍ୟକ୍ତିଗତ ଭାବନା। ଯେତେବେଳେ ଏହା ଆଚରଣ ଓ ବ୍ୟବହାରରେ ପ୍ରକାଶିତ ହୁଏ, ଆମେ ଏହାକୁ 'ଲିଙ୍ଗ ଭୂମିକା' ବୋଲି କହିଥାଉ। ଲିଙ୍ଗ ଭୂମିକା ଏବଂ ଲିଙ୍ଗ ପରିଚୟ ଦ୍ୱାରା ଜଣେ ବ୍ୟକ୍ତି ବିଷମଲିଙ୍ଗୀ ହେବ ନା ସମଲିଙ୍ଗୀ ତାହା ନିର୍ଣ୍ଣୟ ହୁଏ। କିନ୍ତୁ ଟ୍ରାନ୍ସଜେଣ୍ଡର ବା ତୃତୀୟଲିଙ୍ଗୀଙ୍କ କ୍ଷେତ୍ରରେ ଲିଙ୍ଗ ପରିଚୟ ସହିତ ସେମାନଙ୍କର 'ଶରୀରଗତ ଲିଙ୍ଗ' ମେଳ ଖାଏ ନାହିଁ। ସ୍ୱଷ୍ଟତାର ଅଭାବ ଯୋଗୁଁ ପ୍ରାୟତଃ ଆମେ ଯୌନ ପ୍ରବୃତ୍ତି ଏବଂ ଲିଙ୍ଗ ପରିଚୟକୁ ସମାନ ଭାବରେ ତୁଳନା କରୁଛେ। ସମଲିଙ୍ଗୀ ଓ ଟ୍ରାନ୍ସଜେଣ୍ଡର ବା ତୃତୀୟଲିଙ୍ଗୀଙ୍କୁ ଆମେ ସମାନ ସମୟକ୍ରମରେ ଦେଖୁଛେ, ଯାହା ଠିକ ନୁହେଁ।

ଶତାବ୍ଦୀ ଶତାବ୍ଦୀ ଧରି ଭାରତୀୟ ସମାଜର ଏକ ଅଂଶ ଥିବା ଟ୍ରାନ୍ସଜେଣ୍ଡର ବା ତୃତୀୟଲିଙ୍ଗୀମାନେ ନିଜ ଭିନ୍ନ ସଂସ୍କୃତି ଓ ସାଂସ୍କୃତିକ ନାମ ଦ୍ୱାରା ପରିଚିତ। ହିଜଡ଼ା, କିନ୍ନର, କୋଠି, ଆରାବଣୀ, ଜୋଗପ୍ପା, ଶିବ-ଶକ୍ତି ଇତ୍ୟାଦି ହେଉଛି କିଛି ଲୋକପ୍ରିୟ ତୃତୀୟଲିଙ୍ଗୀ ସମ୍ପ୍ରଦାୟ। ଭାରତରେ ଟ୍ରାନ୍ସଜେଣ୍ଡର ମହିଳା ବା ହିଜିଡ଼ାମାନେ 'ବାହୁଚରା ମାତା'ଙ୍କୁ ନିଜର ପୃଷ୍ଠପୋଷକ ଦେବୀ ଭାବରେ ପୂଜା କରନ୍ତି। ସେହିପରି ଅନ୍ୟ କିଛି ଟ୍ରାନ୍ସଜେଣ୍ଡର ସମ୍ପ୍ରଦାୟରେ 'ରାଜା ଇଲା'ଙ୍କ କାହାଣୀ ବେଶ ଲୋକପ୍ରିୟ। କାହାଣୀଟି ଏମିତି - ରାଜାଙ୍କୁ ଅଭିଶାପ ମିଳିଥିଲା ଯେ ସେ ପ୍ରତ୍ୟେକ ମାସର ଗୋଟିଏ ପକ୍ଷ ପୁରୁଷ ଏବଂ ଆଉ ଗୋଟିଏ ପକ୍ଷ ମହିଳା ଭାବେ ରାଜା ବଞ୍ଚିବେ। ଭାରତରେ ଟ୍ରାନ୍ସଜେଣ୍ଡରମାନଙ୍କୁ ଧର୍ମଗ୍ରନ୍ଥ ଓ ମହାକାବ୍ୟଗୁଡ଼ିକରେ ୨୦୦୦ ବର୍ଷ ପୂର୍ବେ ମନ୍ଦିର ଏବଂ କାମସୂତ୍ର କାହାଣୀରେ ଉଲ୍ଲେଖ କରାଯାଇଥିଲା।

ଭାରତରେ ବର୍ଷ ବର୍ଷ ଧରି ଜନଗଣନା ତଥ୍ୟ ସଂଗ୍ରହ କରିବା ସମୟରେ ତୃତୀୟ ଲିଙ୍ଗ ଅର୍ଥାତ୍ ଟ୍ରାନ୍ସଜେଣ୍ଡରଙ୍କୁ ବିଶେଷ ମାନ୍ୟତା ଦିଆଯାଇନାହିଁ। ତଥାପି ଗତ ଜନଗଣନାରେ ଟ୍ରାନ୍ସଜେଣ୍ଡରଙ୍କ ତଥ୍ୟ ଲିଙ୍ଗ ଅଧୀନରେ 'ଅନ୍ୟ' ବର୍ଗରେ ସଂଗ୍ରହ କରାଯାଇଥିଲା ଏବଂ ସେମାନଙ୍କ ନିଯୁକ୍ତି, ସାକ୍ଷରତା ଏବଂ ଜାତି ସହିତ ଜଡ଼ିତ ବିବରଣୀ ମଧ୍ୟ ପ୍ରଦାନ କରାଯାଇଥିଲା। ଜନଗଣନାରୁ ଜଣାପଡ଼ିଛି ଯେ ଟ୍ରାନ୍ସଜେଣ୍ଡରଙ୍କ ମୋଟସଂଖ୍ୟା ପ୍ରାୟ ପାଞ୍ଚ ଲକ୍ଷ। ଏଥିରେ ଗୋଟିଏ ସମସ୍ୟା ଥିଲା ଯେ ସଂଗ୍ରହ କରାଯାଇଥିବା ତଥ୍ୟଗୁଡ଼ିକୁ ମୁଖ୍ୟତଃ ପୁରୁଷ ବିଭାଗ ସହିତ ଯୋଡ଼ାଯାଇଥିଲା। କାରଣ ତୃତୀୟଲିଙ୍ଗୀଙ୍କୁ ସାଧାରଣତଃ ପୁରୁଷ ଭାବରେ ଗଣନା କରାଯାଏ। ଅବଶ୍ୟ ଅନୁରୋଧ କଲେ, ସେମାନଙ୍କୁ ମହିଳା ଭାବରେ ଗଣନା କରାଯାଇପାରିବ ବୋଲି ସୂଚନା ଅଛି। ଯଦିଓ ଜନଗଣନା ଏକ ଆନୁମାନିକ ଆକଳନ ପ୍ରଦାନ କରିଛି, କିନ୍ତୁ ପ୍ରକୃତ ଟ୍ରାନ୍ସଜେଣ୍ଡର ଜନସଂଖ୍ୟା ଉପରେ ମତାମତ ଦେବା ଅସମ୍ଭବ। ୨୦୧୧ ଜନଗଣନାରେ ଭାରତରେ ୫୫ ହଜାର ପିଲାଙ୍କୁ ସେମାନଙ୍କ ପିତାମାତାଙ୍କ ଦ୍ୱାରା ଟ୍ରାନ୍ସଜେଣ୍ଡର ବା ତୃତୀୟଲିଙ୍ଗୀ ଭାବରେ ଚିହ୍ନଟ କରାଯାଇଥିବାର ରିପୋର୍ଟ ଦିଆଯାଇଛି। ୟୁଏନ୍‌ଡିପି ଇଣ୍ଡିଆ ଅନୁଯାୟୀ, ସାଧାରଣ ଜନସଂଖ୍ୟାର ୭୬ ପ୍ରତିଶତ ତୁଳନାରେ ଟ୍ରାନ୍ସଜେଣ୍ଡର ଜନସଂଖ୍ୟାର କେବଳ ୪୬% ସାକ୍ଷର। ଏହାବ୍ୟତୀତ ସାଧାରଣ ଜନସଂଖ୍ୟାର ୭୫% ତୁଳନାରେ କେବଳ ୬୫% ଟ୍ରାନ୍ସଜେଣ୍ଡରଙ୍କୁ ବର୍ଷକୁ ଛଅ ମାସରୁ ଅଧିକ ସମୟ ପାଇଁ କାମ ପାଆନ୍ତି।

ଭାରତରେ ଟ୍ରାନ୍ସଜେଣ୍ଡରମାନେ ଶିକ୍ଷାର ଅଭାବ ଏବଂ ଅନ୍ୟାନ୍ୟ ମୌଳିକ ସେବା ପାଇବା ଭଳି ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଶିକ୍ଷା ସେମାନଙ୍କ ପାଇଁ ସମସ୍ୟା ନୁହେଁ କିନ୍ତୁ ଶିକ୍ଷା ଜାରି ରଖିବା ହେଉଛି ପ୍ରକୃତ ସମସ୍ୟା। ଅଧିକାଂଶ ଟ୍ରାନ୍ସଜେଣ୍ଡର ସେମାନଙ୍କ ସ୍କୁଲ ସାଥୀ ଏବଂ ଶିକ୍ଷକମାନଙ୍କ ଦ୍ୱାରା ନିର୍ଯାତନା, ଅପମାନ, ଭେଦଭାବ ଓ ବହିଷ୍କାର ହେତୁ ସ୍କୁଲ ପାଠପଢ଼ା ବନ୍ଦ କରିଦିଅନ୍ତି। ଘର ପରିବର୍ତ୍ତନ ମଧ୍ୟ ସ୍କୁଲ ବନ୍ଦ କରିବାରେ ଅନ୍ୟ ଏକ କାରଣ। ନୂତନ ବାସସ୍ଥାନ, ବୟସ କିମ୍ବା ଶେଷ ସ୍କୁଲରେ ପଢ଼ିଥିବା ପ୍ରମାଣପତ୍ର ନ ଥିବାରୁ ସେମାନେ ନୂତନ ସ୍କୁଲ କିମ୍ବା କଲେଜରେ ଯୋଗ ଦେଇପାରନ୍ତି ନାହିଁ।

ଟ୍ରାନ୍ସଜେଣ୍ଡରମାନଙ୍କୁ କର୍ମଶକ୍ତିରୁ ଦୂରେଇ ରଖୁଥିବା ଆଉ ଏକ ଅସଂଗତ କଥା ହେଉଛି ଯେ ସେମାନେ କୌଣସି ଚାକିରି ଓ ନିଷ୍ପତ୍ତି ନେବାରେ ଉପଯୁକ୍ତ ନୁହନ୍ତି। ଭାରତର ପ୍ରଥମ ଟ୍ରାନ୍ସମହିଳା ପ୍ରିନ୍ସିପାଲ୍ 'ମାନବୀ ବନ୍ଦୋପାଧ୍ୟାୟ' ତାଙ୍କ ସହକର୍ମୀମାନଙ୍କ ଅସହଯୋଗ କରିବା କାରଣରୁ ଚାକିରିରୁ ଇସ୍ତଫା ଦେଇଥିଲେ ବୋଲି ଚର୍ଚ୍ଚା ହୋଇଥିଲା। ସତକଥା ହେଉଛି ଲୋକମାନେ ଟ୍ରାନ୍ସଜେଣ୍ଡରଙ୍କ ପ୍ରତି ସମ୍ବେଦନଶୀଳ ଓ ଉଦାର ନୁହନ୍ତି। ଆଇନଗତ ସୁରକ୍ଷାର ଅଭାବ ଏବଂ ଦେଶବ୍ୟାପୀ ସାମାଜିକ ସଚେତନତାର ଅଭାବ ଯୋଗୁଁ ଭାରତରେ ଟ୍ରାନ୍ସଜେଣ୍ଡର ଲୋକମାନେ ଏବେ ବି ବହୁତ ହିଂସା ଓ ନିର୍ଯାତନା ଶିକାର ହେଉଛନ୍ତି। ଏଥିରେ ମୌଖିକ, ଶାରୀରିକ, ଯୌନ ହିଂସା, ଉତ୍ପୀଡ଼ନ, ସେବା ପ୍ରଦାନ କରିବାକୁ ମନା, ମିଥ୍ୟା ଗିରଫଦାରୀ, ପୈତୃକ ସମ୍ପତ୍ତିରେ ଅଂଶ ଗ୍ରହଣ ନକରିବା, ଡାକ୍ତରଖାନାରେ ସେବା ପ୍ରଦାନ କରିବାକୁ ମନା କିମ୍ବା ବିଳମ୍ବ କରିବା ଏବଂ ଅନ୍ୟାନ୍ୟ କାରଣ ଅନ୍ତର୍ଭୁକ୍ତ। ଟ୍ରାନ୍ସଜେଣ୍ଡରମାନଙ୍କୁ ଭୋଟର ପରିଚୟପତ୍ର ଓ ରାସନ କାର୍ଡ ପାଇବା ପାଇଁ ଲାଞ୍ଚ ଭାବରେ ବହୁ ପରିମାଣର ଟଙ୍କା ଦେବାକୁ ବାଧ କରାଯାଏ ବୋଲି ଦୁର୍ନୀତିକୁ ନେଇ ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ ଅଛି।

କେତେକ ସମୟରେ ଜଣେ ଟ୍ରାନ୍ସଜେଣ୍ଡରଙ୍କୁ ପରିବାର ସମର୍ଥନ ମିଳିଥାଏ; କିନ୍ତୁ ଡାକ୍ତରୀ ବୃତ୍ତିଗତଙ୍କଠାରୁ ଉଲ୍ଲେଖନୀୟ ସମର୍ଥନ ମିଳେନାହିଁ। ଅନ୍ୟ ସମୟରେ ଜଣେ ଟ୍ରାନ୍ସଜେଣ୍ଡରଙ୍କୁ ଘର କିମ୍ବା ପରିବାରରୁ ନୁହେଁ, ବରଂ ଡାକ୍ତରୀ ସ୍ୱାସ୍ଥ୍ୟସେବାରୁ ସମର୍ଥନ ମିଳିଥାଏ। ସମର୍ଥନର ଏହି ଅସନ୍ତୁଳନ ଜଣେ ଟ୍ରାନ୍ସଜେଣ୍ଡରଙ୍କୁ ଅଧିକ ଦ୍ୱନ୍ଦ୍ୱରେ ପକାଇଥାଏ। ତେଣୁ ସେ ପରିଚୟ ଲୁଚାଇବାକୁ ଚେଷ୍ଟା କରିଥାଏ। ଟ୍ରାନ୍ସଜେଣ୍ଡରମାନଙ୍କ ମଧ୍ୟରେ ବାସହୀନତା ଏବଂ ଘରୋଇ ବଳାତ୍କାର ବହୁତ ସାଧାରଣ ଘଟଣା। ଟ୍ରାନ୍ସଜେଣ୍ଡରଙ୍କ ଦ୍ୱାରା ସାର୍ବଜନୀନ ଶୌଚାଳୟ ବ୍ୟବହାର କରିବାର ଅଧିକାରକୁ ମଧ୍ୟ ସେମାନଙ୍କ ଲିଙ୍ଗ ସହିତ ସମାନ ଭାବରେ ପ୍ରତ୍ୟାଖ୍ୟାନ କରାଯାଏ। ଷ୍ଟୋନୱାଲ ସଂସ୍ଥା ପ୍ରକାଶ କରିଛି ଯେ 'ଟ୍ରାନ୍ସଫୋବିଆ -ଟ୍ରାନ୍ସଜେଣ୍ଡର କିମ୍ବା ଟ୍ରାନ୍ସସେକ୍ସୁଆଲ ଲୋକଙ୍କ ପ୍ରତି ଏକ ଘୃଣା କିମ୍ବା ଭୟ ଏବେ ତୀବ୍ର ହେଉଛି। ଏହା ହିଂସା, କ୍ରୋଧ କିମ୍ବା ସମାଜର ଲିଙ୍ଗ ଆଶା ପୂରଣ କରୁନଥିବା ଲୋକଙ୍କ ପ୍ରତି ଅନୁଭବ ଦ୍ୱାରା ପ୍ରତିଫଳିତ ହେଉଛି।

ବିଡ଼ମ୍ବନା ଯେ, ଭାରତରେ ପ୍ରତ୍ୟେକ ଟ୍ରାନ୍ସଜେଣ୍ଡରଙ୍କୁ ହିଜରା କୁହାଯାଏ। ଲୋକମାନେ ଏବେ ବି ହିଜରା ଓ ଅନ୍ୟାନ୍ୟ ତୃତୀୟଲିଙ୍ଗୀଙ୍କ ବିଷୟରେ ଅଜ୍ଞ ଓ ସମ୍ବେଦନହୀନ। ତେଣୁ ତୃତୀୟଲିଙ୍ଗୀଙ୍କୁ ସାମାଜିକ ଗ୍ରହଣୀୟତା ଓ ସମ୍ମାନ ମିଳିଲେ ସେମାନେ ସ୍ୱଚାଳିତ ରୂପରେ ବିକାଶରେ ସାମିଲ ହୋଇଯିବେ।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

## ଆଗକୁ ବୋତଲରେ ଅମ୍ଳଜାନ

ପ୍ରଣତି ଆଚାର୍ଯ୍ୟ ମିଶ୍ର

ନିକଟରେ ତେଲେଙ୍ଗାନାର କାଞ୍ଚା ଗାଚ୍ଛିବୋବଲି ଅଞ୍ଚଳରେ ପ୍ରାୟ ଚାରିଶହ ଏକର ଜଙ୍ଗଲ କଟାଯିବା ଘଟଣା ସମଗ୍ର ଦେଶର ଦୃଷ୍ଟି ଆକର୍ଷଣ କରିଥିଲା। ସର୍ବୋଚ୍ଚ ନ୍ୟାୟାଳୟ ଏହି ସମ୍ବେଦନଶୀଳ ପ୍ରସଙ୍ଗର ସ୍ୱତଃସ୍ଫୂର୍ତ୍ତ ବିଚାର କରିଥିଲେ। ବିଚାରପତି ବି.ଆର. ଗଭାଇ ଓ ବିଚାରପତି ଅଗଷ୍ଟିନ ଜର୍ଜ ମାସିହଙ୍କ ଖଣ୍ଡପୀଠ ଏହି ମାମଲାରେ ରାଜ୍ୟ ସରକାରଙ୍କୁ ଅନେକ ପ୍ରଶ୍ନ ପଚାରି ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏହି ଅଞ୍ଚଳରେ କୌଣସି ପ୍ରକାରର ମାନବିକ କାର୍ଯ୍ୟକଳାପ ଉପରେ ନିଷେଧାଦେଶ ଜାରି କରିଛନ୍ତି।

ଏହି ସ୍ଥାନଟି ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ ନିକଟରେ ଅବସ୍ଥିତ, ଯେଉଁଠାରେ ତେଲଙ୍ଗାନା ସରକାର ଏକ ବିଶାଳ ଆଇଟି ପାର୍କ ନିର୍ମାଣ କରିବାକୁ ଯୋଜନା କରୁଥିଲେ, କିନ୍ତୁ ଏହି ଅଞ୍ଚଳଟି ମୟୂର, ହରିଣ ଓ ଅନ୍ୟାନ୍ୟ ସଂରକ୍ଷିତ ପ୍ରଜାତି ସମେତ ଅନେକ ପ୍ରକାରର ବନ୍ୟପ୍ରାଣୀଙ୍କ ପ୍ରାକୃତିକ ବାସସ୍ଥାନ। ଏହାକୁ ନେଇ ସାମାଜିକ ଗଣମାଧ୍ୟମରେ ଏକ ହୃଦୟ ବିଦାରକ ଭିଡିଓ ପ୍ରସାରିତ ହୋଇଥିଲା, ଯେଉଁଥିରେ ଘନ ଅନ୍ଧାରରେ ବୁଲଡୋଜର ଚାଲୁଥିଲା ଏବଂ ଚାରିପାଖରେ ମୟୂରଙ୍କ ଭୟଭୀତ ଚିତ୍କାର ଶୁଭୁଥିଲା। ଏହା ସାଧାରଣ ଲୋକଙ୍କ ଅନ୍ତରାତ୍ମା ଦୋହଲାଇ ଦେଇଥିଲା। ଭିଡିଓରୁ ସ୍ପଷ୍ଟ ହୋଇଥିଲା ଯେ କେବଳ ବୃକ୍ଷ ନୁହେଁ, ସମଗ୍ର ପରିବେଶକୁ ନିର୍ମମ ଭାବରେ ହତ୍ୟା କରାଯାଉଛି।

ସମ୍ପ୍ରତି ଅନ୍ୟ ଏକ ମାମଲାରେ, ମନ୍ଦିର ପରିଚାଳନା କମିଟିର ବେଆଇନ ଗଛ କାଟିବା ସମ୍ପର୍କରେ ସର୍ବୋଚ୍ଚ ନ୍ୟାୟାଳୟ ଏକ କଡ଼ା ମନ୍ତବ୍ୟ ଦେଇ କହିଛନ୍ତି ଯେ କୌଣସି ଧର୍ମ ଏହିପରି ଗଛ କାଟିବାକୁ ଅନୁମତି ଦିଏ ନାହିଁ। ଏହା କେବଳ ପରିବେଶ ଦୃଷ୍ଟିକୋଣରୁ ଭୁଲ୍ ନୁହେଁ, ବରଂ ଧାର୍ମିକ ଦୃଷ୍ଟିକୋଣରୁ ମଧ୍ୟ ଗ୍ରହଣୀୟ ନୁହେଁ। ଏହାର କିଛିଦିନ ପୂର୍ବରୁ ଆଗ୍ରାର ତାଜମହଲ ଚାରିପାଖରେ ଶହଶହ ଗଛର ଅବୈଧ କଟା ଉପରେ ସର୍ବୋଚ୍ଚ ନ୍ୟାୟାଳୟ କଠୋର ମନ୍ତବ୍ୟ ଦେଇଥିଲେ ଏବଂ କଟାଯାଇଥିବା ପ୍ରତି ଗଛ ପାଇଁ ଏକ ଲକ୍ଷ ଟଙ୍କା ଜରିମାନାର ଦଣ୍ଡାଦେଶ କରିଥିଲେ। ବହୁ ସଂଖ୍ୟାରେ ଗଛ କାଟିବା ମଣିଷକୁ ହତ୍ୟା କରିବା ସହ ସମାନ। ତେଣୁ ପରିବେଶକୁ କ୍ଷତି ପହଞ୍ଚାଉଥିବା ଲୋକଙ୍କ ପ୍ରତି କୌଣସି ଦୟା ଦେଖାଇବା ଉଚିତ୍ ନୁହେଁ। ସର୍ବୋଚ୍ଚ ନ୍ୟାୟାଳୟ ସେହି ମାମଲାରେ କେନ୍ଦ୍ରୀୟ କ୍ଷମତାପ୍ରାପ୍ତ କମିଟିର ରିପୋର୍ଟକୁ ଗ୍ରହଣ କରି କହିଥିଲେ ଯେ ମଥୁରା-ବୃନ୍ଦାବନର ଡାଲମିଆ ଫାର୍ମରେ ୪୫୪ ଗଛ କଟାଯାଇଥିଲା, ଯାହା ଏକ ଗମ୍ଭୀର ପରିବେଶଗତ ଅପରାଧ। ଏହି କାର୍ଯ୍ୟ ପାଇଁ କମିଟି ପ୍ରତି ଗଛ ପାଇଁ ଏକ ଲକ୍ଷ ଟଙ୍କା (ମୋଟ ୪.୫୪ କୋଟି ଟଙ୍କା) ଜରିମାନା ସୁପାରିସ କରିଥିଲା।

ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ପଦକ୍ଷେପ ଆଶା ସୃଷ୍ଟି କରିଛି ଯେ ଏପରି ବିନାଶକାରୀ ପ୍ରୟାସକୁ କଠୋର ଭାବରେ ବନ୍ଦ କରାଯିବ ଏବଂ ବିକାଶ ନାମରେ ପ୍ରକୃତିକୁ ବଳି ଦେବାର ପ୍ରବୃତ୍ତିକୁ ରୋକାଯିବ। ନ୍ୟାୟାଳୟଙ୍କ ଏହି ନିଷ୍ପତ୍ତି ଦେଶର ସେହି ଅଞ୍ଚଳଗୁଡ଼ିକ ପାଇଁ ମଧ୍ୟ ଏକ ବାର୍ତ୍ତା ଦେଉଛି, ଯେଉଁଠାରେ ମନ ଇଚ୍ଛା ଗଛ କଟାଯାଏ।

ମଣିଷ ଜୀବନ ବୃକ୍ଷ ବିନା ଅକଳ୍ପନୀୟ। ପରିବେଶ ବିଶେଷଜ୍ଞଙ୍କ ମତରେ, ଆମକୁ ଆମ ଚାରିପାଖରେ ଅନ୍ତତଃ ଏତିକି ଗଛ ଲଗାଇବାକୁ ହେବ, ଯାହା ଦ୍ୱାରା ଆମେ ଆମ ପରିବାରକୁ ଅମ୍ଳଜାନ ଯୋଗାଇପାରିବା। ଜଣେ ବ୍ୟକ୍ତିକୁ ଦିନସାରା ପ୍ରଚୁର ଅମ୍ଳଜାନର ଆବଶ୍ୟକତା ପଡ଼ିଥାଏ। ତେଣୁ ପରିବେଶବିତ୍‌ମାନେ କୁହନ୍ତି ଯେ ଗଛ ଲଗାଇ ନିଜ ପାଇଁ ଅମ୍ଳଜାନ ଉତ୍ପାଦନ କରିବା ଆବଶ୍ୟକ। ନଚେତ୍, ଯେପରି ଆମେ ଆଜି ବୋତଲରେ ପାଣି କିଣି ପିଉଛନ୍ତି, ଆଗାମୀ ସମୟରେ ଆମର ଭବିଷ୍ୟତ ପିଢ଼ି 'ବିଶୁଦ୍ଧ ବାୟୁ ବୋତଲ' କିଣିବାକୁ ବାଧ ହେବେ। ଯଦି ବାୟୁମଣ୍ଡଳରେ ଅମ୍ଳଜାନ ନାହିଁ, ତେବେ ପୃଥିବୀରେ ଜୀବନ ଶେଷ ହୋଇଯିବ। ତେଣୁ ଅଧିକରୁ ଅଧିକ ଗଛ ଲଗାଇବା ଉପରେ ଗୁରୁତ୍ୱ ଦେବା ସମୟର ଆବଶ୍ୟକତା। ଏକ ରିପୋର୍ଟ ଅନୁଯାୟୀ, ଏକ ସୁସ୍ଥ ଗଛ ପ୍ରତିଦିନ ଏତେ ଅମ୍ଳଜାନ ଛାଡ଼ିଥାଏ ଯେ ଏହା ଛଅରୁ ସାତ ଜଣଙ୍କୁ ଅମ୍ଳଜାନ ଯୋଗାଇପାରେ, କିନ୍ତୁ ପର୍ଯ୍ୟାପ୍ତ ଗଛ ଅଭାବରୁ ଅନେକ ସ୍ଥାନରେ ଗୋଟିଏ ଗଛ ପ୍ରାୟ ୨୦ ଜଣଙ୍କୁ ଅମ୍ଳଜାନ ଯୋଗାଏ। ପ୍ରକୃତରେ ଗଛ ଅଭାବରୁ ପୂର୍ବରୁ ବାୟୁମଣ୍ଡଳରେ ଅମ୍ଳଜାନର ପରିମାଣ ଦଶପ୍ରତିଶତ ହ୍ରାସ ପାଇଛି। ଫଳସ୍ୱରୂପ, ଫୁସଫୁସକୁ ପର୍ଯ୍ୟାପ୍ତ ଅମ୍ଳଜାନ ନ ମିଳିବାରୁ ସଂକ୍ରମଣ ସହିତ ଶ୍ୱାସ ଓ ହୃଦରୋଗ ଭଳି ସମସ୍ୟା ସୃଷ୍ଟି ହେବା ଆରମ୍ଭ ହୋଇଛି।

ପରିବେଶ ବିଶେଷଜ୍ଞଙ୍କ ଅନୁସାରେ, ଅଶ୍ୱସ୍ଥ, ନିମ, ବରଗଛ ଇତ୍ୟାଦି ପ୍ରାୟ ଦୁଇଶହ ବର୍ଷ ଧରି ପ୍ରତିଦିନ ୧୪୦ କିଲୋଗ୍ରାମ ପର୍ଯ୍ୟନ୍ତ ଅମ୍ଳଜାନ ଯୋଗାଇଥା'ନ୍ତି। ଏପରି ପରିସ୍ଥିତିରେ, ଏପରି ପୁରୁଣା ଛାୟାଯୁକ୍ତ ଗଛ କାଟିଲେ ପରିବେଶକୁ କେତେ କ୍ଷତି ପହଞ୍ଚାଏ ତାହା ଯେକେହିବି ଆକଳନ କରିପାରିବେ। ଆମ ଆଖପାଖରେ ଛାୟାଯୁକ୍ତ ଗଛ ଲଗାଇବା ଏକ ପ୍ରାଚୀନ ଭାରତୀୟ ପରମ୍ପରା। ନିମ, ବର ଓ ତୁଳସୀ ପ୍ରତିଦିନ ୨୦ ଘଣ୍ଟାରୁ ଅଧିକ ସମୟ ପାଇଁ ଅମ୍ଳଜାନ ଛାଡ଼ିଥା'ନ୍ତି। ଅଶ୍ୱସ୍ଥ ଗଛ ଦିନକୁ ୨୨ ଘଣ୍ଟାରୁ ଅଧିକ ସମୟ ପାଇଁ ଅମ୍ଳଜାନ ଛାଡ଼ିଥାଏ। ବାଉଁଶ ଗଛ ଅନ୍ୟ ଯେକୌଣସି ଗଛ ତୁଳନାରେ ୩୦ ପ୍ରତିଶତ ଅଧିକ ଅମ୍ଳଜାନ ଉତ୍ପାଦନ କରେ। ଏକ ସୁସ୍ଥ ଗଛରୁ ମିଳୁଥିବା ଅମ୍ଳଜାନର ମୂଲ୍ୟ ଆଧାରରେ ଏପରି ଗଛର ବାର୍ଷିକ ଖର୍ଚ୍ଚ ଲକ୍ଷଲକ୍ଷ ଟଙ୍କା। ସ୍ୱଚ୍ଛ ବାୟୁ ଅଭାବରୁ ଲୋକମାନେ ରୋଗ ଜାଲରେ ଫସି ଯାଉଛନ୍ତି, ସେମାନଙ୍କର ଦକ୍ଷତା ପ୍ରଭାବିତ ହେଉଛି। ଲୋକଙ୍କ ଆୟର ଏକ ବଡ଼ ଅଂଶ ଚିକିତ୍ସାରେ ଖର୍ଚ୍ଚ ହେଉଛି। ଦ୍ରୁତ ଜଳବାୟୁ ପରିବର୍ତ୍ତନ ଏବଂ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଏବେ ବୁଝିବା ଆବଶ୍ୟକ ଯେ ବାୟୁମଣ୍ଡଳରେ ଉପସ୍ଥିତ ଅମ୍ଳଜାନରେ ସବୁଠାରୁ ବଡ଼ ଅବଦାନ ଗଛଲତାର।

ନୟାଗଡ଼, ମୋ: ୯୪୩୭୬୪୨୯୪୭

ବେଦ-ବିଜ୍ଞାନ

## ଉପବାସ: ଏକ ବିଜ୍ଞାନ

ଓଜସ୍ୱିନୀ

ପୁରାଣଶାସ୍ତ୍ର ଅନୁସାରେ ଭଗବାନଙ୍କୁ ଭକ୍ତି କରିବାର ଅନନ୍ୟ ମାର୍ଗ ହେଉଛି ବ୍ରତ ଓ ଉପବାସ। ବ୍ରତର ଅର୍ଥ ହେଉଛି ଧର୍ମକାର୍ଯ୍ୟ ସମ୍ପନ୍ନ କରିବା ପାଇଁ ସଂକଳ୍ପ କରିବା ଏବଂ ଏହି ସଂକଳ୍ପକୁ ଶୁଦ୍ଧ ଚିତ୍ତରେ ସମ୍ପୂର୍ଣ୍ଣ କରିବାର ମାର୍ଗ ହେଉଛି ଉପବାସ। ଅନ୍ୟ ଧର୍ମରେ ମଧ୍ୟ ଉପବାସ କରିବା ପାଇଁ ବିଭିନ୍ନ ପ୍ରକାର ନୀତିନିୟମ ରହିଛି। 'ଉପବାସ' ଦୁଇଟି ଶବ୍ଦର ସମ୍ମିଶ୍ରଣରୁ ସୃଷ୍ଟି। 'ଉପ' ଓ 'ବାସ'। 'ଉପ' ଶବ୍ଦର ଅର୍ଥ ନିକଟ ଏବଂ 'ବାସ' ଶବ୍ଦର ଅର୍ଥ ବସିବା। ଶବ୍ଦାର୍ଥ ଦୃଷ୍ଟିରୁ ଉପବାସର ଅର୍ଥ ହେବ ଭଗବାନଙ୍କ ନିକଟରେ ବସିବା ବା ଶୁଦ୍ଧଚିତ୍ତରେ ଭଗବାନଙ୍କ ନିକଟରେ ନିଜକୁ ସମର୍ପଣ କରିବା।

ହିନ୍ଦୁ ଧର୍ମରେ ଉପବାସର ଉଦ୍ଦେଶ୍ୟ ଓ ନିୟମ ଆଧାରରେ ବିଭକ୍ତ କରାଯାଇଛି। ଯଥା-ନିତ୍ୟ ଉପବାସ, ନୈମିତିକ ଉପବାସ, କାମ୍ୟ ଉପବାସ, ସାପ୍ତାହିକ ଉପବାସ, ପାକ୍ଷିକ ଉପବାସ, ତ୍ରୈମାସିକ ଉପବାସ, ବାର୍ଷିକ ଉପବାସ, ଲଘୁ ଉପବାସ, କଠୋର ଉପବାସ, ପ୍ରାତଃ ଉପବାସ, ଅଧୋପବାସ, ଏକଭୁକ୍ତ ଉପବାସ, ରସୋପବାସ, ଦୁଗ୍ଧୋପବାସ, ଫଳୋପବାସ ଓ ପୂର୍ଣ୍ଣୋପବାସ। ଏଥିମଧ୍ୟରୁ ନିତ୍ୟ, ନୈମିତିକ ଓ କାମ୍ୟ ଉପବାସ ପ୍ରମୁଖ। ନିତ୍ୟ ଉପବାସର ଅର୍ଥ ହେଉଛି ପ୍ରତିଦିନ ସତ କହିବା, ଇନ୍ଦ୍ରିୟ ଉପରେ ବିଜୟ ଲାଭ, ଲୋଭ ତ୍ୟାଗ ଏବଂ ଆଚାର ଓ ବିଚାର ଶୁଦ୍ଧ, କ୍ରୋଧ ନକରିବା, ପରନିନ୍ଦାରୁ ଦୂରେଇ ରହିବା ଇତ୍ୟାଦି। ନୈମିତିକ ଉପବାସ ହେଉଛି ପାପରୁ ମୁକ୍ତି ପାଇଁ କୌଣସି ବିଶେଷବ୍ରତ ରଖିବା କିମ୍ବା ଅଜାଣତରେ କୌଣସି ବିଶେଷ ପରିସ୍ଥିତିରେ ରହି ଖାଦ୍ୟ ଗ୍ରହଣ ନ କରିବା। ପାପରୁ ମୁକ୍ତ ପାଇଁ ଚାନ୍ଦ୍ରାୟଣ ବ୍ରତ ଓ ଉପବାସ ନୈମିତିକ ଉପବାସର ମୁଖ୍ୟ ଉଦାହରଣ। କାମ୍ୟ ଉପବାସର ଅର୍ଥ ହେଉଛି - ବିଶେଷ କାମନା ରଖି ବ୍ରତ ଓ ଉପବାସ ରଖିବା। ଯଥା - ସନ୍ତାନପ୍ରାପ୍ତି, ଧନସମ୍ପଦ ପ୍ରାପ୍ତି, ଇପ୍‌ସିତ ବ୍ୟକ୍ତି କିମ୍ବା ବସ୍ତୁ ଲାଭ କରିବାର କାମନା, ବିଦ୍ୟାପ୍ରାପ୍ତି ଓ ମୋକ୍ଷପ୍ରାପ୍ତି ଇତ୍ୟାଦି। ବିଶେଷ ଭାବେ ଷଡ଼ଜୟନ୍ତୀ, ଚାରୋଟି ବଡ଼ ଏକାଦଶୀ, ମହାଶିବରାତ୍ରୀ ଓ ୧୨ଟି ସଂକ୍ରାନ୍ତିରେ ଉପବାସ ରହିବା ଦ୍ୱାରା ସମସ୍ତ ପାପ କ୍ଷୟ ହେବା ସହିତ ମୋକ୍ଷ ମିଳିଥାଏ ବୋଲି କୁହାଯାଏ। ରୋଗୀ, ଶିଶୁ ଓ ବୃଦ୍ଧଙ୍କ ପାଇଁ ଉପବାସ ସମ୍ପୂର୍ଣ୍ଣ ବର୍ଜିତ ବୋଲି ଶାସ୍ତ୍ର କହେ। ଉପବାସ ଦିନ କିଭଳି ଦିନଚର୍ଯ୍ୟା କରିବାକୁ ହେବ ଏବଂ କେଉଁ ଭଳି ବସ୍ତ୍ର ପିନ୍ଧିବାକୁ ହେବ, ସେ ସମ୍ପର୍କରେ ମଧ୍ୟ ଅନେକ ନୀତିନିୟମ ଧର୍ମଶାସ୍ତ୍ରାଦିରେ ଉଲ୍ଲେଖ ଅଛି। ଉପବାସ ପରଦିନ ଦୁଃଖିରଙ୍କୁ ଅନ୍ନ, ଜଳ, ବସ୍ତ୍ର ଓ ଅର୍ଥ ଦାନ ଦେଲେ ଉପବାସର ପୁଣ୍ୟ ବୃଦ୍ଧି ହୋଇଥାଏ।

ତେବେ ମୋକ୍ଷଦାୟିନୀ ଓ ପାପନାଶିନୀ ଭାବେ ବର୍ଣ୍ଣିତ ଏହି ଉପବାସର ଧାରା ବର୍ତ୍ତମାନ ସ୍ୱାସ୍ଥ୍ୟବିଜ୍ଞାନ କ୍ଷେତ୍ରରେ ଏକ ମହୌଷଧି ଭାବେ ପରିଗଣିତ। କିଛି ଘଣ୍ଟା ଉପବାସ ରହିଲେ ଶରୀରରେ ଥିବା ହାନିକାରକ ହର୍‌ମୋନ୍ ହ୍ରାସ ପାଇବା ସହ ମେଟାବୋଲିଜିମ୍ ବୃଦ୍ଧି ହୋଇ ଶରୀରର ଅତିରିକ୍ତ ଚର୍ବି କମିଟଶଇ ଶରୀରର ଓଜନ ହ୍ରାସ ପାଏ। ପ୍ରତିଦିନ ନିର୍ଦ୍ଦିଷ୍ଟ ସମୟରେ କିଛି ଘଣ୍ଟା ପାଇଁ କରାଯାଉଥିବା ଏହି ଉପବାସ ଏବେ 'ଇଣ୍ଟର୍‌ମିଟେଣ୍ଟ ଫାଷ୍ଟିଙ୍ଗ୍' ଭାବେ ପରିଚିତ। 'ଏକ୍ସଟେଣ୍ଡେଡ୍ ଫାଷ୍ଟିଙ୍ଗ୍' ନାମକ ଆଉ ଗୋଟିଏ ଉପବାସ ରହିଛି, ଯେଉଁଥିରେ ବ୍ୟକ୍ତିକୁ ୨୪ରୁ ୨୭ ଘଣ୍ଟା ଖାଦ୍ୟ ଗ୍ରହଣ ନ କରିବା ପାଇଁ ବିଶେଷଜ୍ଞମାନେ ପରାମର୍ଶ ଦେଇଥା'ନ୍ତି। ଏହି ପ୍ରକ୍ରିୟାରେ ଶୀଘ୍ର ଓଜନ ହ୍ରାସ ହୋଇ ମେଦବହୂଳ ସମସ୍ୟା ଦୂର ହୋଇଥାଏ। ଆଧୁନିକ ଚିକିତ୍ସା ବିଜ୍ଞାନରେ 'ଅଲ୍‌ଟର୍ ଡେ' ଫାଷ୍ଟିଙ୍ଗ୍' ନାମକ ଅନ୍ୟ ଏକ ଉପବାସ ପ୍ରକ୍ରିୟା ରହିଛି, ଯେଉଁଥିରେ ବ୍ୟକ୍ତି ଗୋଟିଏ ଦିନ ବ୍ୟବଧାନରେ ଖାଦ୍ୟ ଗ୍ରହଣ କରିଥା'ନ୍ତି। 'ପାର୍ସିଆଲ୍ ଫାଷ୍ଟିଙ୍ଗ୍'ରେ ବ୍ୟକ୍ତିକୁ ସୁସ୍ଥ ରଖିବା ପାଇଁ କିଛି ବିଶେଷପ୍ରକାର ଖାଦ୍ୟ ଓ କ୍ୟାଲୋରିଯୁକ୍ତ ଖାଦ୍ୟରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଏ। ଉପବାସ ରହିବା ଦ୍ୱାରା ମେଦବହୁଳତା ହ୍ରାସ ହେବା ସହିତ ରକ୍ତ ଶର୍କରା ନିୟନ୍ତ୍ରଣ, ଶରୀରରୁ ବିଷାକ୍ତ ପଦାର୍ଥ କ୍ଷୟ, ହାନିକାରକ ଜୀବାଣୁ ନଷ୍ଟ, ମୃତ କୋଷିକାଗୁଡ଼ିକ ସ୍ଥାନରେ ନୂତନ ସୁସ୍ଥ କୋଷ ସୃଷ୍ଟି, ଆୟୁ ଓ ଯୌବନ ବୃଦ୍ଧି, ପାଚନ ତନ୍ତ୍ର ଓ ପାଚନ ସମ୍ବନ୍ଧୀୟ ଅଙ୍ଗଗୁଡ଼ିକୁ ସୁସ୍ଥ ରଖିବା, କୋଲେଷ୍ଟ୍ରଲ୍ ସ୍ତର ନିୟନ୍ତ୍ରଣ, ହୃତ୍‌ପିଣ୍ଡକୁ ସୁସ୍ଥ ରଖିବା, ରକ୍ତ ସଞ୍ଚାଳନ ସଠିକ୍ ରହିବା ଆଦି କାର୍ଯ୍ୟ ପ୍ରାକୃତିକ ଭାବେ ହୋଇଥାଏ। ତେଣୁ ପ୍ରାକୃତିକ ଚିକିତ୍ସା ବିଜ୍ଞାନରେ ମଧ୍ୟ ଉପବାସକୁ ଶ୍ରେଷ୍ଠ ଚିକିତ୍ସକ ସହିତ ତୁଳନା କରାଯାଇଛି। ବିଶ୍ୱବ୍ୟାପୀ ଧର୍ମୀୟ ଭାବନା, ଇତିହାସ, ଆଧୁନିକ ଚିକିତ୍ସା ବିଜ୍ଞାନ, ସୌନ୍ଦର୍ଯ୍ୟଚର୍ଯ୍ୟା ଓ ଆଧୁନିକ ଖାଦ୍ୟଶୃଙ୍ଖଳାରେ ଉପବାସର ଉପକାରିତା ପ୍ରମାଣିତ ହୋଇସାରିଛି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ହାଇକୋର୍ଟଙ୍କ ନିଆରା ଜାମିନ ସର୍ତ୍ତ

# ଦୁଇ ମାସ ପାଇଁ ଦୈନିକ ଦୁଇଘଣ୍ଟା ବ୍ୟାଙ୍କ ସଫେଇ କରିବେ ଅଭିଯୁକ୍ତ

କଟକ, ୨୨।୫ (ସମିସ): ଏକ ନିଆରା ସର୍ତ୍ତ ରଖି ଜଣେ ମହିଳା ଅଭିଯୁକ୍ତଙ୍କୁ ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି। କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତ ତଥା ଆବେଦନକାରୀ ମହିଳାଜଣଙ୍କ ଜାମିନ୍‌ରେ ମୁକୁଳିବା ପରେ କଟକ ଲିଙ୍କରୋଡ୍‌ସ୍ଥିତ ଆଇସିଆଇସିଆଇ ବ୍ୟାଙ୍କ ଶାଖାକୁ ଯାଇ ପ୍ରତିଦିନ ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ ଦୁଇ ଘଣ୍ଟା ଧରି ସଫେଇ କରିବେ। ଏହିଭଳି ଭାବେ ଅଭିଯୁକ୍ତଜଣଙ୍କ ଦୁଇ ମାସ ପର୍ଯ୍ୟନ୍ତ ସଫେଇ କାର୍ଯ୍ୟ ଜାରି ରଖିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମନୋଜ୍ଞାନ ପଟ୍ଟନାୟକଙ୍କ ଜାମିନ ଆବେଦନର ଶୁଣାଣି କରି ଡ. ଜଷ୍ଟିସ୍ ସଂଜୀବ କୁମାର ପାଣିଗ୍ରାହୀ ଏପରି ସର୍ତ୍ତାରୋପ କରି ଜାମିନ ମଞ୍ଜୁର କରିଛନ୍ତି। ସେହିଭଳି ଆବେଦନକାରୀଜଣଙ୍କ ବ୍ୟାଙ୍କ ପରିସରକୁ ପ୍ରତିଦିନ ଉପଯୁକ୍ତ ସଫେଇ କଲେ କି ନାହିଁ, ତାହାକୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରଖି ସମ୍ପୃକ୍ତ ଥାନା ଆଇଆଇସି ତଦାରଖ କରିବେ ବୋଲି ହାଇକୋର୍ଟ କହିଛନ୍ତି। ଅନ୍ୟପଟରେ ଜାମିନରେ ଛାଡ଼ ପରେ ଆବେଦନକାରୀ ଆଉ କୌଣସି ଅପରାଧ ସହ ସଂଶ୍ଳିଷ୍ଟ ହେବେନାହିଁ ଓ ଏହି ମାମଲାର ତଥ୍ୟ ପ୍ରମାଣକୁ ଜାଲିଆତି କରିବେ ନାହିଁ ବୋଲି ହାଇକୋର୍ଟ ସର୍ତ୍ତାରୋପ କରିଛନ୍ତି। ଉକ୍ତ ସମସ୍ତ ସର୍ତ୍ତଗୁଡ଼ିକ ଉଲ୍ଲଂଘନ ହେଲେ, ଜାମିନ ଆଦେଶକୁ ପୁନର୍ବାର ବାତିଲ କରିଦିଆଯିବ ବୋଲି ଖଣ୍ଡପୀଠ କହିଛନ୍ତି।

ମାମଲାରୁ ପ୍ରକାଶ, ଆଶୀର୍ବାଦ ପଟ୍ଟନାୟକ ଓ ତାଙ୍କ ପତ୍ନୀ ମନୋଜ୍ଞାନ ପଟ୍ଟନାୟକ କଟକ ଲିଙ୍କରୋଡସ୍ଥିତ ଆଇସିଆଇସିଆଇ ବ୍ୟାଙ୍କ ଶାଖାରୁ ୧କୋଟି ୫ଲକ୍ଷ ଟଙ୍କା ଋଣ ନେଇଥିଲେ। ସେମାନେ ଯେଉଁ ସମ୍ପତ୍ତି ବନ୍ଧକ ରଖିଥିଲେ, ତାହା ପୂର୍ବରୁ ଇଣ୍ଡିଆନ୍ ବ୍ୟାଙ୍କରେ ବନ୍ଧକ ଥିବା ଜଣାପଡ଼ିଥିଲା। ଏନେଇ ବ୍ୟାଙ୍କ କର୍ତ୍ତୃପକ୍ଷ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ)ରେ ଏତଲା ଦେଇଥିଲେ। ପରେ ଇଓଡବ୍ଲ୍ୟୁ ଏହି ଦମ୍ପତିଙ୍କୁ ଗିରଫ କରିଥିଲା। ତେବେ ମନୋଜ୍ଞାନଙ୍କ ଜାମିନ ଆବେଦନର ଶୁଣାଣି କରି ହାଇକୋର୍ଟ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

■ ଓଏସ୍‌ଏସ୍‌ସି ଅଧ୍ୟକ୍ଷ ପଦରୁ ଅଭୟଙ୍କ ଇସ୍ତଫା

# ସୁଧାକର ବୁର୍ଗି କାମଚଳା ଅଧ୍ୟକ୍ଷ

ଭୁବନେଶ୍ୱର,୨୨।୫(ସମିସ): ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ଅଧ୍ୟକ୍ଷ ଶ୍ରୀ ଅଭୟ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫାକୁ ସରକାର ଗ୍ରହଣ କରିଥିବା ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।



ତାଙ୍କ ସ୍ଥାନରେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ତଥା ଓଏସ୍‌ଏସ୍‌ସି ସଦସ୍ୟ ସୁଧାକର ବୁର୍ଗିଙ୍କୁ କାମଚଳା ଅଧ୍ୟକ୍ଷ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଗତ ୧୩ ତାରିଖରେ ଶ୍ରୀ ବୁର୍ଗି ଓଏସ୍‌ଏସ୍‌ସି ସଦସ୍ୟ ଭାବେ ନିଯୁକ୍ତି ପାଇଥିଲେ। ଏହାର ମାତ୍ର ୧୦ଦିନ ପରେ ଓଏସ୍‌ଏସ୍‌ସି ଅଧ୍ୟକ୍ଷ ଭାବେ ଗୁରୁଦାୟିତ୍ୱ ପାଇଛନ୍ତି। ଅପରପକ୍ଷରେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସର୍ବଦା ସକ୍ରିୟ ରହୁଥିବା ବିଦାୟୀ ଅଧ୍ୟକ୍ଷ ଶ୍ରୀ ଅଭୟ ନିଜ ଇସ୍ତଫା ସମ୍ପର୍କରେ ଲେଖିଛନ୍ତି। କାର୍ଯ୍ୟକାଳ ମଧ୍ୟରେ ସହଯୋଗ ପାଇଁ ସରକାରଙ୍କ ସମେତ ଆଶାୟୀମାନଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି।

ଦୋକାନରେ ଭୟାବହ ଅଗ୍ନିକାଣ୍ଡ

# ଜଳିଗଲା ଲକ୍ଷାଧିକ ଟଙ୍କାର ସରଞ୍ଜାମ

ବାରିପଦା, ୨୨।୫(ସମିସ): ବାରିପଦା ସହରର ବାଣିଆ ଜଗନ୍ନାଥ ମନ୍ଦିର ନିକଟ ଏକ ଇଲେକ୍ଟ୍ରି ଦୋକାନରେ ଗୁରୁବାର ଭୋରରୁ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ବୈଦ୍ୟୁତିକ ସରଞ୍ଜାମ ପୋଡ଼ି ପାଉଁଶ ହୋଇଯାଇଛି। ଭୋର୍ ପ୍ରାୟ ୫ଟା ବେଳେ କେ.କେ ଏଣ୍ଟରପ୍ରାଇଜେସ୍‌ରେ ନିଆଁ ଲାଗିଯାଇଥିଲା। ଦୋକାନରୁ ଧୂଆଁ ବାହାରୁଥିବା ଦେଖି ପ୍ରାତଃ ଭ୍ରମଣ କରୁଥିବା ଲୋକେ ଦମକଳ ବାହିନୀକୁ ଖବର ଦେଇଥିଲେ। ପରେ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କିଛି ସମୟ ପରେ ବିଦ୍ୟୁତ୍ କର୍ମଚାରୀ ପହଞ୍ଚି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଥିଲେ। ସର୍ଟ୍‌ସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଥିବା ବେଳେ ବୁଧବାର ରାତିରେ ଦୋକାନ ମାଲିକ ମେନ୍ ସୁଇଚ୍ ବନ୍ଦ କରିଥିବା କହିଛନ୍ତି। ତେଣୁ, ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ିନାହିଁ। ଏଥିରେ ପ୍ରାୟ ଲକ୍ଷାଧିକ ଟଙ୍କାର ବିଦ୍ୟୁତ୍ ସାମଗ୍ରୀ ପୋଡ଼ି ଯାଇଥିବା ଦୋକାନ ମାଲିକ ନନ୍ଦକିଶୋର କର୍ଣ୍ଣାଲ କହିଛନ୍ତି। ଅଗ୍ନିକାଣ୍ଡ ନେଇ ତଦନ୍ତ କରାଯାଉଛି ବୋଲି ଅଗ୍ନିଶମ ଅଧିକାରୀ ବିଶ୍ୱନାଥ ମୁଣ୍ଡା କହିଛନ୍ତି।

ସେହିପରି ବାରିପଦା ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଗୁରୁବାର ଅଗ୍ନିକାଣ୍ଡ ଘଟିଛି। କାର୍ଯ୍ୟାଳୟର ତଳ ମହଲାରେ ଥିବା ଏକ କୋଠରିରେ ନିଆଁ ଲାଗିଯାଇଥିଲା। ଅପରାହ୍ଣ ପ୍ରାୟ ୪ଟାରେ ନିଆଁ



ଦେଖି କର୍ମଚାରୀମାନେ ଦମକଳବାହିନୀକୁ ଖବର ଦେଇଥିଲେ। ଅଗ୍ନିକାଣ୍ଡ ଯୋଗୁଁ ଜେରକ୍ସ୍ ମେସିନ ସହିତ ବହୁ ଆସବାବପତ୍ରରେ ନିଆଁ ଲାଗି ନଷ୍ଟ ହୋଇଯାଇଛି। ତେବେ ଏହି ଅଗ୍ନିକାଣ୍ଡରେ କେହି ମୃତାହତ ହୋଇନାହାନ୍ତି। ସର୍ଟ୍‌ସର୍କିଟ୍ ଯୋଗୁଁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ସୂଚନାଯୋଗ୍ୟ, ସରକାରୀ ସ୍ତରରେ ଅଗ୍ନିକାଣ୍ଡକୁ ରୋକିବା ପାଇଁ ଅଫିସ, ବେସରକାରୀ ଅନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନ, ବ୍ୟାଙ୍କ ଓ ପେଟ୍ରୋଲ ପମ୍ପ ଆଦିରେ ଅଗ୍ନି ନିର୍ବାପକ ବ୍ୟବସ୍ଥା କରିବାକୁ କଡ଼ାକଡ଼ି ନିୟମ ରହିଛି; କିନ୍ତୁ ନିୟମକୁ ଅବମାନନା କରାଯାଇ ବେପରୁଆ ଭାବେ ସମସ୍ତ ଅନୁଷ୍ଠାନ କାର୍ଯ୍ୟ ଜାରି ରଖିଛନ୍ତି। ଏନେଇ ବିଭାଗ ପକ୍ଷରୁ କୌଣସି

**ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ନିଆଁ**

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଜନଜୀବନ ବିପଦପୂର୍ଣ୍ଣ ରହିଛି। ଦୋକାନ ଘରେ ଲାଗିଥିବା ନିଆଁର ଉପର ମହଲାରେ ଲୋକେ ରହୁଥିବା ବେଳେ ଧୂଆଁ ଦେଖି ସମସ୍ତେ ତଳକୁ ଓହ୍ଲାଇ ଆସିଥିଲେ। ନିଆଁର ଭୟାବହତା ବୃଦ୍ଧି ପାଇଥିଲେ ବହୁ ଧନ ଜୀବନ ହାନି ହୋଇପାରନ୍ତା ବୋଲି ସହରବାସୀ ଭୟଭୀତ ହୋଇପଡ଼ିଥିଲେ। ଏନେଇ ଅତିରିକ୍ତ ଫାୟାର ଅଫିସର୍ ବିଶ୍ୱନାଥ ମୁଣ୍ଡା କହିଛନ୍ତି, ଅଗ୍ନି ନିର୍ବାପକ ବ୍ୟବସ୍ଥାକୁ ନେଇ ଚଢ଼ଉ କରାଯାଉଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ତଦନ୍ତ ଜାରି ରହିଛି।

ଟ୍ରେନ୍ ଆଗକୁ ଡେଇଁ ନର୍ସଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା

# ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାନୁଷ୍ଠାନକୁ ଫୁଁ'

ଭଦ୍ରକ, ୨୨।୫(ସମିସ): ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଷ୍ଟାଫନର୍ସ ସନ୍ତୋଷିନୀ ପଲାଇ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ଉପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସିଡିଏମଓ କାର୍ଯ୍ୟାନୁଷ୍ଠାନ



ଆରମ୍ଭ କରିଥିଲା ବେଳେ ଏହାର ୫ ଦିନ ପରେ ଏହା ଫସର ଫାଟିଥିବା ଅଭିଯୋଗ ହେଉଛି। ଅପରପକ୍ଷରେ, ନର୍ସ ଶ୍ରୀମତୀ ପଲାଇ ଏବେ ବି କଟକ ଏସସିବି ମେଡିକାଲ କଲେଜରେ ଟ୍ରମା ୱାର୍ଡରେ ଚିକିତ୍ସାଧୀନ ଅଛନ୍ତି।

ତାଙ୍କ ସ୍ୱାମୀ ନିକୁଞ୍ଜ ବିହାରୀ ମଲ୍ଲିକଙ୍କ ଅଭିଯୋଗରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ୨ଜଣ ନର୍ସ ଓ ଡାକ୍ତରଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନସ୍ଥାନ ପାଇଁ ଜିଲ୍ଲା ମେଡିକାଲ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଆଦେଶରେ ମୁଖ୍ୟ ଚିକିତ୍ସାଳୟର ନର୍ସ ସୌଦାମିନୀ ଦାସଙ୍କୁ ମାଟ୍ରନ୍ ଦାୟିତ୍ୱରୁ ହଟାଇ ୱାର୍ଡ ଡ୍ୟୁଟି ଦିଆଯାଇଥିବା ବେଳେ ନର୍ସ କୁସୁମ ମଂଜୁରୀ ପାଢ଼ୀଙ୍କୁ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି କରାଯାଇଥିଲା।

**ବଡ଼ ମେଡିକାଲରେ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି ନର୍ସ**

ବରିଷ୍ଠ ଭେଷଜ ଡାକ୍ତର ଅମୂଲ୍ୟ ଦାସଙ୍କୁ ପୁରୁଷ ମେଡିସନ ୱାର୍ଡରୁ ହଟାଇ ମହିଳା ୱାର୍ଡରେ ଡ୍ୟୁଟି ଦିଆଯାଇଥିଲା। ଖୋଦ୍ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧାଂଶୁଶେଖର ବଳ ଏହି ଆଦେଶ ପ୍ରଦାନ କରିଥିଲେ। ତେବେ ଆଉ ମାତ୍ର ୭ ଦିନ ପରେ ଅବସର ନେବାକୁ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବଳଙ୍କ ଉକ୍ତ ୧୭ ତାରିଖ ଆଦେଶ ଏଯାଏଁ କାର୍ଯ୍ୟକାରୀ ହୋଇନି। ଦୀର୍ଘ ୫ଦିନ ହେବ ନର୍ସ ଆତ୍ମହତ୍ୟା ଉଦ୍ୟମରେ ଅଭିଯୁକ୍ତ ୨ଜଣ ନର୍ସ ପୂର୍ବବତ ବଦଳି ନହୋଇ କାର୍ଯ୍ୟ କରୁଛନ୍ତି।

ସେହିଭଳି ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବଳ ମଧ୍ୟ ଆଉ ଏକ ଆଦେଶରେ ଉକ୍ତ ୨ଜଣ ନର୍ସ ଓ ଡାକ୍ତରଙ୍କୁ କାହିଁକି ରିଲିଭ୍ କରାଯାଇନି ବୋଲି ପ୍ରଶ୍ନ କରି ଏହାକୁ ସୁନିଶ୍ଚିତ କରିବା ସହ ସେମାନଙ୍କ ବଦଳି ହୋଇଥିବା ସ୍ଥାନରେ ଯୋଗଦାନ କରିବାକୁ ଆଦେଶ କରିଛନ୍ତି। ଏଥିସହ ସେମାନଙ୍କୁ ଛୁଟି ମଞ୍ଜୁର ନ କରିବା ଓ ଏହି ଆଦେଶ କାର୍ଯ୍ୟକାରୀ ନହେଲେ ଗୁରୁତର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଦେଶରେ ଉଲ୍ଲେଖ ଅଛି।

ସୂଚନାଯୋଗ୍ୟ ଯେ ଷ୍ଟାଫ ନର୍ସଜଣଙ୍କ ମେଡିକାଲ ପରିସରକୁ ଡ୍ୟୁଟି କରିବାକୁ ଗତ ୧୬ ତାରିଖ ଶୁକ୍ରବାର ଅପରାହ୍ଣରେ ଭଦ୍ରକ ରେଳ ଷ୍ଟେସନରେ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିବା ବେଳେ ତଳେ ପଡ଼ି ଗୁରୁତର ଆହତ ହୋଇଥିଲେ। ନର୍ସଙ୍କୁ ରେଳବାଇ ପୁଲିସ୍ ଉଦ୍ଧାର କରିବା ପରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ଓ ଶନିବାର ତାଙ୍କୁ ଅଧିକ ଚିକିତ୍ସା ଲାଗି କଟକ ଏସ୍‌ସିବି ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଆହତ ନର୍ସ ଜଣେ ଡାକ୍ତର ତାଙ୍କୁ ଦୁଷ୍କର୍ମ କରିଥିବା ନେଇ ଗଣମାଧ୍ୟମ ଆଗରେ ବୟାନ ରଖିଥିଲେ କିନ୍ତୁ କୌଣସି ଲିଖିତ ଅଭିଯୋଗ କରି ନଥିଲେ।

# ୫ ହଜାର ଲାଞ୍ଚ ନେଇ ଏଏସ୍‌ଆଇ ଗିରଫ

କଟକ, ୨୨।୫(ସମିସ): ଭିଜିଲାନ୍ସ ଜାଲରେ ତିଗିରିଆ ଥାନା ଏଏସ୍‌ଆଇ ପ୍ରଦୀପ କୁମାର ବେହେରା। ଏକ ମାମଲାର ଆପୋଷ ସମାଧାନ ପାଇଁ ୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଛନ୍ତି। ଭିଜିଲାନ୍ସ ତାଙ୍କୁ ଗିରଫ କରିବା ସହ ଆଜି କୋର୍ଟଚାଲାଣ କରିଛି। ଏଥିସହ ଶ୍ରୀ ବେହେରାଙ୍କ ହିନ୍ଦୋଳ ନୂତନପାଟଣାସ୍ଥିତ ପୈତୃକ ଘର, ଢେଙ୍କାନାଳ ଟାଉନ୍ ଥାନା ଓ ତିଗିରିଆ ଥାନାର ସରକାରୀ ଆବାସିକ ଗୃହରେ ଚଢ଼ଉ କରିଛି। ଦୁର୍ନୀତି ନିବାରଣ ଆଇନ ଅନୁସାରେ ତାଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯିବା ସହ ଅଧିକ ତଦନ୍ତ ଜାରି ରହିଛି। ଜଣେ ଅଭିଯୋଗକାରୀଙ୍କଠାରୁ ତାଙ୍କର ଏବଂ ଗ୍ରାମବାସୀଙ୍କ ମଧ୍ୟରେ ବିବାଦର ସମାଧାନ ପାଇଁ ୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ ଏଏସ୍‌ଆଇ ଶ୍ରୀ ବେହେରା। ଏକ ବିବାଦ ଉପରେ ଉଭୟ ପକ୍ଷଙ୍କ ଦ୍ୱାରା ଏତଲା ଦାଖଲ କରାଯାଇଥିଲା, ଯାହା ପରେ ସମାଧାନ ହୋଇଥିଲା। କିନ୍ତୁ ଆପୋଷ ବୁଝାମଣା ପରେ, ଏଏସ୍‌ଆଇ ଶ୍ରୀ ବେହେରା ଅଭିଯୋଗକାରୀଙ୍କ ବିରୋଧରେ କାଉଣ୍ଟର ଏତଲା ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପାଇଁ ଲାଞ୍ଚ ମାଗିଥିଲେ। ଅନ୍ୟ କୌଣସି ଉପାୟ ନପାଇ, ଅଭିଯୋଗକାରୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ତାଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା। ତିଗିରିଆ ଟ୍ରେଜେରୀ କାର୍ଯ୍ୟାଳୟ ପରିସରରେ ଅଭିଯୋଗକାରୀଙ୍କଠାରୁ ୫ହଜାର ଟଙ୍କା ଲାଞ୍ଚ ଦାବି କରିବା ଏବଂ ନେବା ଅଭିଯୋଗରେ ଶ୍ରୀ ବେହେରାଙ୍କୁ ଭିଜିଲାନ୍ସର ଏକ ଦଳ ଗିରଫ କରିଥିଲା।

# ବିଜେଡିରୁ ପାର୍ଥ ସାରଥୀ ମୁଦୁଲି ନିଲମ୍ବିତ

ଭୁବନେଶ୍ୱର,୨୨।୫(ସମିସ): ଦଳ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ରହିବା ଅଭିଯୋଗରେ ବିଜେଡିରୁ ପାର୍ଥ ସାରଥୀ ମୁଦୁଲିଙ୍କୁ ନିଲମ୍ବିତ କରାଯାଇଛି। ବିଜେଡି ଉପସଭାପତି(ମୁଖ୍ୟାଳୟ) ପ୍ରତାପ ଜେନାଙ୍କ ଦସ୍ତଖତକ୍ରମେ ଶ୍ରୀ ମୁଦୁଲିଙ୍କୁ ନିଲମ୍ବନ କରାଯାଇଥିବା ନେଇ ଦଳ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଅବଶିଷ୍ଟାଂଶ

### ଓଡ଼ିଶାକୁ ଫେରିଲା...

ଅଧିକ ମାମଲା ସାମ୍ନାକୁ ଆସେ କିମ୍ବା ନୂତନ ନିର୍ଦ୍ଦେଶନାମା ଜାରି ହୁଏ, ତେବେ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ। ବର୍ତ୍ତମାନ ପର୍ଯ୍ୟନ୍ତ, କେବଳ ଗୋଟିଏ ମାମଲା ରିପୋର୍ଟ ହୋଇଛି। ମାମଲା ବୃଦ୍ଧି ହେଲେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ଡଙ୍ଗା ବୁଡ଼ି...

ପାରିନଥିଲେ। ଫଳରେ ବୁଲୁ କୌଣସି ପ୍ରକାରେ ନିଜକୁ ବଞ୍ଚାଇବାରେ ସକ୍ଷମ ହୋଇଥିଲେ। ଗୁରୁବାର ସକାଳୁ ଅନ୍ୟ ମତ୍ସ୍ୟଜୀବୀଙ୍କ ସହାୟତାରେ ଅଗ୍ନିଶମ ବାହିନୀ ୩ଜଣଙ୍କ ମୃତଦେହ ଉଦ୍ଧାର କରିଥିଲା।

ଏହି ଖବର ପ୍ରଚାରିତ ହେବା ପରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ନିର୍ଦ୍ଦେଶରେ ଉପଜିଲ୍ଲାପାଳ ପରୀକ୍ଷିତ ସାହୁ, ତହସିଲଦାର, ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସମେତ ଜିଲ୍ଲା ପ୍ରଶାସନର ବହୁ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ପୀଡ଼ିତ ପରିବାରଙ୍କୁ ତତ୍କାଳ ସହାୟତା ଯୋଗାଇବାକୁ ସ୍ଥାନୀୟ ସରପଞ୍ଚ ଦୋଳଗୋବିନ୍ଦ ପ୍ରଧାନଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ସୂଚନା ପାଇ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ନିଜ ସହଯୋଗୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଶବଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

### କୃଷି ପୋଖରୀ...

କାଶୀପୁର ବ୍ଲକ୍‌ର ବିଭିନ୍ନ ଗ୍ରାମରେ ମନରେଗା ଯୋଜନାରେ ୨୩ଟି କୃଷି ପୋଖରୀ ଖନନ ନ କରି ଖନନ ହୋଇଥିବା ଦର୍ଶାଇ ୨୦ଲକ୍ଷ ଟଙ୍କାରୁ ଅଧିକ ସରକାରୀ ଟଙ୍କା ଆତ୍ମସାତ କରିଥିବା ତଦନ୍ତରେ ଜଣାପଡ଼ିଥିଲା। ଓଡ଼ିଶା ଭିଜିଲାନ୍ସ ସେମାନଙ୍କୁ ଗିରଫ କରିଛି। ସେମାନଙ୍କୁ ଜୟପୁରର ସ୍ୱତନ୍ତ୍ର ବିଚାରପତି,ଭିଜିଲାନ୍ସ କୋର୍ଟକୁ ପଠାଯାଇଛି। ଏ ସମ୍ପର୍କରେ କୋରାପୁଟ ଭିଜିଲାନ୍ସ କେସ ନମ୍ବର ୨୦/୨୧/୦୫/୨୦୨୫ଧାରା (୧୩(୨)ଆର/ଡବ୍ଲ୍ୟୁ ୧୩ (୧)(କ)ପିସି (ସଂଶୋଧନ) ଆଇନ,୨୦୧୮/୩୧୮(୪)/୩୧୬(୫)/୩୩୬(୩)/୩୪୦(୨)/୬୧/(୨)ବିଏନଏସ,୨୦୨୩ ଅନୁଯାୟୀ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି।

### କଂଗ୍ରେସ ଧାରଣାରେ...

କୌଣସି କମିଟିରେ ସ୍ଥାନ ପାଇ ନାହାନ୍ତି। ସେହିପରି ଏହି ଦୁଇ ବରିଷ୍ଠ ନେତାଙ୍କ ପୁଅମାନଙ୍କୁ କୌଣସି ପଦ ମିଳିନାହିଁ। ନିରଞ୍ଜନ ପଟ୍ଟନାୟକଙ୍କ ପୁଅ ନବଜ୍ୟୋତି ଓ ଜୟଦେବ ଜେନାଙ୍କ ପୁଅ ମନୋଜ ଜେନା ଦଳର ଦ୍ୱିତୀୟ ପିଢ଼ି ନେତା ଭାବେ ଉଭା ହେଉଥିବା ବେଳେ ଦଳ ଯୁବ ଛାତ୍ର ସଂଗଠନର ଅନେକ କାର୍ଯ୍ୟକ୍ରମ ସଫଳ କରାଇବାରେ ପ୍ରମୁଖ ଭୂମିକା ନିର୍ବାହ କରିଛନ୍ତି। ସେମାନଙ୍କୁ ଉପେକ୍ଷା କରି ଭକ୍ତ ନିଜ ଗୋଡ଼ରେ କୁରାଢ଼ୀ ମାରିଛନ୍ତି ବୋଲି ଦଳୀୟ କର୍ମୀ ଚର୍ଚ୍ଚା କରୁଛନ୍ତି। ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ମୋକିମ୍ ଓ କଂଗ୍ରେସର ଏକମାତ୍ର ମହିଳା ବିଧାୟକ ସୋଫିଆ ଫିରଦୋସ୍‌ଙ୍କୁ ମଧ୍ୟ କମିଟିରେ ସ୍ଥାନ ଯାଇନାହିଁ। ତେଣୁ ଆଜି ଧାରଣାରେ ସେମାନଙ୍କ ଅନୁପସ୍ଥିତିକୁ ଏହା ସହ ଅନେକ ଯୋଡୁଛନ୍ତି । ଅନ୍ୟପକ୍ଷରେ ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍, ଶ୍ରୀକାନ୍ତ ଜେନାଙ୍କ ଭଳି ନେତା ମଧ୍ୟ କାର୍ଯ୍ୟକ୍ରମରୁ ନିଜକୁ ଦୂରେଇ ରହିବା ଭକ୍ତଙ୍କ ନେତୃତ୍ୱ ପ୍ରତି ନୂଆ ଆହ୍ୱାନ ସୃଷ୍ଟି କରିଛି।

ଆଜି ଧାରଣାରେ ପିସିସି ପ୍ରଭାରୀ ଅଜୟ କୁମାର ଲଲ୍ଲୁ ସାମିଲ ହୋଇଥିବା ବେଳେ ଏଆଇସିସିକୁ ଏ ସଂକ୍ରାନ୍ତରେ ବାର୍ତ୍ତା ଯାଇଥିବା କୁହାଯାଇଛି। ଯେଉଁଥିପାଇଁ ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାରତୁରନ୍ତ କଂଗ୍ରେସର ରାଜନୈତିକ ବ୍ୟାପାର କମିଟି ବୈଠକ ଡକାଯାଇଛି। ସକାଳ ୧୦ଟାରେ କଂଗ୍ରେସ ଭବନରେ ଏହି ବୈଠକ ବସିବା ଓ ପିସିସି ସଭାପତି, ରାଜ୍ୟ ପ୍ରଭାରୀଙ୍କ ସମେତ ରାଜନୈତିକ ବ୍ୟାପାର କମିଟି ସଦସ୍ୟମାନେ ଉପସ୍ଥିତ ରହିବେ। ରାଜନୈତିକ ବ୍ୟାପାର କମିଟିରେ ପୂର୍ବତନ ପିସିସି ସଭାପତିଙ୍କ ସମେତ ଅନ୍ୟ ହେଭିୱେଟ୍ ମାନେ ସଦସ୍ୟ ରହିଥିବାରୁ ଏହି ବୈଠକରେ ନୂତନ କମିଟିକୁ ନେଇ ଆଲୋଚନା ହେବାର ସମ୍ଭାବନା ରହିଛି।

### କର୍କଟ ରୋଗୀଙ୍କ...

ତାହା ମିଳୁନାହିଁ। ଆୟୁଷ୍ମାନ କାର୍ଡ କେବଳ ଅପରେସନ, କେମୋ ଓ ଲାଇଟ୍ ପାଇଁ ବ୍ୟବହାର ହେଉଛି। ବାକି ସବୁ ପରୀକ୍ଷା, ଔଷଧ ପାଇଁ ଥରେ ଆସିଲେ ବହୁ ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିବା ସେ ଅଭିଯୋଗ କରିଛନ୍ତି। ଆଉ ଜଣେ ରୋଗୀ ସମ୍ପର୍କୀୟ ମଧ୍ୟ ଆୟୁଷ୍ମାନ କାର୍ଡର ବ୍ୟବହାରକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ପୂର୍ବରୁ ବିଏସ୍‌କେୱାଇ କାର୍ଡ ନେଇ ଗଲା ଚିକିତ୍ସା ହେବାସହ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡୁ ନ ଥିଲା। କେବଳ ରହିବା ପାଇଁ ଖର୍ଚ୍ଚ ହେଉଥିଲା। କିନ୍ତୁ ଏବେ ଆୟୁଷ୍ମାନ ଯୋଜନାରେ ହୋଇଥିବା ପରିବର୍ତ୍ତନ ଅନୁସାରେ ମୁମ୍ବାଇରେ ଥିବା ଡାକ୍ତରଖାନା ମାନଙ୍କରେ ସବୁ ସୁବିଧା ଦିଆଯାଉନାହିଁ। ଏହିଭଳି ଅନେକ ରୋଗୀ ମୁମ୍ବାଇ ନିୟମିତ ଯାଇ ଚିକିତ୍ସିତ ହେଉଥିବା ବେଳେ ଆୟୁଷ୍ମାନ ଯୋଜନା କାର୍ଡ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗ ହୋଇଛି। ଏଦିଗରେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।


**ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର**
ଗ୍ରା. ଦୁର୍ଗାପାଲି, ପୋ. ପାଇକମାଲ, ଜି. ବରଗଡ଼ (ଓଡ଼ିଶା), ଇନଡେକ୍ସ ନଂ. ୧୪୦୬/ ୮ଏନ୍‌ଏସ୍
LI No. 237/(2)/19.5.2025

**ଇସ୍ତାହାର**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଶ୍ରୀ ନୃସିଂହନାଥ ମହାପ୍ରଭୁଙ୍କ ବିଭିନ୍ନ ମୌଜା ସ୍ଥିତ ଚାଷ ଜମି [illegible]

| ମୌଜା | କିସମ | ମୋଟ ଜମି(ଏକର) | ଅମାନତ | ଲିଜରେ ଧାର୍ଯ୍ୟ ମୂଲ୍ୟ |
|---|---|---|---|---|
| ପିପଲ ଗୁଣ୍ଡ | ବାହାଲ( ବନ୍ଧ ତଳ ଠାରୁ ତଳ ବାହାଲ | ଏ୧୮.୬୫ | ଟ.୧,୧୨,୬୩୦/- | ଟ. ୩,୭୬,୧୦୦/- |
| | ମାଲ | ଏ୨୮.୦୦ | | |
| | ଅଟ | ଏ୧୨.୦୦ | | |
| ପାଇକମାଲ | ମାଲ | ଏ୫.୦୦ | ଟ.୨,୨୦୦/- | ଟ. ୨୫,୦୦୦/- |
| ସାଲେପାଲି | ମାଲ ଓ ବାହାଲ (ଜାମୁଆ ସହିତ) | ଏ୨୫.୦୦ | ଟ.୧,୩୦,୨୦୦/- | ଟ.୪,୩୪,୦୦୦/- |
| ଜୋଳଡେରା | ମାଲ | ଏ୭.୦୦ | ଟ. ୧୫,୦୦୦/- | ଟ. ୬୦,୦୦୦/- |
| କୋଡେଲା | ବେର୍ଣ୍ଣମାଲ | ଏ୧୮.୦୦ | ଟ. ୨୪,୦୯୦/- | ଟ. ୮୦,୩୦୦/- |
| ଦୁର୍ଗାପାଲି | ବେର୍ଣ୍ଣ | ଏ୫.୦୦ | ଟ. ୬,୦୦୦/- | ଟ.୨୦,୦୦୦/- |

ନିୟମାବଳୀ: [illegible]

ସ୍ୱା/- [illegible]
ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର



**SALE**
Booking Open 2/3 BHK Flats
BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.
Contact
GADHWAL GROUP
M.: 9437015112

**LOST**
By virtue of an affidavit before the Executive Magistrate, Kabisurya-nagar, Ganjam, I, Bansidhar Behera, S/o- Saiba Behera, resident of At/Po.- Hindala, Ps. Kabisuryanagar, Dist.- Ganjam state that, in the Birth certificate of my son his name has been correctly mentioned as **Viditya Bansidhar Behera** but in the Aadhaar card no. 9614 8486 3638 his name has been wrongly mentioned as Viditya Behera. I want to correct my son's name as **Viditya Bansidhar Behera** in the said Aadhaar Card.

**AFFIDAVIT**
I, **Minati Patnaik,** W/o.: Swarup Kumar Mohanty, resident of At: House No.: 12, Basera Mansion, Damana, Bhubaneswar, Dist.: Khordha, PIN-751001, Odisha, declare by this affidavit No.: 84, dated-22/02/2025, that now onwards I shall be known as **MINATI PATTANAIK** for all future purposes.

**AFFIDAVIT**
By virtue of an affidavit sworn before the Notary Public, Sunabeda dated 09/05/2025, I Smt Babita Patra D/o- Satyaban Patra, Village - Kumargandhana, Post - Kumargandhana, PS - Nandapur, Dist - Koraput declare that I have changed my name from Basanti Patra to Babita Patra. Henceforth, I shall be known as Babita Patra for all purposes.
Sd/- Babita Patra

**AFFIDAVIT**
By virtue of an affidavit sworn before the Notary Public, Sunabeda dated 12/05/2025, I Smt SOBITA HANTAL D/o- Gupta Hantal, Village - Kadamguda, Post - Kumargandhana, PS - Nandapur, Dist - Koraput declare that I have changed my name from CHANCHALA HANTAL to SOBITA HANTAL . Henceforth, I shall be known as SOBITA HANTAL for all purposes.
Sd/- SOBITA HANTAL

**AFFIDAVIT**
By virtue of an affidavit before the Notary Public, Titilagarh, on dated-21/05/2025. I, **Disha Jain,** formerly known as Geeta Agrawal, Wife of Jitendra Kumar Jain, permanent resident of At- Titilagarh, Ward No.6, PO- Titilagarh, PS- Titilagarh, Dist-Balangir, (Odisha), PIN-767033 now residing at the same place affirm that I have changed my name from **Geeta Agrawal To Disha Jain.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Disha Jain.** **(Disha Jain)**

**AFFIDAVIT**
By virtue of an affidavit before the Executive Magistrate, Titilagarh, on dated- 22/05/2025. I, **Laxman Sahu** (Applicant name), Son of Debendra Sahu, permanent resident of At- Sargiguda (Ram Mandir Road), P.O/P.S.- Titilagarh, Dist- Bolangir, (Odisha), PIN- 767033 now residing at the same place affirm that I have changed my minor daughter name from **Monalisa Sahu To Payal Sahu.** Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Payal Sahu.**
**(Laxman Sahu)**

**AFFIDAVIT**
By virtue of an affidavit sworn before the Notary Public, Sunabeda dated 09/05/2025, I Smt DAITA PANGI D/o- Madhaba Pangi, Village - Chaduguda, Post - Rasabeda , PS -Orkel, Dist - Malkangiri declare that I have changed my name from SABITRI GUNTHA to DAITA PANGI. Henceforth, I shall be known as DAITA PANGI for all purposes.
Sd/- DAITA PANGI

**AFFIDAVIT**
I, Himanshu Sekhar Pati, S/o- Rabindra Nath Pati, resident of At Plot No. 65, Unit-4, Madhusudan Nagar, PS- Kharabela Nagar, PO- GPO, PIN-751001, Bhubaneswar, Dist- Khordha, Odisha declared by this affidavit No. 1057, dtd- 21/05/2025 that now onwards I shall be known as **HIMANSU SEKHAR PATI** for all future purposes.

**AFFIDAVIT**
I, Osima Firdus, aged about 53 years, W/o- Mahamad Nayimudin Khan, resident of 1169 (D) Shanti Vihar, Near ITER Square, Jagamara, Bhuaneswar, Pin-751030, Odisha declared by this affidavit No. 1048, dtd. 19/05/2025, that now onwards I shall be known as **OSIMA FIRDOUS** for all future purposes.

**AFFIDAVIT**
By virtue of an affidavit No.875, Dtd.15.12.2014 sworn before the Executive Magistrate, Bahanaga, Balasore. I, Shrikanta Mahalik, S/o. Suratha Mahalik, At.- Kuapada Po.- Kalyani, Ps.- Khantapada, Dist. Balasore, Odisha, PIN. 756044 declare that I will be known as Srikanta Das, S/o. Suratha Das in all respects and in all purpose. Henceforth, I shall be known as Srikanta Das for all purposes.

**AFFIDAVIT**
I, Smita Das, W/o- Susanta Kumar Kabi, resident of At- Nilakanthapur, PO- Kadalibana, PS- Pattamundai, Dist- Kendrapara, PIN- 754222, Odisha declared by this affidavit No. 796, dtd- 23/04/2025 that now onwards I shall be known as **SMITA KABI** for all future purposes.

**AFFIDAVIT**
I, Sujaya Kumar Sahoo, S/o-Late Kabiraj Sahoo, resident of Plot No-1083, Nilakantheswar, Mandir Road, Near Tipeisuni Margh, Delta, Dist- Khordha, Pin- 751003, Bhubaneswar,Odisha. Declare by this affidavit No.33, dated-22/05/2025 that now onwards I shall be known as **SUJAY KUMAR SAHOO** for all future purposes.

**AFFIDAVIT**
I, Reshma Bibi, W/o-Sk Mojifur Rahman, of Vill-Kotal Mohalla, P.o- Gujidarda, P.s-Bhadrak(R), Dist-Bhadrak, Pin-756128. Declare by this Affidavit No-4932, 15-05-2025, that now onwards. My Son Name & Address wrongly mentioned as Aadhaar Card No-9781 8423 2518, Mansur Mojiburrehman Shaikh. I shall be known as SK MANSUR of Vill-Kotal Mohalla, P.o- Gujidarda, P.s-Bhadrak (R), Dist-Bhadrak, Pin-756128, for all future Purposes.

**AFFIDAVIT**
By virtue of an affidavit sworn before the Executive Magistrate, Athagarh, Dist: Cuttack CF No: 1629 dated 22/04/2025, I **Jayashree Nanda**, W/o Rabinarayan Nanda resident of Village At - Sagadipatana, Po- Barada, Ps-Kishorenagar, Dist- Cuttack, Odisha Pin- 754131 declare that I have changed my minor daughter name from **Rutuparna Nanda** to **Subhashree Priyadarsini.** Henceforth, she shall be known as **SUBHASHREE PRIYADARSINI** for all purposes.
Sd- Jayashree Nanda

**AFFIDAVIT**
I, S A Upasana Mangaraj, W/o- Arun Kumar Jena, resident of Plot No- 135, Ashok Nagar, Bhubaneswar, Khurda, Pin- 751009, Odisha declare by this affidavit No. 59, dated-22/05/2025 that now onwards I shall be known as **UPASANA JENA** for all future purposes.

**AFFIDAVIT**
I, Sweety Pattanayak, aged about 40 years, W/o- Prakash Chandra Mahapatra, resident of Nagapal, Udala, Mayurbhanj, Pin-757041, Odisha declared by this affidavit No. 1056, dtd. 20/05/2025, that now onwards I shall be known as **SWEETY PATNAIK** for all future purposes.

## ପଦ୍ମପୁରର ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ

ପଦ୍ମପୁର,୨୨।୫(ସମିସ): ବହୁଚର୍ଚ୍ଚିତ ପଦ୍ମପୁର ଭେଉଁରିଆ ଛକରୁ ରାଜବାଟୀ ରାସ୍ତା ଜବରଦଖଲ ଉଚ୍ଛେଦ ଅଭିଯାନ ବୁଧବାର ପୁଣି ଆରମ୍ଭ ହୋଇଛି। ଏନେଇ ଏନ୍‌ଏସି ତରଫରୁ ଆଗୁଆ ନୋଟିସ ଜାରି କରାଯାଇଥିଲା। ପ୍ରଥମେ ଏହି ରାସ୍ତାର ମାପଚୁପ କରାଯାଇ ଜବରଦଖଲ ଅଂଶ ଚିହ୍ନଟ ହୋଇଥିଲା। ରାଜସ୍ୱ ପ୍ରଶାସନର ଉପସ୍ଥିତିରେ ସହକାରୀ ତହସିଲଦାର ତପସ୍ୱିନି କୁଡୁକା, ମାମି ମହାନନ୍ଦ, ରାଜସ୍ୱ ନିରୀକ୍ଷକ ଭେଙ୍କୁଲାଲ ପଧାନ, ଜତିକୃଷ ଶତପଥୀ ଏନ୍‌ଏସ କର୍ମଚାରୀ ଦୀନବନ୍ଧୁ ପଧାନ ସମେତ ବିଭାଗୀୟ କର୍ମଚାରୀ ତଥା ପୁଲିସ ପ୍ରଶାସନ ସାମିଲ ରହିଥିଲେ। ଅନେକ ଦିନରୁ ଏହି ରାସ୍ତାରେ ଜବରଦଖଲ ହେତୁ ରାସ୍ତା ସଙ୍କୁଚିତ ହୋଇ ଟ୍ରାଫିକ ସମସ୍ୟା ନିତିଦିନିଆ ଘଟଣାରେ ପରିଣତ ହୋଇଥିଲା।

## ତେନ୍ତୁଲିଟିକ୍ରା କୃଷକ ବଜାରରେ ଧାନକିଣା ଆରମ୍ଭ

ଭେଡେନ,୨୨।୫(ସମିସ): ଭେଡେନ ବ୍ଲକ୍ ଅଧୀନ ଭେଡେନ ପ୍ରାଥମିକ କୃଷି ସମବାୟ ସମିତି ଭେଡେନ ଲିଃ ଚଳିତ ବର୍ଷ ତେନ୍ତୁଲିଟିକ୍ରା କୃଷକ ବଜାରରେ ଧାନକିଣା ଶୁଭାରମ୍ଭ କରିଛି। ସମିତି ସଭାପତି ହରିଶଙ୍କର ବେହେରା ପୂଜାର୍ଚ୍ଚନା କରି ଏହି ଶୁଭାରମ୍ଭ କରିଥିଲେ। ଚାଷୀ କୁଳମଣି ସେଠ୍, ରଘୁବିର ବାରିକ, ବିପିନ ବିହାରି ସୁନା, ଘାସିରାମ ସୁନା, କବିରାଜ ସାହୁ, ଦୁର୍ଲଭ ବାଘଙ୍କ ସର୍ବମୋଟ ୫୫୬ ପ୍ୟାକେଟ (୨୫୧କ୍ୱିଣ୍ଟାଲ୍ ୧୬କେଜି ଧାନ) ଭେଡେନ ପାକ୍ସ ତରଫରୁ କିଣାଯାଇ ମିଲ୍‌କୁ ପଠାଯାଇଛି। ଏହି ଅବସରରେ କୃଷକ ବଜାର ଇନ୍‌ଚାର୍ଜ ମନବୋଧ ପଧାନ, ପାକ୍ସ କର୍ମଚାରୀ କୌଶିକ ପଧାନ, ପ୍ରଶାନ୍ତ ଶତପଥୀ ଚାଷୀ, ମହନ ପଧାନ, ଜଟାଧାରୀ କର୍ମି, ନରେଶ ଘୁଷୁରୀ, ଅଚ୍ୟୁତ କର୍ମି, ନରେନ୍ଦ୍ର ମହାକୁର, ବଳରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।।

## ବରଗଡ଼ ଜିଲ୍ଲାରେ ଛତିଶଗଡ଼ ଧାନ

ବରଗଡ଼,୨୨।୫(ସମିସ): ଛତିଶଗଡ଼ରେ ଧାନକିଣା ବ୍ୟବସ୍ଥା ଓଡ଼ିଶା ଠାରୁ ଅଧିକ ଉନ୍ନତ, ପାରଦର୍ଶୀ ଏବଂ କୃଷକାଭିମୁଖୀ ଅଟେ। କିନ୍ତୁ ଛତିଶଗଡ଼ରେ ରବିଋତୁର ଧାନ ସଂଗ୍ରହ କରାଯାଏ ନାହିଁ। ଏପଟେ ବରଗଡ଼ ଜିଲ୍ଲାର ସୀମା ଛତିଶଗଡ଼ ସହିତ ଲାଗିଛି। ଫଳରେ ରବିଋତୁ ଧାନଚାଷ କରିଥିବା ଚାଷୀମାନେ ଦଲାଲଙ୍କ ଜରିଆରେ ବହୁତ କମ୍ ମୂଲ୍ୟରେ ଧାନ ବିକ୍ରି କରିଥାନ୍ତି। ସେହି ଦଲାଲଙ୍କ ଦ୍ୱାରା ସଂଗୃହୀତ କ୍ୱିଣ୍ଟାଲ୍ କ୍ୱିଣ୍ଟାଲ୍ ଧାନ ସୀମାନ୍ତ ଅଞ୍ଚଳ ଦେଇ ପ୍ରତ୍ୟେକ ଦିନ ଜିଲ୍ଲାକୁ ଆସୁଛି। ଜିଲ୍ଲା ପ୍ରଶାସନ ତରଫରୁ ସୀମା ସିଲ୍ କରି ପୁଲିସ ଜରିଆରେ ଛତିଶଗଡ଼ ଧାନ ଅଟକାଯାଉଥିବା କୁହାଯାଉଛି। କିନ୍ତୁ କୌଣସି ସୁଫଳ ମିଳିନାହିଁ। ରବିଋତୁ ଧାନ ସଂଗ୍ରହ ପ୍ରସ୍ତୁତି ବୈଠକରେ ଏବିଷୟରେ ଆଲୋଚନା ହେବା ସତ୍ତ୍ୱେ ଠିକ୍ ସମୟରେ ସବୁ ପାଣିରଗାର ହୋଇଛି। ଏଣୁ ସମ୍ପୃକ୍ତ ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଦାବି ନେଇ ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର, ସୁରେଶ୍ ନେକେଣ୍ଡି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ରକ୍ତଦାନ ଶିବିର

ବରଗଡ଼,୨୨।୫(ସମିସ): ବରଗଡ଼ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଅମିତ ଆଚାର୍ଯ୍ୟଙ୍କ ନେତୃତ୍ୱରେ ବରଗଡ଼ ସରକାରୀ ମୁଖ୍ୟ ଡାକ୍ତରଖାନାରେ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୩୪ତମ ପୁଣ୍ୟ ତିଥିରେ ଓ ପହଲଗାମ ଆତଙ୍କୀ ଆକ୍ରମଣରେ ପ୍ରାଣ ହରାଇଥିବା ଭାରତୀୟଙ୍କ ସ୍ମୃତିରେ ଏହି ଶିବିର ଆୟୋଜିତ ହୋଇଛି। ମୁଖ୍ୟ ଅତିଥି ରୂପେ ବରଗଡ଼ ଜିଲ୍ଲା ଯୁବ କଂଗ୍ରେସର ପ୍ରଭାରୀ ଇମ୍‌ତାଜ ଖାନ, ନିପନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୪୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ହରଦୀପ ସିଂ, ସରୋଜ ଷଡ଼ଙ୍ଗୀ, ସୁଧିର ଜେନା, ମାନସ ଦାସ, ଅନନ୍ତ ତାଣ୍ଡି, ମୁଜାଫର ହୁସେନ, ପପୁ କୁମ୍ଭାର, ଗଣେଶ ନାଇଡୁ, ଅମିତ ନାଏକ, ଉମାକାନ୍ତ ଭୋରାସାଗର, ଅଭିଳାଷ ପତି, ଅମର ବେଦୀ, ରଜତ ପାତ୍ର, ପିକୁନ ନାଏକ, ବିକାଶ ବହିଦାର, ରାଜେଶ ପ୍ରଧାନ, ଆଶୁତୋଷ, ନିତିନ ଦାସ, ସୁବରାଜ ନାୟକ, ବିଜୁ ପ୍ରଧାନ ପ୍ରମୁଖ କଂଗ୍ରେସକର୍ମୀ ଯୋଗ ଦେଇଥିଲେ।

## ପରଲୋକରେ ଭୁବନେଶ୍ୱର ପଟେଲ



ପଦ୍ମପୁର,୨୨।୫(ସମିସ): ପଦ୍ମପୁର ଉପଖଣ୍ଡ ଜଗଦଲପୁର ଗାଁ ବିଜେପି ନେତା ମଦନମୋହନ ପଟେଲଙ୍କ ବଡ଼ବାପା ଭୁବନେଶ୍ୱର ପଟେଲଙ୍କ ନିଜ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ତାଙ୍କର ୨ ପୁଅ ପରମାନନ୍ଦ ଓ ସଦାନନ୍ଦ, ଝିଅ, ବନ୍ଧୁ ବାନ୍ଧବଙ୍କୁ ସେ ପଛରେ ଛାଡ଼ି ଯାଇଛନ୍ତି। ତଙ୍କ ଶେଷ ଦର୍ଶନ ପାଇଁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ଥାନୀୟ ଶ୍ମଶାନରେ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଥିଲା। ବଡ଼ପୁଅ ପରମାନନ୍ଦ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଟେମ୍ରିମାଲରେ ୨୪ପ୍ରହର ନାମଯଜ୍ଞ

ପାଇକମାଲ,୨୨।୫(ସମିସ): ପାଇକମାଲ ବ୍ଲକ୍ ଝାରବନ୍ଧ ପଞ୍ଚାୟତ ଟେମ୍ରିମାଲ ଗାଁରେ ୨୪ପ୍ରହର ନାମଯଜ୍ଞ ସମ୍ପନ୍ନ ହୋଇଛି। ପୂଜାର୍ଚ୍ଚନା ପରେ ଜଳପୂର୍ଣ୍ଣ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। କର୍ତ୍ତା ଭାବେ ଦୈତାରୀ ବେହେରା ଓ ଲକ୍ଷ୍ମୀ ବେହେରା ରହିଥିଲେ। ମୁଖ୍ୟ ପୂଜକ ଭାବେ ସୁବାଷ ପାଢ଼ୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଆଖପାଖ ତଥା ସୋନପୁର, ବଲାଙ୍ଗିର, କଳାହାଣ୍ଡି, ବରଗଡ଼, ନୂଆପଡ଼ା ଜିଲ୍ଲାରୁ ବହୁ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ।

## ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀଙ୍କ ସହ ଆଲୋଚନା

ପଦ୍ମପୁର,୨୨।୫(ସମିସ): ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକଙ୍କୁ ପଦ୍ମପୁର ବିଧାୟକ ପ୍ରାର୍ଥୀ ଗୋବର୍ଦ୍ଧନ ଭୋଏ ଗୁରୁବାର ଭୁବନେଶ୍ୱରରେ ସାକ୍ଷାତ କରିଛନ୍ତି। ପଦ୍ମପୁର ନିର୍ବାଚନ ମଣ୍ଡଳୀର ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ, ପାନୀୟଜଳ ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଉନ୍ନୟନ ମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଛନ୍ତି। ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ସାକ୍ଷାତ କରି ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି।

# ବିଦ୍ୟାର୍ଥୀଙ୍କ ଭବିଷ୍ୟତ ସହ ଖେଳା ନଯାଉ




ପଦ୍ମପୁର,୨୨।୫(ସମିସ): କେନ୍ଦ୍ରୀୟ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାର ଫଳ ପ୍ରକାଶନର ଗୋଟିଏ ସପ୍ତାହରୁ ଅଧିକ ହେବା ସତ୍ତ୍ୱେ ପଦ୍ମପୁର ଉପଖଣ୍ଡ ୬ଟି ବିଦ୍ୟାଳୟର ପରିଣାମ ପ୍ରକାଶିତ ହୋଇନାହିଁ। ସ୍ନାତକ ପାଇଁ ଆବେଦନର ସମୟ ଶେଷ ହେବାକୁ ବସିଛି। ଯଥାଶୀଘ୍ର ପରିଣାମ ନ ଆସିଲେ ଛାତ୍ରଛାତ୍ରୀଙ୍କ ଗୋଟେ ବର୍ଷ ସମ୍ପୂର୍ଣ୍ଣ ନଷ୍ଟ ହେବାର ଆଶଙ୍କା ରହିଛି। ପରୀକ୍ଷା ବେଳେ ଯଦି କିଛି ଛାତ୍ରଛାତ୍ରୀ ବା ଶିକ୍ଷାନୁଷ୍ଠାନ ଦ୍ୱାରା କୌଣସି ତ୍ରୁଟି ହୋଇଛି ତେବେ ସମସ୍ତଙ୍କ ଭବିଷ୍ୟତକୁ ନଷ୍ଟ କରାଯିବା ସମୀଚିନ ନୁହେଁ। ପରିଣାମ ନ ଆସିବା ଦ୍ୱାରା ଅନେକ ମାନସିକ ଚାପ ଦେଇ ଗତି କରୁଛନ୍ତି। ବର୍ଷ ବର୍ଷ ଧରି ପରିଶ୍ରମ କରିଥିବା ବିଦ୍ୟାର୍ଥୀ ନିଜ ପରିଶ୍ରମର ପରିଣାମ ନପାଇ ଭାଙ୍ଗି ପଡ଼ିଛନ୍ତି। ଏପଟେ ବିଭିନ୍ନ ସ୍ତରରେ ବୈଠକ ପରେ ବୈଠକ ହେବା ସତ୍ତ୍ୱେ କିଛି ସୁଫଳ ମିଳୁନାହିଁ। ଏସ୍ଥିତିରେ ବିଦ୍ୟାର୍ଥୀଙ୍କ ଭବିଷ୍ୟତ ସହ ଖେଳା ନଯାଉ ଓ ଯଥାଶୀଘ୍ର ଏ ସମ୍ପର୍କରେ ପଦକ୍ଷେପ ନିଆଯାଉ ବୋଲି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ମତ ପ୍ରଦାନ କରିଛି। ଏବିଭିପି ପଦ୍ମପୁର ନଗର ସମ୍ପାଦକ ପ୍ରତ୍ୟୁଷ ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଉପଜିଲ୍ଲାପାଳ ସୁଶ୍ରୀ ସ୍ନେହା ଆରୁଗୁଲାଙ୍କୁ ଭେଟି ପରୀକ୍ଷା ଫଳାଫଳ ପ୍ରକାଶ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବାକୁ ଅନୁରୋଧ କରିଛନ୍ତି। ପଦ୍ମପୁରର ବିଭିନ୍ନ ସିବିଏସ୍‌ଇ ଶିକ୍ଷାନୁଷ୍ଠାନ ସହ ଏବିଭିପି ବାରମ୍ବାର ଆଲୋଚନା ଜାରିରଖିଛି। ଏବିଭିପିର ନଗର ସହ ସମ୍ପାଦକ ସୌମ୍ୟରଞ୍ଜନ ସାହୁ, ସ୍ୱରାଜ ସାହୁ, ପ୍ରଜ୍ଜ୍ୱଳ ମହାରଣା, ସୁମିତ ସାହୁ, ଅସୀମ ପୁରୋହିତ ଉପସ୍ଥିତ ରହି ଉପଜିଲ୍ଲାପାଳଙ୍କୁ ନିବେଦନ କରିଥିଲେ।

● ଭେଡେନ ପଞ୍ଚାୟତ ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ମାଇଁ ଇଲେଭେନ୍‌କୁ ହରାଇ ମାନସ ଇଲେଭେନ୍ ବିଜୟୀ



ଭେଡେନ,୨୨।୫(ସମିସ): ଭେଡେନ ସ୍ଥିତ ରନଜିତା ଖେଳ ପଡ଼ିଆରେ ଚାଲିଥିବା ଭେଡେନ ପଞ୍ଚାୟତ କ୍ରିକେଟ୍ ଲିଗ୍ ଟୁର୍ଣ୍ଣାମେଣ୍ଟରେ ଗୁରୁବାର ମାନସ ଇଲେଭେନ୍ ଓ ମାଇଁ ଇଲେଭେନ୍ କୁତପାଲି ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ପ୍ରଥମେ ମାଇଁ ଇଲେଭେନ୍ ଟସ୍ ଜିତି ବୋଲିଂର ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ମାନସ ଇଲେଭେନ୍ ୧୧.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୯୬ରନ୍ ସଂଗ୍ରହ କରିଥିଲା। ଜବାବରେ ମାଇଁ ଇଲେଭେନ୍ ନିର୍ଦ୍ଧାରିତ ୧୨ ଓଭର୍‌ରେ ୮ ୱିକେଟ୍ ହରାଇ ୮୪ରନ୍ ସଂଗ୍ରହ କରିଥିଲା। ଫଳରେ ମାନସ ଇଲେଭେନ୍ ୧୨ରନ୍‌ରେ ବିଜୟୀ ହୋଇଥିଲା। ମାନସ ଏଲେଭେନ୍‌ର ଏମ୍‌ଡି ରାଜୁ ୨୩ ବଲରୁ ୫୪ରନ୍ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମ୍ୟାଚ୍‌ରେ ଅତିଥି ଭାବେ ପୂର୍ବତନ ଖେଳାଳି ସୁନୀଲ ଅଦାବର୍ ଓ ପ୍ରସନ୍ନ ଦାଶ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଖେଳକୁ ସୁନୀଲ୍ ଅଦାବର୍ ଓ ପ୍ରସନ୍ନ ଦାଶ ପରିଚାଳନା କରିଥିବା ବେଳେ ସ୍କୋରର୍ ଭାବେ ଯୁବରାଜ ଡନସନା ଓ ରାଜା ନାଏକ ଦାୟିତ୍ୱ ତୁଲାଇଥିଲେ। ଖେଳ ଧାରାବିବରଣୀ ଲିପୁନ ବେହେରା ଓ ବାବୁଲାଲ୍ ପ୍ରଦାନ କରିଥିଲେ।

## +୨ ପରୀକ୍ଷାରେ ରେଡିଏନ୍ସ ଶିକ୍ଷାନୁଷ୍ଠାନର ସଫଳତା



ବିଜେପୁର,୨୨।୫(ସମିସ): ବିଜେପୁର ରେଡିଏନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ଆଡଭାନସ୍ ଷ୍ଟଡିଜ ଛାତ୍ରଛାତ୍ରୀ ଯୁକ୍ତ ଦୁଇ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିଛନ୍ତି। ଛାତ୍ରୀ ପ୍ରତୀକ୍ଷା ପଧାନ ଦଶମ ଶ୍ରେଣୀରେ ୪୦୩(୬୭.୧୭%)ରଖିଥିଲେ। କିନ୍ତୁ ଯୁକ୍ତ ଦୁଇରେ ସର୍ବାଧିକ ୫୨୭ ମାର୍କ ରଖି କଲେଜରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଛାତ୍ରୀ ମନିଷା ନାୟକ ଦଶମ ଶ୍ରେଣୀରେ ୩୧୧ ମାର୍କ ରଖିଥିଲେ କିନ୍ତୁ ଯୁକ୍ତ ଦୁଇରେ ୪୭୫ମାର୍କ ରଖିଛନ୍ତି। ଫଳରେ ଦଶମରୁ ଯୁକ୍ତ ଦୁଇ ମଧ୍ୟରେ ୨୭.୩୩%(୧୬୪) ଅଧିକ ମାର୍କ ରଖି କଲେଜରେ ରେକର୍ଡ ସୃଷ୍ଟି କରିଛନ୍ତି। ଶିକ୍ଷାନୁଷ୍ଠାନର ୧୫୩ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮୫ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୦୩ ଜଣ ଛାତ୍ରଛାତ୍ରୀ ଦଶମ ମାର୍କ ଠାରୁ ଯୁକ୍ତ ଦୁଇରେ ଅଧିକ ମାର୍କ ଗେନ୍ କରିଛନ୍ତି ବୋଲି ଅନୁଷ୍ଠାନର ଚେୟାରମ୍ୟାନ ଅଜିତ ମେହେର କହିଛନ୍ତି। ଉତ୍ତମ ଫଳାଫଳ ପାଇଁ ସେ ଅଧ୍ୟକ୍ଷ ପ୍ରଫେସର ଘନଶ୍ୟାମ ମେହେର, ଏକାଡେମିକ ଡାଇରେକ୍ଟର ଗୋବିନ୍ଦ ମେହେର, ଆଡମିନଷ୍ଟ୍ରେଟିଭ ଡାଇରେକ୍ଟର ନେତ୍ରମଣୀ ମେହେର, ଉପାଧ୍ୟକ୍ଷ ସଞ୍ଜୟ ବାରିକ ଓ ସମସ୍ତ ଅଧ୍ୟାପକ ଅଧ୍ୟାପିକା ମାନଙ୍କୁ ଧନ୍ୟବାଦ ଦେଇଛନ୍ତି।

## ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ପାଳିତ



ପାଇକମାଲ,୨୨।୫(ସମିସ): ପାଇକମାଲ ବ୍ଲକ୍ ନୃସିଂହନାଥ ବନ ବିଭାଗ କାର୍ଯ୍ୟାଳୟ ପରିସରରେ ମଧ୍ୟ ଜୈବ ବିବିଧତା ଦିବସ କର୍ମଶାଳା ହୋଇଯାଇଛି। ଏଥିରେ ନୃସିଂହନାଥ ରେଞ୍ଜର ହୃଦାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତା କରିଥିଲେ। ପ୍ରକୃତିବନ୍ଧୁ ବଡ଼ ଶତପଥୀ, ନନ୍ଦଲାଲ ନାୟକ, ତ୍ରିଲୋଚନ ଭୋଇ, ଯୋଗେଶ୍ୱର ନାୟକ, ମିନକେତନ ବେହେରା ପ୍ରମୁଖ ଜୈବ ବିବିଧତା ଉପରେ ଆଲୋକପାତ କରିଥିଲେ। ଡ.ସୁରେଶ ଅଗ୍ରୱାଲା, ସୁଶାନ୍ତ ସାହୁ, ସୁରଥ ସାହୁ, ତେଜରାଜ ସିଂ, ସରତ ପଣ୍ଡା, ପ୍ରତ୍ୟୁସ ମୁଣ୍ଡ ପ୍ରମୁଖ ଯୋଗ ଦେଇ ବନ୍ୟ ଜନ୍ତୁ ଓ ଜଙ୍ଗଲ ସୁରକ୍ଷା ଉପରେ ମତ ପ୍ରଦାନ କରିଥିଲେ। ନୃସିଂହନାଥରୁ କପିଳଧାର ପର୍ଯ୍ୟନ୍ତ ପକ୍କାରାସ୍ତା ସହ ଆଲୋକୀକରଣ କରାଗଲେ ପର୍ଯ୍ୟଟକ ଆକର୍ଷିତ ହେବେ। ଏହାସହିତ ଜଙ୍ଗଲର ସୁରକ୍ଷା ହୋଇ ପାରିବ ବୋଲି ପ୍ରକୃତି ବନ୍ଧୁ ବିଭୁତି ମୁଣ୍ଡ କହିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

**ଅମ୍ବାଭୋନା:** ସେହିପରି ଜୈବ ସମ୍ପଦର ସଂରକ୍ଷଣ ନିମନ୍ତେ ଶିକ୍ଷାର୍ଥୀଙ୍କୁ ସଚେତନ କରିବାକୁ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନ ଭୁକ୍ତାର ଜନତା ସରକାରୀ ହାଇସ୍କୁଲ ଶିକ୍ଷାର୍ଥୀଙ୍କୁ ନେଇ ଆର୍ନ୍ତଜାତୀୟ ଜୈବ ବିବିଧତା ଦିବସ ପାଳିତ ହୋଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ୱେବ୍‌ନାର ଅନୁଷ୍ଠିତ ହୋଇଥିଲା। ଏଥିରେ ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ଆନ୍ତର୍ଜାତୀୟ ଜୈବ ବିବିଧତା ଦିବସର ପ୍ରସଙ୍ଗ 'ପ୍ରକୃତି ସହ ସମନ୍ୱୟ ଓ ଏହାର ସ୍ଥାୟୀ ବିକାଶ' ବିଷୟରେ ଆଲୋକପାତ କରିଥିଲେ। ଏହାସହ ଜୈବ ବିବିଧତାର ମହତ୍ତ୍ୱ ଓ ଏହାର ସଂରକ୍ଷଣର ଆବଶ୍ୟକତା ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଏଥିରେ ବିଦ୍ୟାଳୟର ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବ୍, ଶକ୍ତି କ୍ଲବ୍, ମାନକ କ୍ଲବ୍, ହୋମି ଭାବା ବିଜ୍ଞାନ କ୍ଲବ୍ ଏବଂ ସାର୍ ସିଭି ରମଣ ବିଜ୍ଞାନ କ୍ଲବ୍‌ର ସଦସ୍ୟ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ଆଶୁତୋଷ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ସଙ୍କୀର୍ତ୍ତନ ପରିଷଦ ବୈଠକ

● ଅଶ୍ଳୀଳ ଓ ଦୁଇ ଅର୍ଥ ବୋଧକ ପରିବେଷଣକୁ ବିରୋଧ



ବରଗଡ଼,୨୨।୫(ସମିସ): ଜିଲ୍ଲା ସଙ୍କୀର୍ତ୍ତନ ପରିଷଦ ଆନୁକୂଲ୍ୟରେ ଝାରବନ୍ଧ ବ୍ଲକ୍ ଅଧୀନ ଗଉଡ଼ମାଲ ଗାଁରେ ରାମଜୀ ମନ୍ଦିର ପ୍ରାଙ୍ଗଣରେ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ ପ୍ରଧାନଙ୍କ ସଂଯୋଜନାରେ ବ୍ଲକ୍‌ର ବିଭିନ୍ନ ସଙ୍କୀର୍ତ୍ତନ ମଣ୍ଡଳୀର ଗାୟକ, ବାୟକ ଓ ସଦସ୍ୟ ବୃନ୍ଦ ଅଂଶଗ୍ରହଣ କରିଥିଲେ। ପରିଷଦର ସମ୍ପାଦକ ଜୟଦେବ ପଣ୍ଡା ଅପସଂସ୍କୃତି ଆଡ଼କୁ ଗତି କରୁଥିବା ସଙ୍କୀର୍ତ୍ତନ ସଂସ୍କୃତିକୁ ବଞ୍ଚାଇବା ପାଇଁ ସମସ୍ତଙ୍କ ମିଳିତ ଉଦ୍ୟମ ଆବଶ୍ୟକ ବୋଲି କହିଥିଲେ। ଜିଲ୍ଲା ପର୍ଯ୍ୟବେକ୍ଷକ ଲଳିତ ମୋହନ ପଣ୍ଡା, ସଂସ୍କୃତି ଆବାହକ କପିଳ ବାଗ, ଜିଲ୍ଲା ସଂଯୋଜକ ଗୋପବନ୍ଧୁ ପୁରୋହିତ ପ୍ରମୁଖ ଉପସ୍ଥିତ ରହି ବ୍ଲକ୍ ସଙ୍କୀର୍ତ୍ତନ ପରିଷଦ ଗଠନ କରିଥିଲେ। ଗଉଡ଼ମାଲ ରାମଜୀମନ୍ଦିର ସଙ୍କୀର୍ତ୍ତନ ମଣ୍ଡଳୀର ସଦସ୍ୟ ଶିବାଜି ବାଗ ବ୍ଲକ୍ ସଂଯୋଜକ ଭାବେ ମନୋନୀତ ହୋଇଥିଲେ। ତେବେ ଭାବ ଭକ୍ତି ଓ ସମର୍ପଣର ସଙ୍କୀର୍ତ୍ତନରେ ବିଭିନ୍ନ ସ୍ଥାନରେ ଅଶ୍ଳୀଳ ଓ ଦୁଇ ଅର୍ଥ ବୋଧକ ସଙ୍କୀର୍ତ୍ତନକୁ ଆଗାମୀ ଦିନରେ ତୀବ୍ର ବିରୋଧ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ଗାଁର ଗରିବ ପରିବାରରେ ଜନ୍ମିତ ଛାତ୍ର ବିଶ୍ୱରଣା ମାଟ୍ରିକ ପରୀକ୍ଷାରେ ଏ ୱାନ୍ ଗ୍ରେଡ୍ ଆଣିଥିବାରୁ ପରିଷଦ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପାଇକମାଲ ନାଗରିକ କମିଟିର ବୈଠକ

ପାଇକମାଲ,୨୨।୫(ସମିସ): ପାଇକମାଲ ନାଗରିକ କମିଟିର ଜରୁରୀ ବୈଠକ ଗୁରୁବାର ମନୋଜ ତ୍ରିବେଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ନିମନ୍ତ୍ରଣ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଯୋଗ ଦେଇଥିଲେ। ବୈଠକର ସମ୍ପାଦକ ନୀଳମଣି ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପାଇକମାଲକୁ ସଫାସୁତୁରା ରଖିବା, ଅଞ୍ଚଳର ବିଭିନ୍ନ ସ୍ଥାନରୁ ଜବରଦଖଲ ହଟାଇ ରାସ୍ତା ଚଉଡ଼ା କରିବା, ଆଲୋକୀକରଣ କରାଯିବା, ସରକାରୀ ଚିକିତ୍ସାଳୟରେ ଚିକିତ୍ସା ବ୍ୟବସ୍ଥା ଉନ୍ନତ କରିବା, ଷ୍ଟାଡିୟମ ନିର୍ମାଣ, ଆଇନ ଶୃଙ୍ଖଳା ପରିସ୍ଥିତି, ନୂତନ ସିଏଚସି ନିର୍ମାଣ ଆଦିକୁ ନେଇ ଆଲୋଚନା ହୋଇଥିଲା। ସାଂସଦ ଏସବୁ ଅନୁଧ୍ୟାନ ପରେ ଆଉଥରେ ମିଟିଂ କରି ଜିଲ୍ଲାପାଳ, ଏସପି, ସିଡିଏମ ଓ ତଥା ଅନ୍ୟ ଜିଲାସ୍ତରୀୟ ଅଧିକାରୀଙ୍କୁ ଡାକି ତାଙ୍କ ଉପସ୍ଥିତିରେ ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ। ସଭାରେ ନାଗରିକ କମିଟିର ତଥା ପାଇକମାଲର ଅନେକ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ। ଶେଷରେ ରାଜକିଶୋର ସାହୁ ସାଂସଦ ପ୍ରଦୀପ ପୁରୋହିତ ଓ ଉପସ୍ଥିତ କମିଟି ସଭ୍ୟଙ୍କୁ ଧନ୍ୟବାଦ ଦେଇଥିଲେ।

## ଅପରେସନ 'ସିନ୍ଦୂର'ର ସଫଳତାକୁ ନେଇ ତ୍ରିରଙ୍ଗା ଶୋଭାଯାତ୍ରା

ଅମ୍ବାଭୋନା,୨୨।୫(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା କେଦାରନାଥ ମନ୍ଦିରରୁ ପ୍ରକାଶପୁର ସ୍ଥିତ ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ତ୍ରିରଙ୍ଗା ଶୋଭାଯାତ୍ରା ହୋଇଯାଇଛି। ଅପରେସନ ସିନ୍ଦୂରର ସଫଳତା ଓ ଭାରତୀୟ ସେନା ବାହିନୀର ଦକ୍ଷତାକୁ ସମ୍ମାନ ଜଣାଇ ଗୁରୁବାର ତ୍ରିରଙ୍ଗା ଶୋଭାଯାତ୍ରା କରାଯାଇଥିଲା। ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ, ଜିଲ୍ଲା ବିଜେପି ସଭାପତି ଡ.ଅରୂପା ସାହୁ ଜାତୀୟ ପତାକା ଦେଖାଇ ଶୋଭାଯାତ୍ରାର ଆରମ୍ଭ କରିଥିଲେ। ଅମ୍ବାଭୋନା ବ୍ଲକ୍‌ର ଅବସରପ୍ରାପ୍ତ ସେନା ଉପେନ୍ଦ୍ର ପୋଡ଼, କିଶୋର ପୁରୋହିତ, ସ୍ୱାଧୀନ ସାହୁ, ଦିଲ୍ଲୀପ ନାଏକ ଓ ଗଙ୍ଗେଇ ଗାଁର କାର୍ଯ୍ୟରତ ସେନା ବୀରେନ୍ଦ୍ର ଦୁଆନଙ୍କୁ ଶ୍ରୀ ପୁରୋହିତ ପୁଷ୍ପମାଲ୍ୟ, ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଶୋଭାଯାତ୍ରାରେ ନାଗରିକଙ୍କ ସହ ପ୍ରାଶାସନିକ ଅଧିକାରୀ, ଅମ୍ବାଭୋନା ତହସିଲଦାର ରଘୁନାଥ ପାଣିଗ୍ରାହୀ, ପୁଲିସ ବାହିନୀ, ଅବସରପ୍ରାପ୍ତ ସେନା, ବିଜେପି କର୍ମୀ ଗୁନାରୁ ପଧାନ, ଯୋଗୀନ୍ଦ୍ର ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ। ହାତରେ ତ୍ରିରଙ୍ଗା ଧରି ହିନ୍ଦୁସ୍ତାନ ଜିନ୍ଦାବାଦ, ଭାରତ ମାତା କି ଜୟ, ଜୟ ଯବାନ ଜୟ କିଷାନ ଆଦି ନାରା ଦେଇ ଶୋଭାଯାତ୍ରାରେ ବାହାରିଥିଲେ।



# ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବରଗଡ଼,୨୨।୫(ସମିସ)



ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳାଫଳକୁ ନେଇ ବରଗଡ଼ ଶାଖା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଗୁରୁବାର ହୋଇଯାଇଛି। କ୍ରିଷ୍ଣା ବିକାଶ ଅନୁଷ୍ଠାନର ଚେୟାରମ୍ୟାନ୍ ଦାଶରୀ ମୁରଲୀ କ୍ରୀଷ୍ଣାଙ୍କ ଏଥିରେ ଅଧ୍ୟକ୍ଷତା କରିଥିଲେ। ଯୁକ୍ତ ଦୁଇ ପରୀକ୍ଷାରେ ୮୦% ରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ଛାତ୍ରଛାତ୍ରୀ ଏବଂ ସେମାନଙ୍କ ପିତାମାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଶ୍ରେଷ୍ଠ ଫଳାଫଳ ପାଇଁ ଦାଶରୀ ମୂରଲୀ କ୍ରୀଷ୍ଣା ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ ଅଧ୍ୟାପିକାଙ୍କ ପରିଶ୍ରମକୁ ଶ୍ରେୟ ଦେବା ସହିତ ଛାତ୍ରଛାତ୍ରୀଙ୍କ ନିଟ୍ ଏବଂ ଜେଇଇ ପ୍ରବେଶିକା ପରିକ୍ଷା ନିମନ୍ତେ ଏଠାରେ ଥିବା ଇଣ୍ଟିଗ୍ରେଟେଡ୍ ପ୍ରୋଗ୍ରାମ୍‌ର ଭୂୟସୀ ପ୍ରଶଂସା କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ବିକାଶ ସିନିୟର ସେକେଣ୍ଡାରୀ ସ୍କୁଲର ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି ଇଣ୍ଟିଗ୍ରେଟେଡ୍ ପ୍ରୋଗ୍ରାମ୍ ବିଷୟରେ ସୂଚନା ଦେଇ କହିଛନ୍ତି ଚଳିତ ବର୍ଷ ପ୍ରକାଶିତ ଆଇଆଇଟି ଜେଇଇ(ମେନ୍) ସେସନ୍ ୨ ପ୍ରବେଶିକା ପରୀକ୍ଷାରେ ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟର ଛାତ୍ର ପ୍ରତ୍ୟୁଷ ସାହୁ ୯୯.୩୯% ରଖିଥିବା ବେଳେ ୪ ଜଣ ଛାତ୍ରଛାତ୍ରୀ ୯୮% ଉର୍ଦ୍ଧ୍ୱରେ, ୧୪ ଜଣ ୯୭% ଉର୍ଦ୍ଧ୍ୱରେ, ୨୧ ଜଣ ୯୫%ରୁ ଉର୍ଦ୍ଧ୍ୱରେ ଏବଂ ୮୭ଜଣ ଆଇଆଇଟି-ଜେଇଇ(ମେନ୍) ସେସନ୍ ୨ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଏନ୍‌ଟିଏ-ନିଟ (ୟୁଜି) ମେଡିକାଲ ପ୍ରବେଶିକା ପରୀକ୍ଷା ୨୦୨୫ରେ ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟ ଓ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସରକାରୀ ମେଡିକାଲ କଲେଜ କଟଅଫ୍ ମାର୍କ ଉର୍ଦ୍ଧ୍ୱରେ ରଖିବେ ବୋଲି ଆଶା ରହିଛି। ସିୟୁଇଟି (ୟୁଜି), ସିଏ, ନେଷ୍ଟ ଏବଂ ଆଇଜର୍ ପ୍ରବେଶିକା ପରୀକ୍ଷାରେ ମଧ୍ୟ ସ୍କୁଲର ଛାତ୍ରଛାତ୍ରୀ ଶ୍ରେଷ୍ଠ ଫଳାଫଳ ହାସଲ କରିବେ ବୋଲି ଆଶା କରାଯାଉଛି। ଚଳିତବର୍ଷର ଫଳାଫଳକୁ ନେଇ କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଟ୍ରଷ୍ଟି ଦାଶରୀରାମ ତୁଳସୀ, ପରିଚାଳନା ନିର୍ଦ୍ଦେଶକ ବିବେକ ଦାଶରୀ, ନିର୍ଦ୍ଦେଶକ ଡ.ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ନିୟର୍ ସେକେଣ୍ଡାରୀ ଶାଖାର ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଏସ୍.କାନ୍ତାରାଓ, କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଏଚ୍‌ଆର୍ ହେଡ୍ ଅଶ୍ୱିନୀ ନାୟକ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

## ସହର ସମସ୍ୟା ନେଇ ପୌରପରିଷଦ ଅଧିକାରୀଙ୍କୁ ଦାବିପତ୍ର



ବରଗଡ଼,୨୨।୫(ସମିସ): ବରଗଡ଼ ବିକାଶ ମଞ୍ଚ ତରଫରୁ ସହରର ବିଭିନ୍ନ ସମସ୍ୟାକୁ ନେଇ ଏକ ପ୍ରତିନିଧି ଦଳ ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁଙ୍କ ସହିତ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛି। ସଭାପତି ସର୍ଦ୍ଦାର ପ୍ରୀତମ ସିଂ ଏହି ଦଳର ପ୍ରତିନିଧିତ୍ୱ କରିଥିଲେ। ସହରରେ ବୁଲା ଗୋରୁଗାଈ ଓ କୁକୁର ସମସ୍ୟା ତଥା ଥାନା ଛକ, ଜର୍ଜ ହାଇସ୍କୁଲ ସାମନା, ଜେଲରାସ୍ତା ଆଦି ମୁଖ୍ୟ ରାସ୍ତାକୁ ଅବରୋଧ କରି ପନିପରିବା ବିକ୍ରି କରୁଥିବା ଦୋକାନୀଙ୍କ ଯୋଗୁ ଟ୍ରାଫିକ ସମସ୍ୟା, ପରିବା ଦୋକାନୀଙ୍କ ପାଇଁ ଭେଣ୍ଡିଂ ଜୋନ୍ ନିର୍ମାଣ କରି ଥଇଥାନ ପ୍ରଭୃତିକୁ ନେଇ ଆଲୋଚନା ହୋଇଥିଲା। ଶ୍ରୀ ସାହୁ ସମସ୍ୟାଗୁଡ଼ିକୁ ଶୁଣି ଶୀଘ୍ର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବିକାଶ ମଞ୍ଚର ଅନ୍ୟ ସଦସ୍ୟ ମନୋରଞ୍ଜନ ପୂଜାରୀ, ରାମକୃଷ୍ଣ ମେହେର, ସାମ୍ବାଦିକ ତୁଳସୀ ଚରଣ ଦାଶ, ଗୋବିନ୍ଦ ଦାଶ ଆଶୁତୋଷ ରଥ, ନବକୃଷ୍ଣ ମିଶ୍ର ଓ ଅଶୋକ ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ମାଛମାଂସ ଦୋକାନ ଭେଣ୍ଡିଂ ଜୋନ୍‌କୁ ସ୍ଥାନାନ୍ତର ଦାବି



**ଝାରସୁଗୁଡା, ୨୨।୫(ସମିସ):** ବେଲପାହାଡ ଗାନ୍ଧୀନଗର ସ୍ଥିତ ଭେଣ୍ଡିଂ ଜୋନକୁ ମାଛ ମାଂସ ଦୋକାନ ସ୍ଥାନାନ୍ତର କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ବେଲପାହାଡ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବେଲପାହାଡ ଓ ଆଖପାଖ ଅଞ୍ଚଳର ଯୁବକମାନେ ବୁଧବାର ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ମିଳନ ଛକରୁ ଗୁମାଡେରା ପର୍ଯ୍ୟନ୍ତ ଥିବା ଚିକେନ, ମଟନ, ମାଛ ଦୋକାନଗୁଡିକୁ ଗାନ୍ଧୀନଗରର ଭେଣ୍ଡିଂ ଜୋନ୍‌କୁ ସ୍ଥାନାନ୍ତର କରାଯିବାକୁ ସେମାନେ ଦାବି କରିଛନ୍ତି। ଜନଗହଳିପୂର୍ଣ୍ଣ ଅଞ୍ଚଳରେ ମାଛମାଂସ ଦୋକାନ ରହୁଥିବାରୁ ସେଠାକାର ପରିବେଶ ପ୍ରଦୂଷିତ ହେଉଛି। ଏଥିସହ ସେଠାରେ ଆସମାଜିକଙ୍କ ଆଡ୍ଡା ଜମୁଥିବାରୁ ମହିଳାମାନଙ୍କ ପାଇଁ ତାହା ସୁରକ୍ଷିତ ରହୁନାହିଁ। ତେଣୁ ଉକ୍ତ ମାଛମାଂସ ଦୋକାନଙ୍କୁ ଭେଣ୍ଡିଂଜୋନ୍ ମଧ୍ୟକୁ ସ୍ଥାନାନ୍ତର କରିବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

# ଭାରିଯାନ ଚଳାଚଳ ରାସ୍ତା କାମରେ ବାଧକ
# ସମସ୍ୟାରେ ଜର୍ଜରିତ ଅଞ୍ଚଳବାସୀ

**ଇବଥର୍ମାଲ, ୨୨।୫(ସମିସ)**

ଲଖନପୁର ବ୍ଲକ ତୃତୀୟ ଜୋନ୍ ଅନ୍ତର୍ଗତ ତେଲେନପାଲି ଟେମ୍ପରିପଡ଼ା ରାସ୍ତା ଅବସ୍ଥା ସୁଧୁରୁନି। ଗତ ୧୫ବର୍ଷ ହେବ ଏହି ରାସ୍ତାରେ ଭାରିଜାନ ଚଳାଚଳ ଯୋଗୁଁ ଶୋଚନୀୟ ହୋଇପଡ଼ିଛି। ମାର୍ଚ୍ଚ ୩୧ତାରିଖ ଦିନ ୧୧୪୦.୪୭ ଲକ୍ଷ ଟଙ୍କା ବ୍ୟୟ ବରାଦ ସହ ୫.୮୫ କିଲୋମିଟର ରାସ୍ତା ନିର୍ମାଣ ସକାଶେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ତେଲେନପାଲି ଠାରେ ଶିଳାନ୍ୟାସ କରିଥିଲେ। ଠିକାଦାର ରାସ୍ତା କାମ ଯୋରସୋରରେ ଚଳାଇଥିବା ବେଳେ ଗୋଦରା କୋଡେ ଯେତେ ମାଡେ ସେତେ ପରିସ୍ଥିତି ଦେଖା ଦେଇଛି। ଅଣଓସାରିଆ ଆରଡି ରାସ୍ତା କାମ ହେଲା ବେଳକୁ କୌଣସି ପ୍ରକାର ଭାରିଯାନ ଚଳାଚଳ କରିବ ନାହିଁ, ଭାରିଯାନ ଚଳାଚଳ କଲେ ରାସ୍ତା ନିର୍ମାଣରେ ବାଧା ସୃଷ୍ଟି ହେବାସହ କାମର ମାନ ଖରାପ ହେବ। ଏ ଦିଗରେ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନକୁ ଶିଳାନ୍ୟାସ ଦିନ ମନ୍ତ୍ରୀ ଶ୍ରୀ ପୂଜାରୀ କଡା ନିର୍ଦ୍ଦେଶ ଦେଇଥିଲେ। ଉପସ୍ଥିତ ଜିଲ୍ଲାପ୍ରଶାସନ ଅଧିକାରୀ ଓ ପୁଲିସ ଅଧିକାରୀ ମଧ୍ୟ ଏହାର ପାଳନ କରାଯିବ ବୋଲି ସହମତି ପ୍ରକାଶ କରିଥିଲେ। ହେଲେ ବାସ୍ତବ ଚିତ୍ର ଓଲଟା। ରାସ୍ତାକାମ ଚାଲିଛି ତା ସାଙ୍ଗକୁ ଓପିଜିସିର ଆଶ ପରିବହନ କରୁଥି ଭାରିଯାନ ମଧ୍ୟ ସେହିବାଟ ଦେଇ ଯାତାୟାତ କରୁଛି। ଯେତେ ଅଭିଯୋଗ କଲେବି କେହି ଶୁଣୁନଥିବା ଠିକାଦାର ସମେତ



ଜନସାଧାରଣ କହିଛନ୍ତି। ଏ ସଂକ୍ରାନ୍ତରେ ବାରମ୍ବାର ଓପିଜିସି କର୍ତ୍ତୃପକ୍ଷଙ୍କୁ ମଧ୍ୟ ଜଣାହୋଇଛି ହେଲେ ସମସ୍ତେ ନିରବଦ୍ରଷ୍ଟା ସାଜିଛନ୍ତି। ଅନ୍ୟପଟେ ଏହି ରାସ୍ତାଉପରେ ନିର୍ଭର କରୁଥିବା ସାତ ଆଠଟି ପଞ୍ଚାୟତ ଲୋକେ ନାହିଁନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଓଭରଲୋଡ ଭାରିଯାନ ନିର୍ମାଣଧୀନ ରାସ୍ତାରେ ଫସିରହି ସମସ୍ୟାକୁ ଦ୍ୱିଗୁଣିତ କରୁଛି। ରାସ୍ତା ନିର୍ମାଣ ସରିବା ପର୍ଯ୍ୟନ୍ତ ଆଶ ପରିବହନ ବିକଳ୍ପ ରାସ୍ତାରେ କରିବାକୁ ଦାବି ହେଉଛି। ନିର୍ମାଣାଧୀନ ରାସ୍ତାରେ ୩୦ଟନ, ୪୦ଟନ୍ ଆଶ ପରିବହନ ଭାରିଯାନ ଯାତାୟତ କଲେ ରାସ୍ତା ଅଳ୍ପ ଦିନରେ ଯଥାପୂର୍ବଂ ତଥାପରଂ ହେବାସହ ସରକାରଙ୍କ କୋଟିକୋଟି ଟଙ୍କା ପାଣିରେ ପଡ଼ିବା ସ୍ଥିତି ହେବ ବୋଲି ମତ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଓପିଜିସିର ଡାଇରେକ୍ଟର ଅପରେସନ ଏ ଆର ଦାଶଙ୍କୁ ପଚରାଯିବାରୁ ଆମେ ସମସ୍ୟା ସମ୍ପର୍କରେ ଅବଗତ ଅଛୁ ଏବଂ ଯେତେ ଶିଘ୍ରହେବ ବିକଳ୍ପ ରାସ୍ତାରେ ଆଶ ପରିବହନ କରିବାକୁ ଆମେ ପ୍ରୟାସ ଜାରି ରଖିଛୁ ବୋଲି କହିଛନ୍ତି।

# ବାଇକ୍ ଓ କାର୍ ମୁହାଁମୁହିଁ ଧକ୍କା, ଜଣେ ଆହତ



**ଝାରସୁଗୁଡା, ୨୨।୫(ସମିସ):** ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ପୌର ପରିଷଦ ଅନ୍ତର୍ଗତ ଇଏସ୍‌ଆଇ ଛକ ନିକଟରେ ବାଇକ୍ ଓ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ୍ ଚାଳକ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ବ୍ରଜରାଜନଗର ପଟୁ ଗାନ୍ଧିଛକ ପଟକୁ କାର୍ ଆସୁଥିବା ବେଳେ ବିପରୀତ ଗାନ୍ଧିଛକ ପଟୁ ବାଇକ୍ ଯାଉଥିଲା। ବାଇକ ସମ୍ମୁଖରେ ଏକ ଟ୍ରକ ଯାଉଥିବା ବେଳେ ଟ୍ରକ୍‌କୁ ବାଇକ୍ ଚାଳକ ଓଭରଟେକ କରୁଥିବା ବେଳେ ବ୍ରଜରାଜନଗର ପଟୁ ଆସୁଥିବା କାର୍‌କୁ ବାଇକ୍ ଜୋରରେ ଧକ୍କା ଦେଇଥିଲା। ଫଳରେ ବାଇକ୍ ଓ କାର୍ ଆଗପଟରେ ଭାଙ୍ଗି ଚୂରମାର ହୋଇଯାଇଛି। ବାଇକ୍‌ରେ ଦୁଇଜଣ ଯାଉଥିବା ବେଳେ ଜଣେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ବ୍ରଜରାଜନଗର ପୁଲିସ ପହଞ୍ଚି ବାଇକ୍ ଚାଳକକୁ ଚିକିତ୍ସା ପାଇଁ ହସ୍ପିଟାଲକୁ ପଠାଇଥିଲା।

# ସ୍ମାର୍ଟଫୋନ ଆସେମ୍ବ୍ଲିଂ ପ୍ରଶିକ୍ଷାର୍ଥୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ

**ଦେବଗଡ଼, ୨୨।୫(ସମିସ):** ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ବିଜୟ କୁମାର ଉପାଧ୍ୟାୟଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ଜିଲ୍ଲାରେ ସ୍ମାର୍ଟଫୋନ ଆସେମ୍ବ୍ଲି ତାଲିମରେ କୃତକାର୍ଯ୍ୟ ହୋଇଥିବା ୧୫ ଜଣ ପ୍ରଶିକ୍ଷାର୍ଥୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ଜିଲ୍ଲାର ବିଭିନ୍ନ ଗ୍ରାମରୁ ଦଶମରୁ ଊର୍ଦ୍ଧ୍ୱ ପାଠ ପଢ଼ି ବେକାର ବସିଥିବା ଯୁବତୀଙ୍କ ନିମନ୍ତେ ନିଯୁକ୍ତି ଭିତ୍ତିକ ତାଲିମ କାର୍ଯ୍ୟକ୍ରମ ଗତ ୩ ମାସ ହେଲା ଚାଲୁ ରହିଥିଲା। ଯୁବତୀମାନେ ଦେବଗଡ଼ ଦକ୍ଷତା ବିକାଶ କେନ୍ଦ୍ରଠାରେ ପ୍ରଶିକ୍ଷଣ ନେଉଥିଲେ। ୩ ମାସର ପ୍ରଶିକ୍ଷଣ ପରେ ଯୁବତୀମାନେ ବାଙ୍ଗାଲୋରର କ୍ରିଏଟିଭ୍ ଇଞ୍ଜିନିୟରର୍ସ କମ୍ପାନୀରେ ନିଯୁକ୍ତି ପାଇବା ପାଇଁ ମନୋନୀତ ହୋଇଛନ୍ତି। ଗୁରୁବାର ଏହି ଯୁବତୀମାନେ ନିଜ କର୍ମସ୍ଥଳୀ ନିମନ୍ତେ ଗସ୍ତ କରିବେ। ବୈଠକରେ ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ସାଥି ସୃଷ୍ଟି ଅବିନାଶ ପୁରୀ, କ୍ୟୁଭାନ ସ୍କିଲ ଏମ୍‌ପାୱାରମେଣ୍ଟରୁ ପରାଗ ବାନାର୍ଜୀ, ସେଣ୍ଟର୍ ମ୍ୟାନେଜର ଅକ୍ଷୟ ଦାସ ପ୍ରମୁଖ ଯୋଗ ଦେଇଥିଲେ।



# ନିର୍ବିବାଦୀୟ ଠିକାଦାରଙ୍କୁ ଦିଆଯାଉ ହକି ଷ୍ଟାଡିୟମ କାମ

**ଝାରସୁଗୁଡ଼ା, ୨୨।୫ (ସମିସ):** ଏଚ.କଟାପାଲିରେ ହକି ଖେଳ ପାଇଁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଉନ୍ନୟନ ପାଣ୍ଠିରୁ ଏକ ଆଷ୍ଟ୍ରୋ ଟର୍ଫ ପଡ଼ିଆ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରାଯାଇଛି। ଏହାର ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦେଇଛି। ତେବେ ବହୁ ବିଳମ୍ବରେ ହେଲେ ମଧ୍ୟ ଏହି ହକି ପଡ଼ିଆର ଟର୍ଫ ନିର୍ମାଣ ପାଇଁ ଟେଣ୍ଡର ଲାଗି ପୂର୍ତ୍ତ ବିଭାଗ ନର୍ଦ୍ଦନ ରେଞ୍ଜ (ସମ୍ବଲପୁର କାର୍ଯ୍ୟାଳୟ) ପକ୍ଷରୁ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଛି। ଫେବୃୟାରୀ ୨୭ରେ ବିଭିନ୍ନ ଖବର କାଗଜରେ ଏ ନେଇ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ଟେଣ୍ଡର ବିଷୟରେ ପ୍ରକାଶିତ ହୋଇଛି। ତେବେ ଅନଲାଇନରେ ପ୍ରକାଶ ନେଇ ବିଳମ୍ବ ହେବାରୁ ଠିକାଦାରମାନେ ଅଭିଯୋଗ କରିଥିଲେ। ଏଣୁ ମାର୍ଚ୍ଚ ୨୯ରେ ଅନଲାଇନରେ ପ୍ରକାଶ କରାଯାଇଥିଲା। ଏପ୍ରିଲ ୧୬ରେ ସର୍ବଭାରତୀୟସ୍ତରେ ଅନଲାଇନରେ ଟେଣ୍ଡର ଶେଷ ତାରିଖ ପ୍ରକାଶିତ ହୋଇଥିଲା। ଏହି ହକି ପଡ଼ିଆର କାର୍ଯ୍ୟ ପାଇଁ ଦିଲ୍ଲୀର ୬ଟି କମ୍ପାନୀ ଟେଣ୍ଡର ଭରିଛନ୍ତି। ଏଥିରୁ ୨ଟି କମ୍ପାନୀ ସୁନ୍ଦରଗଡ଼ ଜିଲ୍ଲାରେ ନିମାଣ କରିଥିବା ହକି ଟର୍ଫ ପଡ଼ିଆ ନିମ୍ନ ଧରଣର ବୋଲି ଅଭିଯୋଗ ପରେ ତଦନ୍ତ ଚାଲିଛି। ସେହିପରି ରାଜ୍ୟ ଗୋଷ୍ଠୀ କ୍ରୀଡ଼ା-୨୦୧୦ରେ କାର୍ଯ୍ୟ କରିଥିବା ୨ଟି ସଂସ୍ଥା ସିବିଆଇର ତଦନ୍ତ ପରିସରଭୁକ୍ତ ଥିଲା। ଏଣୁ ଝାରସୁଗୁଡ଼ାରେ ନିର୍ମାଣ ହେବାକୁ ଯାଉଥିବା ହକି ଟର୍ଫ ପଡ଼ିଆରେ ଯେପରି ନିମ୍ନମାନର କାମ ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ଜିଲ୍ଲା ହକି ଆସୋସିଏସନର ସଭ୍ୟମାନେ ଦାବି କରିଛନ୍ତି।

# ଆଇଟିଡିଏର ପ୍ରକଳ୍ପସ୍ତରୀୟ ବୈଠକ

**ଦେବଗଡ଼, ୨୨।୫(ସମିସ):** ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ତିଲେଇବଣି ଆଇଟିଡିଏର ପ୍ରକଳ୍ପସ୍ତରୀୟ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝୀଙ୍କ ଆବାହକତ୍ୱ ଓ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ତିଲେଇବଣି ବ୍ଲକର ଅନୁସୂଚିତ ଜନଜାତିଙ୍କ ନିମନ୍ତେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ, କେନ୍ଦ୍ର ସରକାରଙ୍କ ଅନୁଦାନ ପ୍ରାପ୍ତ ବିଭିନ୍ନ ପ୍ରକଳ୍ପ ଗୁଡିକର ଉପଯୋଗିତା ଉପରେ ଜିଲ୍ଲାପାଳ ଶ୍ରୀସାହୁ ଆଲୋକପାତ କରିଥିଲେ। ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଯୋଗେଶ ପ୍ରଧାନ, ବିଧାୟକଙ୍କ ପ୍ରତିନିଧି ନଗେନ କୁମାର ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ରାଜେଶ ମହାନାୟକ, ତିଲେଇବଣି ବ୍ଲକ ଅଧକ୍ଷା ବୃନ୍ଦାବତୀ ଭୋଇ, ଏଲଡିଏମ୍ ରବୀନ୍ଦ୍ର କୁମାର ମହାନ୍ତି, ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ଅନ୍ତର୍ଯାମୀ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ନିର୍ବାହୀ ଯନ୍ତ୍ରୀ ଟିପିଡବ୍ଲ୍ୟୁଓ ରାଜୁ ସାହା, ପ୍ରୋଜେକ୍ଟ ମ୍ୟାନେଜର ପ୍ରତାପ ପଣ୍ଡା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।



# ହୀରାକୁଦ ଜଳଭଣ୍ଡାର ଭିତରେ ନରକଙ୍କାଳ

**ଇବଥର୍ମାଲ/ଝାରସୁଗୁଡା, ୨୨।୫ (ସମିସ):** ବନହରପାଲି ଥାନା ଓପିଜିସି ଆଶପଣ୍ଡ ନିକଟ ହୀରାକୁଦ ଜଳଭଣ୍ଡାର ଏବେ ପାଣି ସୁଖି ଯାଇଥିବା ବେଳେ ନରକଙ୍କାଳ ଠାବ ହୋଇଥିବା ଜଣାପଡ଼ିଛି। ବନହରପାଲି ପୁଲିସ ଏ ସଂକ୍ରାନ୍ତରେ ଖବର ପାଇବା ପରେ ଘଟଣାସ୍ଥଳକୁ ଯାଇ କଙ୍କାଳ ଜବତ କରିବା ସହ ପଞ୍ଚନାମା କରିଛି। ଝାରସୁଗୁଡ଼ାରୁ ସାଇନଟିଫିକ୍ ଟିମ୍ ଡକାଇ ଛାନଭିନ ଆରମ୍ଭ ହୋଇଥିଲେ ମଧ୍ୟ କଙ୍କାଳ କାହାର ସ୍ପଷ୍ଟ ହୋଇନାହିଁ। ପୁଲିସ ପକ୍ଷରୁ ମାମଲା ରୁଜୁ କରାଯାଇ ଛାନଭିନ ଜାରି ରହିଛି। କଙ୍କାଳର ନିକଟରେ କିଛି ଲୁଗା ପଡ଼ିଥିବା ଦେଖିବାକୁ ମିଳିଥିବା ବେଳେ କୁକୁର ବିଲୁଆ କିଛି ହାଡ ଟାଣିନେଇ ଅନ୍ୟତ୍ର ପକାଇଥିବା ଦେଖାଯାଇଛି। ବନହରପାଲି ଥାନା ଅଞ୍ଚଳରେ ଦିନକୁ ଦିନ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାକୁ ଲାଗିଥିବାରୁ କଙ୍କାଳ ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଭିନ୍ନଭିନ୍ନ ଚର୍ଚ୍ଚା ହୋଇଛି। କଙ୍କାଳକୁ ପୁଲିସ ଡିଏନଏ ଟେଷ୍ଟ ସକାଶେ ଏଫ୍‌ଏସ୍‌ଏଲ୍ ସୁନ୍ଦରଗଡ଼ ପଠାଇ ସେଠାରୁ ରିପୋର୍ଟ ଆସିବାପରେ ସବୁ ସ୍ପଷ୍ଟ ହୋଇପାରେ ବୋଲି ପୁଲିସ କହିଛି।

# ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

**ଦେବଗଡ଼, ୨୨।୫(ସମିସ):** ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାରକୋଟ୍ ବ୍ଲକର କୁସୁମକଟା ଗ୍ରାମର ଲିଙ୍ଗରାଜ ନାୟକ(୪୫)। ଗୁରୁବାର ସକାଳେ ଲିଙ୍ଗରାଜ ସୁଇଚ୍ ବୋର୍ଡରେ ଫ୍ୟାନର ତାର ସଂଯୋଗ କରୁଥିବାବେଳେ ହଠାତ ବିଦ୍ୟୁତ ସଂସ୍ପର୍ଶରେ ଆସି ତଳେ ଖସି ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକ ଉଦ୍ଧାର କରି ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରିବା ସହ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସଚେତନତା ଶିବିର

**ଝାରସୁଗୁଡା, ୨୨।୫ (ସମିସ):** ଝାରସୁଗୁଡା ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଦିନ କୋଲାବିରା ବ୍ଲକ ଅନ୍ତର୍ଗତ ରଘୁନାଥପାଲି ପଞ୍ଚାୟତ କାର୍ଯ୍ୟାଳୟର ରାଜୀବଗାନ୍ଧି ସେବାକେନ୍ଦ୍ରରେ ସଚେତନତା ଶିବିର ହୋଇଥିଲା। ବିକଳ୍ପ ବିବାଦ ସମାଧାନର ବିଭିନ୍ନ ଉପାୟ, ସାର୍ବଜନୀନ ଉପଯୋଗୀ ସେବା ପାଇଁ ସ୍ଥାୟୀ ଲୋକ ଅଦାଲତ ଗୁଡିକର ପ୍ରତିଷ୍ଠା ଏବଂ କାର୍ଯ୍ୟକାରିତା, ଆଇନ ସେବା ପ୍ରାଧିକରଣଅଧିନିୟମ, ୧୯୮୭ରଅଧ୍ୟାୟ ଅନୁଯାୟୀ ଯୋଜନାର ଲାଭ, ରାଷ୍ଟ୍ରୀୟ ଆଇନ୍ ସେବା ପ୍ରାଧିକରଣର ନିଶୁଳ୍କ ଆଇନ୍ ସହାୟତା ନମ୍ବର ୧୫୧୦୦ଏବଂ ରାଷ୍ଟ୍ରୀୟ ଆଇନ୍ ସେବା ପ୍ରାଧିକରଣର ଆଇନ୍ ସେବା ୱେବ୍ ପୋର୍ଟାଲ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ଅଧକ୍ଷ ଅଶ୍ୱିନୀ କୁମାର ନାୟକ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ସଚିବ ଆଲୋକମୟୀ ପ୍ରଧାନ, ପ୍ୟାନେଲ ଓକିଲ ରୂପାଲି ଚାଟାର୍ଜୀ, କୋଲାବିରା ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେଶ କୁମାର ଗୁଡ଼ିଆ, ସ୍ଥାନୀୟ ସରପଞ୍ଚ ରଞ୍ଜନ ସରାଫ ପ୍ରମୁଖ ଯୋଗ ଦେଇ ଉପରୋକ୍ତ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ।

# ରେଢ଼ାଖୋଲ ପାଇଁ ଗୌରବ ଆଣିଲେ ସାନିଆ

**ରେଢ଼ାଖୋଲ, ୨୨।୫(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଚାଟୁଣୀସ୍ଥିତ ଗୁରୁକୂଳ ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟର ଜଣେ ଗରିବ ଚାଷୀ ପରିବାର ଝିଅ ୯୧ ଶତକଡା ରଖି ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ପାଲଟିଛନ୍ତି ସାନିଆ ଦେହୁରୀ। ସାନିଆ ବୌଦ୍ଧ ଜିଲ୍ଲା ଅନ୍ତର୍ଗତ ମନମୁଣ୍ଡା ଗ୍ରାମର ବାସିନ୍ଦା ବଲ୍ଲଭ ଦେହୁରୀ ଓ ସଂଯୁକ୍ତା ଦେହୁରୀଙ୍କ ଝିଅ। ପିତା ବଲ୍ଲଭ ଜଣେ ଗରିବ ଚାଷୀ ସହିତ ଗୋଟିଏ ଛୋଟ ଦୋକାନ କରିଛନ୍ତି। ଦିନରାତି ପରିଶ୍ରମ କରି ଝିଅକୁ ଉଚ୍ଚଶିକ୍ଷିତ କରିବାକୁ ଲାଗି ପଡ଼ିଥିଲେ। ମାତା ପିତାଙ୍କ ପରିଶ୍ରମ ସହିତ ଗୁରୁକୂଳ ମହାବିଦ୍ୟାଳୟର ଅଧକ୍ଷ ସଞ୍ଜୀବ କୁମାର ପୃଷ୍ଟି, ସଂସ୍କୃତ ଗୁରୁଜୀ ନାରାୟଣ ଚନ୍ଦ୍ର ଦାସ ସମେତ ଅନ୍ୟ ଅଧ୍ୟାପକ ସହଯୋଗ କରିଥିବାରୁ ଏହି ସଫଳତାର ଶ୍ରେୟ ଦେଇଛନ୍ତି ଝିଅ ସାନିଆ। ଯୁକ୍ତ ଦୁଇ ପରୀକ୍ଷାରେ ମୋଟ ୫୪୪ ମାର୍କ ୯୧ ଶତକଡା ରଖି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଭବିଷ୍ୟତରେ ଚାଷୀ ଝିଅ ସାନିଆ ଜଣେ ଭଲ ଅଧ୍ୟାପକ ହେବାକୁ ମନସ୍ଥ କରିଛନ୍ତି ବୋଲି ପ୍ରତିକ୍ରିୟା ଦେଇଥିଲେ। ସେହିପରି ଅନୁଷ୍ଠାନର ଆଉ ଜଣେ ଛାତ୍ରୀ ଇପ୍ସିତା ସାହୁ ଯୁକ୍ତ ଦୁଇ ପରୀକ୍ଷାରେ ୫୨୬ ମାର୍କ ରଖି ଅନୁଷ୍ଠାନ ଏବଂ ନିଜ ଅଞ୍ଚଳ ପାଇଁ ଗୌବର ଆଣିଛନ୍ତି।



# ରୋହିତ ପୂଜାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ରେଢ଼ାଖୋଲ, ୨୨।୫(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ଇଂ.ରୋହିତ ପୂଜାରୀଙ୍କୁ ପୁଣିଥରେ ନବ ନିଯୁକ୍ତ ସମ୍ବଲପୁର ବିଜେଡି ଜିଲ୍ଲା ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଗସ୍ତରେ ରେଢ଼ାଖୋଲ ଭୀମଭୋଇ ଛକରେ ରେଢ଼ାଖୋଲର ବିଜେଡି କାର୍ଯ୍ୟକର୍ତ୍ତା, ବିଜୁ ପ୍ରେମୀ ଓ ସହ ସହ ବିଜେଡି କର୍ମୀ ତଥା ଜନସାଧାରଣ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଶ୍ରୀ ପୂଜାରୀ ଭୀମଭୋଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମୁଁ କୌଣସି ପଦ ପଦବୀରେ ଥାଏ କି ନ ଥାଏ କିନ୍ତୁ ରେଢ଼ାଖୋଲବାସୀଙ୍କ ପାଇଁ ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ଜାଗ୍ରତ ପ୍ରହରୀ ରୂପେ ସେବା କରୁଥିଲି, ଏବଂ ସବୁବେଳେ କରୁଥିବି ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ରେଢ଼ାଖୋଲ ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନ, ରେଢ଼ାଖୋଲ ବିଜେଡି ବ୍ଲକ ସଭାପତି ଉଦିତ ତ୍ରିପାଠୀ, ନଗର ସଭାପତି ସିଦ୍ଧାର୍ଥ ପ୍ରଧାନ, ବିଜେଡ଼ି ଯୁବ ସଭାପତି ବିକାଶ ଦାସ, କୃଷ୍ଣ ଚନ୍ଦ୍ର ପ୍ରଧାନ, ରେଙ୍ଗାଲି ସଭାପତି ସୋମିତ୍ରୀ ଜେନା, ରାଧାକାନ୍ତ ନନ୍ଦ, ଗୋବର୍ଦ୍ଧନ ପ୍ରଧାନ, ନୀଳାମ୍ବର ପ୍ରଧାନ, ଗୌରଚନ୍ଦ୍ର ପ୍ରଧାନ, ଜିଲ୍ଲା ବିଜେଡ଼ି ସମ୍ପାଦକ ଲକ୍ଷ୍ମଣ ପ୍ରଧାନ, ରମାକାନ୍ତ ଗଡ଼ନାୟକ, ପୁରୋଷତ୍ତମ ଅଗ୍ରୱାଲ, ନନ୍ଦୁ ମୀରି, ରାଜୁ ମୁଖୀ ପ୍ରମୁଖ ସମେତ ବହୁ ସଂଖ୍ୟାରେ କର୍ମକର୍ତ୍ତା ସାମିଲ ଥିଲେ।



# ପୂର୍ବତନ ନିତି ଆୟୋଗ ସିଇଓଙ୍କ ଝାରସୁଗୁଡ଼ା ଗସ୍ତ



**ଝାରସୁଗୁଡା, ୨୨।୫(ସମିସ):** ପୂର୍ବତନ ନିତି ଆୟୋଗ ସିଇଓ ତଥା ଜି-୨୦ ସେର୍ପା ଅମିତାଭ କାନ୍ତ ବୁଧବାର ଝାରସୁଗୁଡା ଗସ୍ତରେ ଆସିଛନ୍ତି। ସେ ଝାରସୁଗୁଡ଼ା ଏସ୍‌ପିଙ୍କ କାର୍ଯ୍ୟାଳୟର ସିସିଟିଭି କଣ୍ଟ୍ରୋଲ ରୁମ୍ ପରିଦର୍ଶନ କରିଛନ୍ତି। କ୍ରାଇମ୍ କଣ୍ଟ୍ରୋଲ ପାଇଁ ଟେକ୍ନୋଲୋଜିର କିପରି ବ୍ୟବହାର କରାଯାଉଛି ତାହା ଦେଖିବା ସହ ବିଭିନ୍ନ ଜିନିଷ ବିଷୟରେ ପଚାରି ବୁଝିଛନ୍ତି। ଜିଲ୍ଲାପାଳ ଅବୋଲି ସୁନିଲ ନରୱନେ, ଏସ୍‌ପି ସ୍ମିତ ପି ପରମାରଙ୍କ ସମେତ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଲଖନପୁର ମାତୃ ନିକେତନର ବାର୍ଷିକ ଉତ୍ସବ

**ଝାରସୁଗୁଡା, ୨୨।୫ (ସମିସ):** ଲଖନପୁର ଶ୍ରୀଅରବିନ୍ଦ ଆଶ୍ରମରେ ଜିଲ୍ଲାସ୍ତରୀୟ ମହିଳା ପାଠ ଚକ୍ର ଏବଂ ଲଖନପୁର ମାତୃ ନିକେତନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଭୋର ୫ ଟାରେ ସଦ୍‌ଭାବନା ଯାତ୍ରା ଲଖନପୁର ଗ୍ରାମ ପରିକ୍ରମା କରିଥିଲା। ପରେ ପତାକା ଉତ୍ତୋଳନ ସହ ଶ୍ରୀମାଙ୍କ ନାମ ଜପ, ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଏହାପରେ ଏକ ଆଲୋଚନା ଚକ୍ର ସହ ସତ୍‌ସଙ୍ଗ, ଶିକ୍ଷା, ସମାଜସେବା, ମାନବିକତା, ମାତାପିତା, ଗୁରୁଜଙ୍କୁ ସମ୍ମାନ, ଶ୍ରୀଅରବିନ୍ଦ ଶ୍ରୀମାଙ୍କ ଅବଦାନ, ମାନବ ଜୀବନର ଉଦ୍ଦେଶ୍ୟ ଉପରେ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା।

# ବ୍ରଜରାଜନଗରରେ ସମ୍ବର୍ଦ୍ଧନା ସଭା




**ବ୍ରଜରାଜନଗର, ୨୨।୫(ସମିସ):** ସ୍ଥାନୀୟ ପୌର କଲ୍ୟାଣ ମଣ୍ଡପରେ ବୁଧବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ବିଧାୟିକା ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଦୀପାଳି ଦାସ, ଜିଲ୍ଲା ବିଜେଡି ସଭାପତି ହରିଶ ଗଣତ୍ରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜେଡି ନେତା ଜୟନ୍ତ ଦୀକ୍ଷିତ ଏଥିରେ ଅଧକ୍ଷତା କରିଥିଲେ। ବିଭିନ୍ନ ସଂଗଠନ, ସମୁଦାୟ, କମିଟି ଓ ସଂଘ ପକ୍ଷରୁ ଉଭୟଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବ୍ରଜରାଜନଗର ଭାରପ୍ରାପ୍ତ ନଗରପାଳ କୃଷ୍ଣ ଗୋପାଳ ସିତାନୀ, ବେଲପାହାଡ ଉପ ନଗରପାଳ ରିନା ସୁନା, କୁଦୋପାଲି ସରପଞ୍ଚ କଲ୍ୟାଣୀ ଦୀକ୍ଷିତ ପ୍ରମୁଖ ମଞ୍ଚାସିନ ଥିଲେ। ସୋମନାଥ ପୂଜାରୀ ମଞ୍ଚ ପରିଚାଳନା କରିଥିଲେ।

# ମିତ୍ରଭାନୁ ପାଟଯୋଶୀଙ୍କ ଶ୍ରାଦ୍ଧ ବାର୍ଷିକୀ

**ବ୍ରଜରାଜନଗର, ୨୨।୫ (ସମିସ):** ବ୍ରଜରାଜନଗର ପ୍ରେସ୍‌କ୍ଲବ୍ ପକ୍ଷରୁ ସାପ୍ତାହିକ ପତ୍ରିକା ‘ଜନତାର ବନ୍ଧୁ’ର ପ୍ରତିଷ୍ଠାତା ସମ୍ପାଦକ ସ୍ୱର୍ଗତ ମିତ୍ରଭାନୁ ପାଟଯୋଶୀଙ୍କ ଶ୍ରାଦ୍ଧବାର୍ଷିକୀ ଗୁରୁବାର ବ୍ରଜରାଜନଗର ଜଗନ୍ନାଥ ମନ୍ଦିର ସଭାଗୃହରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରେସ୍‌କ୍ଲବ୍ ସଭାପତି ଅନିଲ ଅଗ୍ରୱାଲଙ୍କ ସଭାପତିତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। କ୍ଲବ୍‌ର ବରିଷ୍ଠ ସଦସ୍ୟ ବ୍ୟାସଦେବ ପଣ୍ଡା, ତ୍ରିଲୋଚନ ଦାଶ, ଶ୍ୟାମସୁନ୍ଦର ଖଣ୍ଡେଲୱାଲ ସ୍ୱର୍ଗତ ମିତ୍ରଭାନୁ ପାଟଯୋଶୀଙ୍କ ସ୍ମୃତିଚାରଣ କରିଥିଲେ। ପ୍ରେସ୍‌କ୍ଲବ୍ ସାଧାରଣ ସମ୍ପାଦକ ସଂଗ୍ରାମ ସାଏ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ସାମ୍ବାଦିକ ଶ୍ୟାମସୁନ୍ଦର ଖଣ୍ଡେଲୱାଲ, ଅନୀଲ ଅଗ୍ରୱାଲ, ଶେଖର ବିଶି, ବିଜୟ ବରାଡ଼, ସଂଗ୍ରାମ ସାଏ, ସଞ୍ଜୟ ବାହୁବଳେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବିପଦପୂର୍ଣ୍ଣ ଏଲ୍‌ଏଚ୍‌ଏସ୍ ରାସ୍ତା
# ବର୍ଷାରେ ହେଉଛି ଜଳମଗ୍ନ



**ଝାରସୁଗୁଡା/କିର୍ମିରା, ୨୨।୫(ସମିସ):** ଧୁତରା ଓ ବାଗଡ଼ିହି ଷ୍ଟେସନଦ୍ୱୟ ମଝିରେ ଥିବା ଠାକୁରପଡ଼ା ନିକଟରେ ନିର୍ମିତ ଏଲଏଚ୍‌ଏସ୍ (ଲିମିଟେଡ ହାଇଟ ସବୱେ) ରାସ୍ତା ରେ ଯାତାୟାତ ବିପଦପୂର୍ଣ୍ଣ ହୋଇଛି। ଉକ୍ତ ରାସ୍ତାରେ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା କରାଯାଇ ନଥିବାରୁ ସ୍ୱଳ୍ପ ବର୍ଷାରେ ରାସ୍ତା ଜଳମଗ୍ନ ହେଉଛି। ଫଳରେ ଉକ୍ତ ରାସ୍ତାରେ ବିପଦପୂର୍ଣ୍ଣ ଭାବେ ଅଞ୍ଚଳବାସୀ ଯାତାୟାତ କରୁଛନ୍ତି। ଦୁଇ ଚକିଆ ଯାନ ଯାତାୟାତ ବେଳେ ଜମିରହୁଥିବା ଜଳରେ ଫସିବା ସହ ବାରମ୍ବାର ଦୁର୍ଘଟଣା ସମ୍ମୁଖିନ ହେଉଥିବା ଦେଖିବାକୁ ମିଳୁଛି। ଏଣୁ ରେଳ କର୍ତ୍ତୃପକ୍ଷ ଏଥପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି ହୋଇଛି।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ସଚେତନତା କାର୍ଯ୍ୟକ୍ରମ

**ଝାରସୁଗୁଡା, ୨୨।୫(ସମିସ):** ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ପୌର ପରିଷଦରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସହରୀ ୨.୦ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଆବାସ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ହିତାଧିକାରୀଙ୍କୁ ସମ୍ମାନିତ କରାଯାଇଛି। ଏହାସହ ପ୍ରଧାନମନ୍ତ୍ରୀ ଆବାସ ସହରୀ ୨.୦ ଆବେଦନ ପ୍ରକ୍ରିୟା ବିଷୟରେ ପୌରପରିଷଦର ସଭ୍ୟସଭ୍ୟା, ଅଧିକାରୀଙ୍କୁ ଅବଗତ କରାଯାଇଛି। ଆବାସ ଘର ପାଇବାରୁ ଯୋଗ୍ୟ ହିତାଧିକାରୀ ଯେମିତି ବଞ୍ଚିତ ନ ହେବେ ସେଥିପ୍ରତି ଦୃଷ୍ଟିଦେବାକୁ ପରାମର୍ଶ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ବେଲପାହାଡ଼ ପୌର ନଗରପାଳ ନିମାଇଁ ଚରଣ ପଣ୍ଡା, ନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂ ପ୍ରମୁଖଙ୍କ ସହ ପୌର କର୍ମଚାରି, ଅଧିକାରୀ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ ପାଇଁ ଖେଳାଳି ଚୟନ

**ଦେବଗଡ଼, ୨୨।୫(ସମିସ)**

୧୫ ବର୍ଷରୁ କମ୍ ବୟସ୍କ ଖେଳାଳିଙ୍କୁ ନେଇ ନୂତନ ଭାବରେ ଆରମ୍ଭ ହୋଇଥିବା ଆନ୍ତଃ ଜିଲ୍ଲା ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ୍ ପାଇଁ ଖେଳାଳି ଚୟନ ଓ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଧୀରେନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଖେଳପଡ଼ିଆରେ ସ୍ୱତନ୍ତ୍ର ଭାବେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡ଼ା ସଂଘର ସମସ୍ତ କାର୍ଯ୍ୟକର୍ତ୍ତା, ଫୁଟବଲ ପୂର୍ବତନ ଖେଳାଳି ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କ୍ରୀଡା ସଂଘର ଉପସଭାପତି ସତ୍ୟନାରାୟଣ ମିଶ୍ର, ସହ ସମ୍ପାଦିକା ରଞ୍ଜିତା ମିଶ୍ର, ଫୁଟବଲ ସମ୍ପାଦକ ପ୍ରଦୀପ ବେହେରା, ଫୁଟବଲ ପ୍ରଶିକ୍ଷକ ଶଙ୍ଖ ମାରାଣ୍ଡି, ସହକାରୀ ପ୍ରଶିକ୍ଷକ ରାଜୀବ ବିଶ୍ୱାଳ, ପୂର୍ବତନ କ୍ରିକେଟ ଖେଳାଳି ସୁଶାନ୍ତ କୁମାର ନନ୍ଦ, ପ୍ରଭାସ ମିଶ୍ର, ପ୍ରଦୀପ ଅମାନ୍ତ, ଡିଳେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




# ଜ୍ୟୋତିଙ୍କ ରିମାଣ୍ଡ ଅବଧି ଆଉ ୪ ଦିନ ବଢ଼ିଲା



ନୂଆଦିଲ୍ଲୀ,୨୨।୫(ଏଜେନ୍ସି); ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରୁଥିବା ଅଭିଯୋଗରେ ଗିରଫ ହୋଇଥିବା ହରିୟାଣା ୟୁଟ୍ୟୁବର ଜ୍ୟୋତି ମଲହୋତ୍ରାଙ୍କ ସମସ୍ୟା ଆହୁରି ଜଟିଳ ହୋଇଛି। ପୁଲିସ ଜ୍ୟୋତିଙ୍କୁ ଗିରଫ କରିବା ପରେ ପଚରାଉଚରା ପାଇଁ ୫ ଦିନିଆ ରିମାଣ୍ଡରେ ନେଇଥିଲା। କିନ୍ତୁ ଏହି ରିମାଣ୍ଡ ଅବଧି ବୁଦବାର ଶେଷ ହେବା ପରେ ଗୁରୁବାର ଜ୍ୟୋତିଙ୍କୁ ପୁଣି କୋର୍ଟରେ ହାଜର କରାଯାଇଥିଲା। ଏହାପରେ କୋର୍ଟ ପୁଣି ଥରେ ଜ୍ୟୋତିଙ୍କୁ ୪ ଦିନିଆ ରିମାଣ୍ଡରେ ପଠାଇ ଦେଇଛନ୍ତି। ଜ୍ୟୋତିଙ୍କୁ ଅଧିକ ପଚରାଉଚରା କରିବାକୁ ସମୟ ଦରକାର ବୋଲି ପୁଲିସ ଯୁକ୍ତି ଦର୍ଶାଇବା ପରେ କୋର୍ଟ ଏଥିପାଇଁ ଅନୁମତି ଦେଇଛନ୍ତି।ପାକିସ୍ତାନୀ ଏଜେଣ୍ଟଙ୍କ ସହିତ ଜ୍ୟୋତିଙ୍କ କେମିତି ଲିଙ୍କ୍ ଥିଲା ଏବଂ ସେ କେଉଁ କେଉଁ ଗୁପ୍ତ ତଥ୍ୟ ପାକିସ୍ତାନକୁ ଦେଇଛନ୍ତି ତାହା ଜାଣିବାକୁ ପୁଲିସ ଉଦ୍ୟମ କରୁଥିଲେ ହେଁ ଇତିମଧ୍ୟରେ ହିସାର ଏସପି ଶଶାଙ୍କ କୁମାର ସାୱନ ଯାହା କହିଛନ୍ତି ତାହାକୁ ନେଇ ଅନେକ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଜ୍ୟୋତି ପାକିସ୍ତାନକୁ ପ୍ରତିରକ୍ଷା ଏବଂ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର ତଥ୍ୟ ପାକିସ୍ତାନକୁ ଦେଇଥିବା ଅଭିଯୋଗ ହୋଇଥିଲେ ହେଁ ବର୍ତ୍ତମାନ ସୁଦ୍ଧା ସେନେଇ କୌଣସି ପ୍ରମାଣ ମିଳିପାରି ନାହିଁ ବୋଲି ଶଶାଙ୍କ କହିଛନ୍ତି।

# ଆମେରିକାରେ ଇସ୍ରାଏଲ ଦୂତାବାସର ଦୁଇ କର୍ମଚାରୀଙ୍କୁ ହତ୍ୟା



ୱାସିଂଟନ୍,୨୨।୫(ଏଜେନ୍ସି) : ବିଶ୍ୱର ସବୁଠୁ ସୁରକ୍ଷିତ ସହର ଭାବେ ବିବେଚିତ ୱାଶିଂଟନ ଡିସିରେ ଇସ୍ରାଏଲ ଦୂତାବାସର ଦୁଇ କର୍ମଚାରୀଙ୍କୁ ହତ୍ୟା କରାଯିବା ଘଟଣା ଏଠାକାର ବିଭିନ୍ନ ମହଲରେ ଉଦବେଗ ସୃଷ୍ଟି କରିଛି। ବୁଧବାର ସନ୍ଧ୍ୟାରେ ଇସ୍ରାଏଲୀ ଦୂତାବାସର ଏହି ଦୁଇ କର୍ମଚାରୀଙ୍କୁ ଟାର୍ଗେଟ କରି ଜଣେ ଆତତାୟୀ ଅତର୍କିତ ଗୁଳି ଚଳାଇଥିଲେ। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ୱାଶିଂଟନ ଡିସିସ୍ଥିତ ଏଫବିଆଇ କାର୍ଯ୍ୟାଳୟ ଠାରୁ ମାତ୍ର କିଛି ପାଦ ଦୂରରେ ରହିଥିବା ଇହୁଦୀ ସଂଗ୍ରହାଳୟ ନିକଟସ୍ଥ ଇସ୍ରାଏଲୀ ଦୂତବାସ ରହିଛି। ହତ୍ୟାକାରୀ ଜଣକ ପ୍ରଥମେ ସଂଗ୍ରହାଳୟ ନିକଟରେ ବୁଲିବା ପରେ ଅଚାନକ ଦୂତାବାସ ନିକଟରେ ଗୁଳିକାଣ୍ଡ ଘଟାଇଥିଲା। ହତ୍ୟାକାରୀକୁ ପୁଲିସ ଗିରଫ କରି ନିଜ ହେପାଜତକୁ ନେଇଥିଲା ବେଳେ ତାଙ୍କ ନାମ ଏଲିଆସ୍ ରୋଡ୍ରିଗେଜ୍ ଏବଂ ସେ ଚିକାଗୋ ବାସିନ୍ଦା ବୋଲି ଜଣାପଡ଼ିଛି। ତାଙ୍କୁ ପୁଲିସ ଗିରଫ କରିବା ବେଳେ ସେ ଚିତ୍କାର କରି 'ଫ୍ରି ପାଲେଷ୍ଟାଇନ' ସ୍ଲୋଗାନ ଦେଇଥିବାରୁ ବ୍ୟକ୍ତି ଜଣକ ପାଲେଷ୍ଟାଇନ ସମର୍ଥକ ବୋଲି କୁହାଯାଉଛି। ତେବେ ଏଭଳି ଜଘନ୍ୟ ଘଟଣାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦୃଢ ନିନ୍ଦା କରି ଏହା ଇହୁଦୀ ବିରୋଧୀ ଚିନ୍ତାଧାରା ଉପରେ ଆଧାରିତ ବୋଲି କହିଛନ୍ତି। ମୃତ ଦୁଇ କର୍ମଚାରୀଙ୍କ ମଧ୍ୟରେ ଜଣେ ପୁରୁଷ ଏବଂ ଜଣେ ମହିଳା ରହିଥିଲା ବେଳେ ଆଗାମୀ ସପ୍ତାହରେ ସେମାନଙ୍କ ନିର୍ବନ୍ଧ ହେବାକୁ ରହିଥିଲା। ଏହି ଘଟଣାକୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ମଧ୍ୟ ନିନ୍ଦା କରିବା ସହିତ ଉଭୟଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

## ଭାରତର ଆତଙ୍କବାଦବିରୋଧୀ ଅଭିଯାନକୁ ଜାପାନ, ୟୁଏଇର ସମର୍ଥନ





ନୂଆଦିଲ୍ଲୀ,୨୨।୫(ଏଜେନ୍ସି) : 'ଅପରେସନ ସିନ୍ଦୂର' ଏବଂ ଭାରତର ଆତଙ୍କବାଦ ବିରୋଧୀ ଅଭିଯାନକୁ ନେଇ ଦୁଇ ସାଂସଦ ପ୍ରତିନିଧି ଦଳ ' ଅପରେସନ ସିନ୍ଦୂର ଆଉଟ୍‌ରିଚ୍' କାର୍ଯ୍ୟକ୍ରମରେ ଗତକାଲି ଜାପାନ ଏବଂ ୟୁଏଇ ଗସ୍ତ କରିଥିଲେ। ଜେଡିୟୁ ସାଂସଦ ସଞ୍ଜୟ କୁମାର ଝାଙ୍କ ନେତୃତ୍ୱରେ ଗୋଟିଏ ଦଳ ଜାପାନ ଯାଇଥିଲା ବେଳେ ଶିବସେନା ସାଂସଦ ଶ୍ରୀକାନ୍ତ ସିନ୍ଦେଙ୍କ ନେତୃତ୍ୱରେ ଆଉ ଏକ ସାଂସଦ ପ୍ରତିନିଧି ଦଳ ଜାପାନ ଯାଇଥିଲେ। ଏହି ଦୁଇ ପ୍ରତିନିଧି ଦଳ ଦୁଇ ଦେଶରେ ପହଞ୍ଚି ଭାରତର ଆତଙ୍କବାଦ ବିରୋଧୀ ଆଭିମୁଖ୍ୟକୁ ସଂପୃକ୍ତ ଦେଶକୁ ଅବଗତ କରିଥିଲେ। ଭାରତର ଆତଙ୍କବାଦ ବିରୋଧୀ ଲଢେଇ ଏବଂ 'ଅପରେସନ ସିନ୍ଦୁର' ଉପରେ ସେମାନେ ବିଦେଶୀ ପ୍ରତିନିଧିମାନଙ୍କ ସହ ବୈଠକ କରି କହିଥିଲେ। ତେବେ ଏହି ପ୍ରସଙ୍ଗରେ ଜାପାନ ଏବଂ ୟୁଏଇ ଭାରତକୁ ସମର୍ଥନ କରିଛନ୍ତି। ଜାପାନ ଏବଂ ୟୁଏଇ ପକ୍ଷରୁ ଭାରତୀୟ ପ୍ରତିନିଧି ଦଳକୁ ସ୍ୱାଗତ କରାଯାଇଥିଲା ବେଳେ ଭାରତ ପ୍ରତି ୟୁଏଇ ନିଜର ପ୍ରତିବଦ୍ଧତା ପୁଣି ଦୋହରାଇଛି। ୟୁଏଇ ଆତଙ୍କବାଦକୁ ମାନବତା ପାଇଁ ବିପଦ ବୋଲି କହିବା ସହିତ ଆତଙ୍କବାଦ ବିରୋଧୀ ଲଢେଇରେ ଭାରତ ସହିତ ଘନିଷ୍ଠ ଭାବେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଛି। ୟୁଏଇ ପ୍ରତିପକ୍ଷଙ୍କ ସହ ହୋଇଥିବା ବୈଠକ ଅତ୍ୟନ୍ତ ଫଳପ୍ରଦ ରହିଛି ବୋଲି ଶିବସେନା ସାଂସଦ ଶ୍ରୀକାନ୍ତ ସିନ୍ଦେ କହିଛନ୍ତି। ସେହିପରି ସାଂସଦ ସଞ୍ଜୟ ଝାଙ୍କ ନେତୃତ୍ୱରେ ଜାପାନ ଯାଇଥିବା ପ୍ରତିନିଧିମାନେ ଜାପାନ ବୈଦେଶିକ ମନ୍ତ୍ରୀ ତାକେସି ଇୱାଆଙ୍କୁ ଭେଟି ଆଲୋଚନା କରିଥିଲା ବେଳେ ଜାପାନ ମଧ୍ୟ ଭାରତର ଆଭିମୁଖ୍ୟକୁ ସମର୍ଥନ ଜଣାଇଥିବା ସଞ୍ଜୟ କହିଛନ୍ତି।

## ଦୁଇ ଆତଙ୍କବାଦୀ ନିହତ, ଜଣେ ଯବାନ ସହିଦ

ନୂଆଦିଲ୍ଲୀ,୨୨।୫(ଏଜେନ୍ସି): ଜମ୍ମୁ କଶ୍ମୀରର କିସ୍ତୱାର ଜିଲ୍ଲାରେ ଆତଙ୍କବାଦ ବିରୋଧୀ ସର୍ଚ୍ଚ ଅପରେସନ ଚାଲିଥିଲା ବେଳେ ଜଣେ ଯବାନ ସହିଦ ହୋଇଛନ୍ତି। ଭାରତୀୟ ସେନା ପକ୍ଷରୁ କିସ୍ତୱାରାର ସିଂହପୋରା ଅଞ୍ଚଳରେ ଅପରେସନ 'ତ୍ରାସି' ଚାଲିଥିଲା ବେଳେ ସେନା ଏବଂ ଆତଙ୍କବାଦୀଙ୍କ ଭିତରେ ବହୁ ସମୟ ଧରି ଗୁଳି ବିନିମୟ ହୋଇଥିଲା। ଏହି ସମୟରେ ଆତଙ୍କବାଦୀଙ୍କ ଗୁଳିରେ ଭାରତୀୟ ସେନାର ଜଣେ ଯବାନ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲେ ହେଁ ଚିକିତ୍ସିତ ଅବସ୍ଥାରେ ସେ ଆଖି ବୁଜିଛନ୍ତି। ଅନ୍ୟପକ୍ଷରେ ସେନା ଗୁଳିରେ ଦୁଇ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନେ ଜୈସ୍ ସଂଗଠନର ବୋଲି ଜଣାପଡ଼ିଛି।

■ ତୁର୍କୀ ପ୍ରତି ଭାରତର ଅସନ୍ତୋଷ ତେଜୁଛି

## ପାକିସ୍ତାନକୁ ଆତଙ୍କବାଦ ବନ୍ଦ କରିବାକୁ କୁହ

ନୂଆଦିଲ୍ଲୀ,୨୨।୫(ଏଜେନ୍ସି): ଭାରତର ଆତଙ୍କବାଦ ବିରୋଧୀ ଅଭିଯାନରେ ତୁର୍କୀ ପାକିସ୍ତାନକୁ ସମର୍ଥନ କରିଥିବାରୁ ଭାରତରେ ଅସନ୍ତୋଷ ତେଜିଛି। ତୁର୍କୀର ଏଭଳି ଆଭିମୁଖ୍ୟକୁ ନେଇ ସାଧାରଣରେ ପ୍ରଥମେ ବିରୋଧ ବଢିବା ସହିତ ତୁର୍କୀ ବୟକଟ୍ ଅଭିଯାନ ଆରମ୍ଭ ହୋଇଥିଲା। ଭାରତୀୟମାନେ ତୁର୍କୀକୁ ପର୍ଯ୍ୟଟନରେ ଯିବା ବନ୍ଦ କରିବା ସହିତ ତୁର୍କୀ ବିମାନକୁ ମଧ୍ୟ ବର୍ଜନ କରନ୍ତୁ ବୋଲି ସୋସିଆଲ ମିଡିଆରେ ଆହ୍ୱାନ ଦିଆଯାଇଥିଲା। ଏହି ପ୍ରସଙ୍ଗ ପ୍ରଥମେ ବେସରକାରୀ ସ୍ତରରେ ଉଠିଥିଲା ବେଳେ ଏବେ ଭାରତ ସରକାରଙ୍କ ପକ୍ଷରୁ ତୁର୍କୀ ପ୍ରତି ବୟାନ ଜାରି କରାଯାଇଛି। ସୀମା ପାର ଆତଙ୍କବାଦ ବନ୍ଦ କରିବାକୁ ତୁର୍କୀ ତାହାର ବନ୍ଧୁ ପାକିସ୍ତାନକୁ ବୁଝାଉ ବୋଲି ଭାରତ କହିଛି। ପାକିସ୍ତାନ ମାଟିରେ ଦଶନ୍ଧି ଧରି ଚାଲିଥିବା ବହୁ ଆତଙ୍କବାଦୀ ସଂଗଠନକୁ ପାକିସ୍ତାନ ପ୍ରୋତ୍ସାହନ ଦେଇ ଆସୁଥିଲା ବେଳେ ଏହି ଆତଙ୍କୀ 'ଇକୋସିଷ୍ଟମ ' ବନ୍ଦ କରିବାକୁ ତୁର୍କୀ ନିଜ ବନ୍ଧୁ ପାକିସ୍ତାନକୁ ବୁଝାଉ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ତୁର୍କୀକୁ କୁହାଯାଇଛି।

## ନିଟ୍ ପିଜି ଫି' ତଥ୍ୟ ସାର୍ବଜନୀନ କରିବାକୁ ହେବ

ନୂଆଦିଲ୍ଲୀ,୨୨।୫(ଏଜେନ୍ସି): ନିଟ୍ ପିଜି କାଉନସେଲିଂ ପୂର୍ବରୁ ସବୁ ଘରୋଇ ଏବଂ ଡିମ୍‌ଡ ବିଶ୍ୱବିଦ୍ୟାଳୟଗୁଡିକୁ ସେମାନଙ୍କ ଫି ' ସମ୍ପର୍କରେ ତଥ୍ୟ ସାର୍ବଜନୀନ କରିବାକୁ ପଡ଼ିବ ବୋଲି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନିଟ୍-ପିଜି ପରୀକ୍ଷା ଏବଂ କାଉନସେଲିଂର ସ୍ୱଚ୍ଛତାକୁ ନେଇ ସୁପ୍ରିମକୋର୍ଟରେ ଆଗତ ଏକ ପିଟିସନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। କାଉନସେଲିଂ ସମୟରେ ଯେଉଁ ଅନୁଷ୍ଠାନ ବା ସଂସ୍ଥା ସିଟ୍ ବ୍ଲକ୍ କରି ରଖୁଛନ୍ତି ସେଥିପାଇଁ ସଂପୃକ୍ତ ସଂସ୍ଥାଗୁଡିକ ଉପରେ ଅର୍ଥ ଦଣ୍ଡ ଲଗାଇବାକୁ ଜଷ୍ଟିସ୍ ଜେ ବି ପର୍ଦ୍ଦିୱାଲା ଏବଂ ଜଷ୍ଟିସ୍ ଆର ମହାଦେବନଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

# ପହଲ୍‌ଗାମ୍ ହମ୍‌ଲାକୁ ପୂରିଲା ମାସେ




■ ସିନ୍ଦୂରର ପ୍ରତିଶୋଧ 'ସିନ୍ଦୂର' ନେଇଛି : ପ୍ରଧାନମନ୍ତ୍ରୀ

■ ଭାରତୀୟଙ୍କ ରକ୍ତ ସହ ଖେଳ ମହଙ୍ଗା ପଡ଼ିବ

■ ସିନ୍ଧୁ ନଦୀର ବୁନ୍ଦେ ଜଳ ପାଇବନି ପାକିସ୍ତାନ

ନୂଆଦିଲ୍ଲୀ,୨୨।୫(ଏଜେନ୍ସି): ସିନ୍ଦୂର ଯେତେବେଳେ ବାରୁଦରେ ପରିଣତ ହୁଏ ତାହାର ପରିଣାମ କ'ଣ ହୁଏ ତାହାକୁ ସାରା ବିଶ୍ୱ ଦେଖିଲା। ସିନ୍ଦୂରର ପ୍ରତିଶୋଧ ସିନ୍ଦୂର ନେଇଛି ଏବଂ ଏହାକୁ ମାତ୍ର ୨୨ ମିନିଟ୍‌ରେ ଶେଷ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏପ୍ରିଲ ୨୨ ପହଲଗାମ ଆତଙ୍କୀ ହମଲାରେ ପାକିସ୍ତାନ ବିରୋଧରେ ଭାରତୀୟ ସେନାର ଜବାବ ଅପରେସନ ସିନ୍ଦୂରକୁ ନେଇ କହିଛନ୍ତି। ପହଲଗାମ ଆତଙ୍କୀ ହମଲାକୁ ଇତିମଧ୍ୟରେ ମାସେ ପୂରିଛି। ଏହିକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀ ରାଜସ୍ଥାନର ବିକାନେରରେ ଏକ ସାଧାରଣ ସଭାରେ ଆତଙ୍କବାଦକୁ ନେଇ ପାକିସ୍ତାନ ଉପରେ ବର୍ଷିବା ସହିତ ପାକିସ୍ତାନକୁ କଡ଼ା ଚେତବାନୀ ଦେଇଛନ୍ତି। ସେ କହିଛନ୍ତି ଯେ ଆତଙ୍କବାଦୀମାନେ ଆମ ଭଉଣୀମାନଙ୍କୁ ସେମାନଙ୍କ ଧର୍ମ ବିଷୟରେ ପଚାରି ସେମାନଙ୍କ ସିନ୍ଦୁର ହଟାଇ ଦେଲେ। ପହଲଗାମରେ ଯେଉଁଳି ଗୁଳି ଫୁଟିଥିଲା ତାହା କେବଳ ସେହି ଭଉଣୀ ନୁହନ୍ତି ବରଂ ୧୪୦ କୋଟି ଦେଶବାସୀଙ୍କ ହୃଦୟକୁ ବିଦ୍ଧ କରିଥିଲା। ଯେଉଁମାନେ ଏଭଳି ନାରକୀୟ ଘଟଣା ଘଟାଇଥିଲେ ଏବଂ ସେମାନଙ୍କୁ ଯେଉଁ ଶକ୍ତି ପ୍ରୋତ୍ସାହିତ କରିଥିଲା ଆମେ ସେମାନଙ୍କୁ କଳ୍ପନା ଠାରୁ ମଧ୍ୟ ବଡ଼ ଦଣ୍ଡ ଦେବାକୁ ସଂକଳ୍ପ ନେଇଥିଲୁ। ଆଜି ସେମାନଙ୍କୁ ତାହା ମିଳିଯାଇଛି। ଦେଶବାସୀଙ୍କ ଆଶୀର୍ବାଦ ଏବଂ ସେନାର ପରାକ୍ରମକୁ ନେଇ ଆମେ ଏହି ସଂକଳ୍ପ ପୂରଣ କରିପାରିଛୁ। ଏହାସତ୍ତ୍ୱେ ବି ଯଦି ପାକିସ୍ତାନ ପୁଣି ଆତଙ୍କବାଦ ସୃଷ୍ଟି କରେ ଏବଂ ଭାରତୀୟଙ୍କ ରକ୍ତରେ ଖେଳିବାକୁ ଉଦ୍ୟମ କରେ ତେବେ ପାକିସ୍ତାନକୁ ବଡ଼ ମୂଲ୍ୟ ଦେବାକୁ ପଡ଼ିବ ବୋଲି ମୋଦୀ କହିଛନ୍ତି। ଭାରତ ଆଉ ପୂର୍ବ ଭଳି ନାହିଁ, ଆତଙ୍କବାଦୀଙ୍କୁ କିଭଳି ଠୋସ୍ ଜବାବ ଦିଆଯାଇପାରିବ ତାହା ସ୍ଥିର କରିସାରିଛି ବୋଲି ପରୋକ୍ଷରେ ପାକିସ୍ତାନକୁ ଚେତବାନୀ ଦେଇ ମୋଦୀ କହିଛନ୍ତି। ଏଥିସହିତ ସିନ୍ଧୁ ନଦୀ ଜଳ ଚୁକ୍ତିକୁ ନେଇ ଭାରତ ନେଇଥିବା ନିଷ୍ପତ୍ତିରେ କୌଣସି ପରିବର୍ତ୍ତନ କରିବା ସମ୍ଭବ ନୁହେଁ ଏବଂ ପାକିସ୍ତାନକୁ ବୁନ୍ଦେ ଜଳ ଛଡାଯିବ ନାହିଁ ବୋଲି ସେ ଦୃଢୋକ୍ତି କରିଛନ୍ତି।

## ସତ୍ୟପାଲ ମଲିକଙ୍କ ବିରୋଧରେ ସିବିଆଇ ଚାର୍ଜସିଟ୍



ନୂଆଦିଲ୍ଲୀ,୨୨।୫(ଏଜେନ୍ସି) : କିରୁ ଜଳ ବିଦ୍ୟୁତ ପ୍ରକଳ୍ପ ସହିତ ଜଡିତ ଦୁର୍ନୀତି ମାମଲାରେ ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକଙ୍କ ବିରୋଧରେ ସିବିଆଇ ଗୁରୁବାର ଚାର୍ଜସିଟ୍ ଦାଖଲ କରିଛି। ଏହି ପ୍ରକଳ୍ପ ପାଇଁ ପ୍ରାୟ ୨୨୦୦ କୋଟି ଟଙ୍କାର ସିଭିଲ କାର୍ଯ୍ୟ ପାଇଁ ଟେଣ୍ଡର ଦେବା ଘଟଣାରେ ବିପୁଳ ପରିମାଣର ଦୁର୍ନୀତି କରାଯାଇଥିବା ଅଭିଯୋଗ ହୋଇଥିଲା। ୨୦୨୪ରେ ଏହି ମାମଲାର ତଦନ୍ତ ଦାୟିତ୍ୱ ସିବିଆଇ ନେବା ପରେ ଏଥିସହ ଜଡ଼ିତ ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ତେବେ ଗୁରୁବାର ସତ୍ୟପାଲ ମଲିକଙ୍କ ସମେତ ଅନ୍ୟ ୫ ଜଣଙ୍କ ବିରୋଧରେ ସିବିଆଇ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଛି। ସତ୍ୟପାଲ ୨୦୧୮ ଅଗଷ୍ଟରୁ ୨୦୧୯ ଅକ୍ଟୋବର ପର୍ଯ୍ୟନ୍ତ ଜମ୍ମୁ କଶ୍ମୀର ରାଜ୍ୟପାଳ ରହିଥିଲା ବେଳେ କିରୁ ପ୍ରକଳ୍ପ କାର୍ଯ୍ୟ ସହ ଜଡ଼ିତ ଦୁଇଟି ଫାଇଲକୁ ସ୍ୱୀକୃତି ଦେବା ଲାଗି ତାଙ୍କୁ ୩୦୦ କୋଟି ଟଙ୍କାର ଲାଞ୍ଚ ଯଚାଯାଇଥିଲା ବୋଲି ଅଭିଯୋଗ କରିଥିଲେ। ତେବେ ସିବିଆଇ ଗତବର୍ଷ ଏହି ଘଟଣାର ତଦନ୍ତ କରି ସତ୍ୟପାଲଙ୍କ ଦିଲ୍ଲୀ ଏବଂ ଜମ୍ମୁ ଓ କାଶ୍ମୀର ବାସଭବନ ସମେତ ୩୦ରୁ ଅଧିକ ସ୍ଥାନ ତଲାସି କରିଥିଲା।

# ଇଡି ସବୁ ସୀମା ପାର୍ କରିଛି: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୨।୫(ଏଜେନ୍ସି): ତାମିଲନାଡୁ ରାଜ୍ୟ ବିପଣନ ନିଗମ(ଟାସମାକ୍)ରେ ୧୦୦୦ କୋଟି ଟଙ୍କାର ଅର୍ଥ ହେରଫେର କରାଯିବା ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଏହି ନିଗମ ଉପରେ ଚଢଉ କରିବା ଘଟଣାରେ ଇଡିକୁ ଭର୍ତ୍ସନା କରିଛନ୍ତି ସୁପ୍ରିମକୋର୍ଟ। ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ ଇଡି ସବୁ ସୀମା ପାର୍ କରିଛି। ସାମ୍ବିଧାନିକ ନୀତି ନିୟମ ଉଲ୍ଲଙ୍ଘନ କରି ଦେଶର ସଂଘୀୟ ଢାଞ୍ଚାର ମୂଲ୍ୟବୋଧକୁ ବି ନଷ୍ଟ କରୁଛି। ଟାସମାକ୍ ଭଳି ଏକ ନିଗମ ବିରୋଧରେ କିଭଳି ଅପରାଧିକ ମାମଲା ରୁଜୁ କରାଯାଇପାରିବ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ପ୍ରଶ୍ନ କରିବା ସହିତ ଏହି ନିଗମ ବିରୋଧରେ ଇଡିର ପରବର୍ତ୍ତୀ ତଦନ୍ତ କିମ୍ବା ଚଢଉ ଉପରେ ରୋକ୍ ଲଗାଇଛନ୍ତି। ଏହି ମାମଲାରେ ତାମିଲନାଡୁ ସରକାରଙ୍କ ପକ୍ଷରୁ ଏକ ପିଟିସନ ଦାଏର କରାଯାଇଥିଲା ବେଳେ ସୁପ୍ରିମକୋର୍ଟ ଏଥିପାଇଁ ଇଡିକୁ ନୋଟିସ୍ ଜାରି କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ଟାସମାକ୍‌ରେ ୧୦୦୦ କୋଟି ଟଙ୍କାର ଘୋଟାଲା କରାଯାଇଥିବା ଅଭିଯୋଗ ଆସିବା ପରେ ଏହାର ଯାଞ୍ଚ କରିବାକୁ ଇଡି ଟାସମାକ୍ ମୁଖ୍ୟାଳୟରେ ପହଞ୍ଚିଥିଲା। କିନ୍ତୁ ତାମିଲନାଡୁ ସରକାରଙ୍କ ପକ୍ଷରୁ ଏହାକୁ ବିରୋଧ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରାଯାଇଥିଲା। ହେଲେ ମାଡ୍ରାସ ହାଇକୋର୍ଟ ରାଜ୍ୟ ସରକାରଙ୍କ ଆବେଦନ ଖାରଜ କରି ଇଡିକୁ ଯାଞ୍ଚ କରିବାକୁ ଅନୁମତି ଦେଇଥିଲେ। ଏହାପରେ ତାମିଲନାଡୁ ସରକାର ହାଇକୋର୍ଟଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପ୍ରଧାନବିଚାରପତି ଜଷ୍ଟିସ୍ ବି ଆର ଗଭାଇ ଏବଂ ଜଷ୍ଟିସ୍ ଅଗଷ୍ଟାଇନ ଜର୍ଜ ମେସିଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି କରି ଇଡିକୁ ଭର୍ତ୍ସନା କରିଛନ୍ତି। ଇଡି ନିଜର କ୍ଷମତା ପରିସର ଉର୍ଦ୍ଧ୍ୱରେ ରହି କାର୍ଯ୍ୟ କରୁଛି ଏବଂ ସାମ୍ବିଧାନିକ ନୀତି ନିୟମକୁ ଉଲ୍ଲଙ୍ଘନ କରି ରାଜ୍ୟ ଅଧିକୃତ ସଂସ୍ଥାଗୁଡିକୁ ଟାର୍ଗେଟ କରୁଛି ବୋଲି ଖଣ୍ଡପୀଠ କହିଛନ୍ତି। ସୁପ୍ରିମକୋର୍ଟଙ୍କ ଏଭଳି ଟିପ୍ପଣୀ ପରେ ଇଡି ପକ୍ଷ ରଖିଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ୍ ଭି ରାଜୁ ଟାସମାକ୍‌ରେ ୧୦୦୦ କୋଟି ଟଙ୍କାର ଘୋଟାଲା କରାଯାଇ ବିପୁଳ ଅର୍ଥ ହେରଫେର କରାଯାଇଥିବାର ପ୍ରମାଣ ରହିଛି ବୋଲି କହିଥିଲେ। ତେଣୁ ଇଡି ଯାଞ୍ଚ କାର୍ଯ୍ୟ ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି ନ କରନ୍ତୁ ବୋଲି ଯୁକ୍ତି କରିଥିଲେ। ହେଲେ ଇଡି କେଉଁ ଆଧାରରେ ମନି ଲଣ୍ଡରିଂ ମାମଲା ରୁଜୁ କରିଛି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ନିଗମ ଅଧିକାରୀଙ୍କ ବିରୋଧରେ ଏତଲା ଦାଏର କରାଯାଇ ପାରିଥିବା ବେଳେ ଇଡି ପୁଣି କାହିଁକି ଏଥିରେ ମୁଣ୍ଡ ପୂରାଉଛି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ତାମିଲନାଡୁ ସରକାରଙ୍କ ପକ୍ଷରୁ ବରିଷ୍ଠ ଓକିଲ କପିଲ ଶିବଲ ପକ୍ଷ ରଖି କହିଥିଲେ ଯେ ୨୦୧୪ରୁ ୨୦୨୧ ମଧ୍ୟରେ ଟାସମାକ୍‌ରେ ହୋଇଥିବା ଦୁର୍ନୀତି ଅଭିଯୋଗରେ ରାଜ୍ୟ ସରକାର କିଛି ଅଧିକାରୀ ଏବଂ ମଦ ଦୋକାନ ପରିଚାଳନାକାରୀଙ୍କ ବିରୋଧରେ ୪୧ଟି ଏତଲା ଦାଏର କରିସାରିଛନ୍ତି। ଏହାସତ୍ତ୍ୱେ ଇଡି ଏହି ମାମଲାରେ ହସ୍ତକ୍ଷେପ କରି ଟାସମାକ୍ ମୁଖ୍ୟାଳୟରେ ଚଢଉ କରିବା ସହିତ ବହୁ ଅଧିକାରୀଙ୍କ ଫୋନ୍ ଏବଂ ଦସ୍ତାବିଜ୍ ଜବତ କରିଛି ବୋଲି ଶିବଲ କହିଥିଲେ।

# ସାମରିକ ବିଦ୍ରୋହ ଆଡ଼କୁ ମୁହାଁଉଛି ବାଂଲାଦେଶ !

ଢାକା,୨୨।୫(ଏଜେନ୍ସି): ବାଂଲାଦେଶର ମହମ୍ମଦ ୟୁନୁସ୍ ସରକାରଙ୍କ ଭାରତ ବିରୋଧୀ ମାନସିକତା ତୀବ୍ର ହେବାରେ ଲାଗିଛି। ଭାରତରେ ଅସ୍ଥିରତା ସୃଷ୍ଟି କରିବା ସହିତ ଭାରତକୁ ବିପଦରେ ପକାଇବା ଲାଗି ୟୁନୁସ୍ ସରକାର ଚୀନ୍ ଏବଂ ପାକିସ୍ତାନ ସହ ହାତ ମିଳାଇଛି। ଯାହାର ନମୁନା ଅନେକ ସ୍ତରରେ ଦେଖିବାକୁ ମିଳିଛି। ଭାରତ ସୀମାକୁ ଲାଗି ରହିଥିବା ବାଂଲାଦେଶର



ଲାଲ ମୁନିର ହାଟ୍ ଏୟାରବେସ୍‌ର ପୁନଃ ନିର୍ମାଣ ଲାଗି ବାଂଲାଦେଶ ସରକାର ଚୀନ୍ ସହ ହାତ ମିଳାଇ କାର୍ଯ୍ୟ ଆରମ୍ଭ କରିବାକୁ ଯାଉଛନ୍ତି। ମୁଖ୍ୟତଃ ' ଚିକେନ ନେକ୍'କୁ ଦୃଷ୍ଟିରେ ରଖି ୟୁନୁସ୍ ସରକାର ଭାରତର ଉତ୍ତର ପୂର୍ବ ରାଜ୍ୟଗୁଡିକରେ ଅସ୍ଥିରତା ସୃଷ୍ଟି କରିବକୁ ମସୁଧା କରିଛନ୍ତି। ଅନ୍ୟପକ୍ଷରେ ଭାରତ ବିରୋଧୀ କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ୟୁନୁସ୍ ବାଂଲାଦେଶ ସେନା ମୁଖ୍ୟ ଜେନେରାଲ ୱାକର-ଉଜ୍ –ଜମାନଙ୍କୁ ହଟାଇ ତାଙ୍କ ସ୍ଥାନରେ ଜେନେରାଲ ଫୈଜୁର ରହମନଙ୍କୁ ବସାଇବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ୱାକର ଜମାନ ଶେଖ ହସିନାଙ୍କ ସମୟରୁ ସେନା ମୁଖ୍ୟ ଭାବେ କାର୍ଯ୍ୟ କରିଆସୁଛନ୍ତି ଏବଂ ଭାରତ ପ୍ରତି ତାଙ୍କର ମାନସିକତା ସ୍ୱାଭାବିକ ରହିଛି। ହେଲେ ମହମ୍ମଦ ୟୁନୁସ୍ ବାଂଲାଦେଶ ସେନା ଦାୟିତ୍ୱ ଫୈଜୁର ରହମନଙ୍କୁ ଦେବାକୁ ପ୍ରସ୍ତୁତି ନେଇଥିବା ଜଣାପଡ଼ିଛି। କ୍ୱାର୍ଟର ମାଷ୍ଟର ଜେନେରାଲ ଭାବେ କାର୍ଯ୍ୟ କରୁଥିବା ଜେନେରାଲ ଫୈଜୁର ନିକଟରେ ବାଂଲାଦେଶ ଏନଏସଏ ଖଲିଉର ରହମନଙ୍କୁ ଭେଟିବା ସହିତ ପାକିସ୍ତାନର ଆଇଏସଆଇ ମୁଖ୍ୟ ଅସିମ ମଲିକଙ୍କୁ ମଧ୍ୟ ଭେଟିଛନ୍ତି। ଫୈଜୁର ରହମନଙ୍କ ନେତୃତ୍ୱରେ ୟୁନୁସ୍ ଭାରତ ବିରୋଧୀ ଯୋଜନା ପ୍ରସ୍ତୁତ କରି ଏହାକୁ ରୂପ ଦେବାକୁ ଚାହୁଁଥିବା ଆକଳନ କରାଯାଉଛି।

# ଭାରତ ପାଇଁ ବଢ଼ିଲା ଚିନ୍ତା



■ ଆଫଗାନିସ୍ତାନ ଯାଏଁ ସଂପ୍ରସାରିତ ହେବ 'ସିପେକ୍'

ନୂଆଦିଲ୍ଲୀ,୨୨।୫(ଏଜେନ୍ସି): ତାଲିବାନ ସହ ଭାରତର ସମ୍ପର୍କ ବୃଦ୍ଧି ପାକିସ୍ତାନ ପାଇଁ ଚିନ୍ତାର କାରଣ ହୋଇଛି। ଅନ୍ୟପଟେ ଆଫଗାନିସ୍ତାନର ତାଲିବାନ ସରକାର ସହ ଚୀନ୍ ଯେଉଁ ନୂଆ ଚାଲ୍ ଆରମ୍ଭ କରିଛି ତାହା ଭାରତ ପାଇଁ ଚିନ୍ତାର କାରଣ ହେବାକୁ ଯାଉଛି। ଚୀନ୍ ଆଫଗାନିସ୍ତାନ ସହ ସମ୍ପର୍କ ବୃଦ୍ଧି କରି 'ସିପେକ୍( ଚାଇନା-ପାକିସ୍ତାନ ଇକୋନୋମିକ୍ କରିଡର) ପ୍ରକଳ୍ପକୁ ଆଫଗାନିସ୍ତାନ ପର୍ଯ୍ୟନ୍ତ ସଂପ୍ରସାରିତ କରିବାକୁ ପ୍ରସ୍ତୁତି ନେଇଛି। ପୂର୍ବରୁ ଏହି ପ୍ରକଳ୍ପ ଚୀନ୍ ଏବଂ ପାକିସ୍ତାନ ମଧ୍ୟରେ ସୀମିତ ରହିଥିଲା ବେଳେ ଏବେ ଆଫଗାନିସ୍ତାନ ମଧ୍ୟ ଏଥିରେ ସାମିଲ ହୋଇଛି। ଏନେଇ ଚୀନ୍, ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ଏକ ତ୍ରିସ୍ତରୀୟ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ପ୍ରକଳ୍ପରେ ଆଫଗାନିସ୍ତାନ ସାମିଲ ହେଲେ ଏହାର ଅର୍ଥନୀତିକୁ ବଳ ମିଳିବା ସହିତ ଦକ୍ଷିଣ ଏସୀୟ ରାଷ୍ଟ୍ରମାନଙ୍କ ସହ ବ୍ୟବସାୟ, ବାଣିଜ୍ୟ ବଢିବ ବୋଲି ଚୀନ୍ ରଣନୀତି ପ୍ରସ୍ତୁତ କରିଛି। ବର୍ଷ ବର୍ଷ ଧରି ଯୁଦ୍ଧଭୂମିରେ ପରିଣତ ହୋଇଥିବା ଆଫଗାନିସ୍ତାନରେ ଚୀନ୍ ସିପେକ୍ ପ୍ରକଳ୍ପ ମାଧ୍ୟମରେ ଉନ୍ନତ ଭିତ୍ତିଭୂମି ପ୍ରତିଷ୍ଠା କରିବାକୁ ପ୍ରତିଶ୍ରୁତି ଦେଇଥିଲା ବେଳେ ଏହାଦ୍ୱାରା ଆଫଗାନିସ୍ତାନରେ ନିଯୁକ୍ତି ସୁଯୋଗ ବୃଦ୍ଧି ସହିତ ବ୍ୟାବସାୟିକ କାରବାର ପାଇଁ ସୁଯୋଗ ସୃଷ୍ଟି ହେବ ବୋଲି କହିଛି। ଏହିକ୍ରମରେ ବେଜିଂରେ ଅନୁଷ୍ଠିତ ଏକ ବୈଠକରେ ତିନି ରାଷ୍ଟ୍ରର ପ୍ରତିନିଧି ଏକ ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି।

କିନ୍ତୁ ତିନି ରାଷ୍ଟ୍ରଙ୍କ ମଧ୍ୟରେ ଏହି ବୁଝାମଣା ଭାରତ ପାଇଁ କୂଟନୀତି, ଭୂ-ରାଜନୀତି ଏବଂ ରଣନୀତି ଦୃଷ୍ଟିରୁ ସମସ୍ୟା ଆଣିବ ବୋଲି କୁହାଯାଉଛି। ଭାରତ ବହୁ ପୂର୍ବରୁ ଆଫଗାନିସ୍ତାନରେ ନିଜର ଉପସ୍ଥିତି ଜାହିର କରିବା ସହିତ ଏଠାରେ ଡ୍ୟାମ, ରାଜପଥ ଠାରୁ ଆରମ୍ଭ କରି ସଂସଦ ଏବଂ ହସ୍ପିଟାଲ ଆଦି ନିର୍ମାଣ କ୍ଷେତ୍ରରେ ବିପୁଳ ଅର୍ଥ ବିନିଯୋଗ କରିଛି। କିନ୍ତୁ ଆଫଗାନିସ୍ତାନରେ ପାକିସ୍ତାନ ଓ ଚୀନ୍ ପ୍ରବେଶ କରିବା ପରେ ଭାରତର ଉପସ୍ଥିତି ହ୍ରାସ ପାଇବ ବୋଲି କୁହାଯାଉଛି। ଭାରତକୁ ଘେରିବା ଲାଗି ଚୀନ୍ ଶ୍ରୀଲଙ୍କାର ହମ୍ବନଟୋଟା, ପାକିସ୍ତାନର ଗ୍ୱାଦର ଏବଂ ବାଂଲାଦେଶର ଚିଟ୍ଟାଗଙ୍ଗ ଆଦି ବନ୍ଦରକୁ ନିଜ ହାତକୁ ନେଇଛି। ଏବେ ସିପେକ୍ ପ୍ରକଳ୍ପ ଆଫଗାନିସ୍ତାନ ଯାଏ ସଂପ୍ରସାରିତ ହେବା ପରେ ପଶ୍ଚିମ ପଟୁ ଭାରତ ପାଇଁ ବିପଦ ବଢିବ। ଏହାଛଡ଼ା ଏହି ପ୍ରକଳ୍ପକୁ ନେଇ ସୁରକ୍ଷା ଦୃଷ୍ଟିରୁ କଶ୍ମୀର ପାଇଁ ମଧ୍ୟ ସମସ୍ୟା ସୃଷ୍ଟି ହେବ ବୋଲି ଆକଳନ କରାଯାଉଛି।

# ୱାକଫ୍ ମାମଲାର ଶୁଣାଣି ଶେଷ; ଅନ୍ତରୀଣ ଆଦେଶକୁ ଅପେକ୍ଷା

ନୂଆଦିଲ୍ଲୀ, ୨୨।୫ (ଏଜେନ୍ସି): ବହୁଚର୍ଚ୍ଚିତ ୱାକଫ ସଂଶୋଧନ ଆଇନକୁ ନେଇ ଗତ ତିନି ଦିନ ଧରି ଚାଲିଥିବା ଶୁଣାଣି ଆଜି ଶେଷ ହୋଇଛି। ପ୍ରଧାନ ବିଚାରପତି ଜଷ୍ଟିସ ବି.ଆର. ଗଭାଇ ଏବଂ ଜଷ୍ଟିସ ଏଜି ମସିହଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିବା ସହିତ ଅନ୍ତରୀଣ ଆଦେଶକୁ ସଂରକ୍ଷିତ ରଖିଛନ୍ତି। ଏହି ଆଇନରେ ଥିବା ତିନିଟି ବ୍ୟବସ୍ଥା : ୱାକଫ ବାଇ ୟୁଜର୍, ୱାକଫ ବୋର୍ଡ ସଭ୍ୟପଦ ଅଣମୁସଲିମଙ୍କ ପାଇଁ ସଂରକ୍ଷଣ ଏବଂ ୱାକଫ ମାମଲାରେ ଜିଲ୍ଲାପାଳଙ୍କ କ୍ଷମତାକୁ ନେଇ କୋର୍ଟ ଅନ୍ତରୀଣ ଆଦେଶ ଦେବେ।

ଏହି ମାମଲାରେ ତିନିଦିନ ଧରି ଚାଲିଥିବା ଶୁଣାଣିରେ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ କପିଲ ଶିବଲ, ଅଭିଶେକ ସିଂହଭୀ ଏବଂ ରାଜୀବ ଧାବନ ନୂଆ ୱାକଫ ଆଇନ ବିରୋଧରେ ଯୁକ୍ତି ରଖି ଏହାକୁ ସମ୍ବିଧାନ ବିରୋଧୀ ବୋଲି କହିଥିଲେ। ନୂଆ ଆଇନ ବଳରେ ୱାକଫ ସଂପତ୍ତି ହଡ଼ପ କରିବାକୁ ସରକାର ଯୋଜନା କରୁଛନ୍ତି ବୋଲି ସେମାନେ ଯୁକ୍ତି ରଖିଥିଲେ। ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଉପସ୍ଥିତ ହୋଇ ନୂଆ ୱାକଫ ଆଇନ ସପକ୍ଷରେ ଯୁକ୍ତି ରଖିଥିଲେ। ସେ କହିଥିଲେ ଯେ ୱାକଫ ସଂପତ୍ତିର ସୁପରିଚାଳନା ପାଇଁ ନୂଆ ଆଇନରେ ବ୍ୟବସ୍ଥା କରାଯାଇଛି। ଏହାକୁ ନେଇ ବିରୋଧୀ ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି। ସଂଶୋଧିତ ଆଇନର ତିନିଟି ବ୍ୟବସ୍ଥା ଉପରେ ରୋକ୍ ଲଗାଇବା ଲାଗି ଆବେଦନକାରୀ ଯୁକ୍ତି କରିଥିବା ବେଳେ ପ୍ରଧାନ ବିଚାରପତି ଜଷ୍ଟିସ ଗଭାଇ କହିଥିଲେ ଯେ ଅଦାଲତଙ୍କୁ ହସ୍ତକ୍ଷେପ କରିବାକୁ ହେଲେ ଠୋସ୍ କାରଣ ଦରକାର।

ଯେଉଁ ତିନିଟି ବିବାଦୀୟ ପ୍ରସଙ୍ଗ ଉପରେ ରୋକ୍ ଲଗାଇବାକୁ ଆବେଦନକାରୀ ଯୁକ୍ତି କରିଛନ୍ତି ସେଥିରେ ପ୍ରଥମଟି ହେଲା ୱାକଫ ବାଇ ୟୁଜର। ଯଦି କୌଣସି ଧାର୍ମିକ ଅନୁଷ୍ଠାନ ଦୀର୍ଘ ଦିନ ଧରି ଜମି/ସଂପତ୍ତି ବ୍ୟବହାର କରୁଛି ତାହାକୁ ଆପେଆପେ ୱାକଫ୍ ସଂପତ୍ତି ବୋଲି ବିବେଚନା କରାଯିବ। କିନ୍ତୁ ନୂଆ ଆଇନରେ ଏହି ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇଛି। ଦ୍ୱିତୀୟଟି ହେଲା ୱାକଫ ବୋର୍ଡ/ପରିଷଦରେ ଅଣମୁସଲିମଙ୍କ ପାଇଁ ପଦବୀ ସଂରକ୍ଷଣ। ଆବେଦନକାରୀ ଅଭିଯୋଗ କରିଛନ୍ତି ଯେ ଏଭଳି ବ୍ୟବସ୍ଥା ଦ୍ୱାରା ସରକାର ସମଗ୍ର ପରିଚାଳନା ବ୍ୟବସ୍ଥାକୁ ମୁସଲମାନଙ୍କ ହାତରୁ ଛଡ଼ାଇବାକୁ ଉଦ୍ୟମ କରୁଛନ୍ତି। ତୃତୀୟଟି ହେଲା କୌଣସି ୱାକଫ ସଂପତ୍ତି ଉପରେ ଜିଲ୍ଲାପାଳ ତଦନ୍ତ ଆରମ୍ଭ କରିବା ମାତ୍ରେ ଏହି ସଂପତ୍ତି ୱାକଫ୍ ମାନ୍ୟତା ହରାଇବ।

## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ଶୁଭ ଖବର ପ୍ରାପ୍ତ ହେବ। ନୂଆ ଯାନ କିଣିବା ଯୋଗ ଅଛି। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ନାଚ, ଗୀତରେ ପ୍ରଶଂସା ମିଳିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ଆୟଠୁ ଅଧିକ ବ୍ୟୟ କରିବେ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିବେ। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟା ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଭାଇଭଉଣୀଙ୍କଠାରୁ ଉପହାର ପାଇବେ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ। ଆଇନଗତ କାର୍ଯ୍ୟରେ ସଫଳତା ମିଳିବ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ପର୍କରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ।

## ଆଜିର ଇତିହାସ

- ୧୯୧୯- ଜୟପୁରର ମହାରାଣୀ ଗାୟତ୍ରୀ ଦେବୀଙ୍କ ଜନ୍ମ।
- ୧୯୫୧- ଚୀନ୍ ତିବ୍ବତ ଉପରେ କବ୍‌ଜା କଲା।
- ୧୯୯୪- ସାଉଦି ଆରବରେ ଦଳା ଚକଟା ଯୋଗୁଁ ୨୭୦ ତୀର୍ଥଯାତ୍ରୀଙ୍କ ପ୍ରାଣହାନି।
- ୨୦୦୪- ବାଂଲାଦେଶରେ ମେଘନା ନଦୀରେ ନୌକା ବୁଡ଼ିଯିବାରୁ ୨୫୦ ଲୋକଙ୍କ ମୃତ୍ୟୁ।
- ୨୦୦୮- ଭାରତ ପୃଥ୍ୱୀ-୨ ମିସାଇଲର ସଫଳ ପରୀକ୍ଷଣ କଲା।



## ବିଶ୍ୱ କଚ୍ଛପ ଦିବସ

ଆଜି ହେଉଛି ବିଶ୍ୱ କଇଁଛ ଦିବସ। କଇଁଛର ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ଏହି ଦିନଟି ଉତ୍ସର୍ଗୀକୃତ ହୋଇଥିବାବେଳେ ସେମାନଙ୍କୁ ସେମାନଙ୍କର ପ୍ରାକୃତିକ ବାସସ୍ଥାନରେ ବଞ୍ଚି ରହିବାକୁ ଦେବା ତଥା ସେମାନଙ୍କର ବଂଶବୃଦ୍ଧିରେ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଇଥାଏ। ବିଶ୍ୱସ୍ତରରେ ୩୦୦ରୁ ଅଧିକ ପ୍ରଜାତିର କଇଁଛ ଦେଖାଯାନ୍ତି। ଜଳବାୟୁ ପରିବର୍ତ୍ତନ କାରଣରୁ ଏହି ପ୍ରାଣୀଙ୍କ ବଂଶବୃଦ୍ଧିରେ ସଙ୍କଟ ଉପୁନ୍ନ ହେଉଛି। ବିଭିନ୍ନ ପ୍ରଜାତିର କଇଁଛଙ୍କ ସଂରକ୍ଷଣ ସହ ସେମାନଙ୍କର ବାସସ୍ଥାନର ସୁରକ୍ଷା ନିମନ୍ତେ ଆମେରିକାର ସ୍ୱେଚ୍ଛାସେବୀ ସଂଗଠନ 'ଆମେରିକାନ୍ ଟରଟଏଜ୍ ରେସ୍କ୍ୟୁ'ର ଉଦ୍ୟମ କ୍ରମେ ୨୦୦୨ ମସିହାରୁ ମେ' ୨୩କୁ କଚ୍ଛପ ଦିବସ ଭାବେ ପାଳନ କରାଯାଇ ଆସୁଛି। କଇଁଛ ମୃତ ମାଛକୁ ଖାଇ ବେଳାଭୂମିକୁ ପରିଷ୍କାର ରଖିବା ସହ ଗାତ ଖୋଳି ଅନ୍ୟ କିଛି ପ୍ରାଣୀଙ୍କ ପାଇଁ ଆବାସସ୍ଥଳୀ ନିର୍ମାଣ କରିଥାଏ। ସାମୁଦ୍ରିକ ଉଦ୍ଭିଦଜଗତ ଓ ପ୍ରବାଳକୁ ବଞ୍ଚାଇ ରଖିବାରେ ମଧ୍ୟ କଚ୍ଛପ ସାହାଯ୍ୟ କରିଥାଏ। ପୃଥିବୀ ପୃଷ୍ଠରେ କଇଁଛ ଡାଇନୋସର୍ ସମୟରୁ ଅଛନ୍ତି। ଅନ୍ୟପଟେ ପୃଥିବୀପୃଷ୍ଠର ଆଦ୍ରତା କମୁଥିବାରୁ ଏମାନଙ୍କ ଅସ୍ତିତ୍ୱ ଲୋପ ପାଉଛି। ମହାମାରୀ କରୋନା ସମୟରେ ମଣିଷଙ୍କ ଗହଳି ସମୁଦ୍ରକୂଳରେ ନ ଥିଲା। ସେଇସମୟରେ ବିଶ୍ୱର ଅଧିକାଂଶ ସମୁଦ୍ରକୂଳେ ହଜାର ହଜାର କଇଁଛ ଦେଖିବାକୁ ମିଳିଲା। ଏବେ ନଦୀ ଓ ସମୁଦ୍ରଗୁଡ଼ିକ ପ୍ରଦୂଷିତ ହେଉଥିବାରୁ ପ୍ଲାଷ୍ଟିକ୍ ଟୁକୁଡ଼ା ଖାଇ ଅନେକ ସମୟରେ କଇଁଛଙ୍କ ମୃତ୍ୟୁ ହେଉଛି। ଏହାବାଦ୍ ଟ୍ରେଲର୍‌ର ବ୍ଲେଡ୍‌ରେ କଟି ଓ ମାଛ ଜାଲରେ ଛନ୍ଦି ହୋଇ ମଧ୍ୟ ଅନେକ କଇଁଛ ମରିଥାନ୍ତି। ତ୍ୱଚା, ଅଣ୍ଡା, ମାଂସ ପାଇଁ ଏମାନଙ୍କର ଚୋରା ଚାଲାଣ କରାଯାଉଛି। ଫଳରେ କଇଁଛ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଏଣୁ କଇଁଛ ସୁରକ୍ଷା ଓ ସେମାନଙ୍କ ବାସସ୍ଥାନ ବାବଦରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସର ଅନ୍ୟତମ ଉଦ୍ଦେଶ୍ୟ। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ନାସା ଓ ରୁଷ୍ ସେମାନଙ୍କ ମହାକାଶ ମିଶନରେ କଇଁଛକୁ ମହାକାଶକୁ ପଠାଇଛନ୍ତି।

## କୁକୁରଙ୍କ ପାଇଁ ଜିମ୍



ଆଜିକାଲି ଲୋକେ ଜିମ୍ ଯାଇ ନିଜକୁ ଫିଟ୍ ରଖୁଛନ୍ତି। ଏହି କ୍ରମରେ ଏଣିକି କୁକୁର ମଧ୍ୟ ଜିମ୍ ଯାଇ ଫିଟ୍ ରହିବେ। ଚୀନ୍‌ରେ ପୋଷା କୁକୁରଙ୍କ ପାଇଁ ଏକ ବିଶେଷ ପ୍ରକାର ଜିମ୍‌କୁ ପରିଚିତ କରାଯିବ। ଏଠାରେ କୁକୁର ଚଲାବୁଲାଠାରୁ ଆରମ୍ଭ କରି ସନ୍ତରଣ ଆଦି ସବୁ କିଛି କରି ପାରିବେ। ସିଙ୍ଗାପୁର ସ୍ଥିତ 'ହିଲ୍ ପେଟ୍ କେୟାର୍' ଏହି ଜିମ୍‌ର ନିର୍ମାଣ ଦାୟିତ୍ୱରେ ଥିବା ବେଳେ ଏହାକୁ ଶଂଘାଇରେ ନିର୍ମାଣ କରାଯାଉଛି। ଜିମ୍‌ର ନାଁ 'ଗୋଗୋ ଜିମ୍' ରଖଯାଇଛି। ଅବଶ୍ୟ କିଛି ଦିନ ତଳେ ସାମାଜିକ ଗଣମାଧ୍ୟମରେ ଏହି ଜିମ୍‌ର ଭିଡିଓ ଭାଇରାଲ ହୋଇଥିଲା। ଯେଉଁଥିରେ କିଛି କୁକୁର ଟ୍ରେଡ୍‌ମିଲ୍‌ରେ ବ୍ୟାୟାମ କରୁଥିବାର ଦେଖିବାକୁ ମିଳିଥିଲା। ଜିମ୍‌ରେ ସମୁଦାୟ ୪ଟି କୋଠରି ଅଛି। ପ୍ରତ୍ୟେକ କୋଠରିରେ କୁକୁରଙ୍କୁ ଭିନ୍ନ ଭିନ୍ନ ପ୍ରକାର ସେବା ପ୍ରଦାନ କରାଯିବ। ସେହିପରି ଏଠାରେ ଏକ ଫିଟ୍‌ନେସ୍ ସେଣ୍ଟର, ସ୍ପା, ମସାଜ୍ ରୁମ୍, ପୋଷା କୁକୁରଙ୍କ ଜିନିଷ ଥିବା ଦୋକାନ ରହିବାର ବ୍ୟବସ୍ଥା କରାଯିବ। ଜୁନ୍ ଶେଷ ସୁଦ୍ଧା ଲୋକେ ଏହି ଜିମ୍‌କୁ ସେମାନଙ୍କ କୁକୁରଗୁଡ଼ିକୁ ନେଇ ଆସିପାରିବେ। ତେବେ ଏହି ଜିମ୍‌ର ଉଦ୍ଦେଶ୍ୟ ହେଉଛି କୁକୁରଙ୍କୁ ସ୍ୱାସ୍ଥ୍ୟବାନ କରିବା। ଏହାସହ ସେମାନଙ୍କୁ ଶାରୀରିକ ସ୍ତରରେ ସକ୍ରିୟ ରଖି ରୋଗ ଦାଉରୁ ରକ୍ଷା କରିବା। ଜିମ୍‌ରେ ପ୍ରଫେସନାଲ ଟ୍ରେନର୍ ମଧ୍ୟ ରହିବେ। ଗୋଗୋ ଜିମ୍ ଏପ୍ରିଲ୍ ୧୯ ରେ କୁକୁରଙ୍କ ପାଇଁ ମଡେଲିଂ ପ୍ରତିଯୋଗିତାର ଆୟୋଜନ କରିଥିଲା। ଏଥିରେ ୩ ବିଜେତା କୁକୁରଙ୍କୁ ତିନି ମାସ ପାଇଁ ଜିମ୍ ପାସ୍ ପ୍ରଦାନ କରାଯାଇଛି।

## 'ଭୂତ୍ ବଙ୍ଗଲା'ର ସୁଟିଂ ସାରିଲେ ଅକ୍ଷୟ

ପ୍ରିୟଦର୍ଶନ୍‌ଙ୍କ ନିର୍ଦ୍ଦେଶିତ ହରର୍ କମେଡି ଫିଲ୍ମ 'ଭୂତ୍ ବଙ୍ଗଲା'କୁ ନେଇ ଦର୍ଶକଙ୍କ ଭିତରେ ବେଶ୍ କ୍ରେଜ୍ ରହିଛି। ଏଥିରେ ଲିଡ୍ ରୋଲରେ ଅକ୍ଷୟ କୁମାର ଓ ବାମିକା ଗବ୍ବି ନଜର ଆସିବେ। ୧୫ ବର୍ଷ ପରେ ଏହି ଫିଲ୍ମ ଜରିଆରେ ଅକ୍ଷୟ ଓ ପ୍ରିୟଦର୍ଶନଙ୍କ ଯୋଡ଼ିକୁ ଦେଖିବାକୁ ମିଳିବ। ଇତିମଧ୍ୟରେ ଅକ୍ଷୟ ଫିଲ୍ମର ସୁଟିଂ ସରିଥିବା ନେଇ ବାମିକାଙ୍କ ସହ ଏକ ବିଟିଏସ୍ ଭିଡିଓ ଇନ୍‌ଷ୍ଟାଗ୍ରାମ୍‌ରେ ସେୟାର୍ କରି ଦର୍ଶକଙ୍କୁ ସୂଚନା ଦେଇଛନ୍ତି। ଫଟୋରେ ଅକ୍ଷୟଙ୍କ ପଛପଟେ ଏକ ଝରଣା ଦେଖାଯାଉଛି। ଅକ୍ଷୟ ଜୋଗର୍ସ ସହ ସବୁଜ ରଙ୍ଗର ଏକ ସାର୍ଟ ପିନ୍ଧି ନାଚୁଥିବାର ଦେଖାଯାଇଛନ୍ତି। ଏହି ଫିଲ୍ମରେ ଅକ୍ଷୟ, ବାମିକାଙ୍କ ସହ ତବୁ, ପରେଶ ରାୱଲ, ରାଜପାଲ ଯାଦବ, ଯୀଶୁ ସେନଗୁପ୍ତା, ଅସରାନି ନଜର ଆସିବେ। ଫିଲ୍ମର ସୁଟିଂ ରାଜସ୍ଥାନ, ଜୟପୁର ଓ ହାଇଦ୍ରାବାଦ୍‌ରେ କରାଯାଇଛି। ଏହାର ପ୍ରଯୋଜନା ଦାୟିତ୍ୱରେ ଶୋଭା କପୁର, ଏକତା ଆର୍ କପୁର, ବାଲାଜୀ ଟେଲି ଫିଲ୍ମସ୍ ଓ ଅକ୍ଷୟ କୁମାରଙ୍କ ପ୍ରଡକ୍ସନ୍ ହାଉସ୍ 'ହାଉସ୍ କେପ୍ ଅଫ୍ ଗୁଡ୍ ଫିଲ୍ମସ୍' ରହିଛି। ଏହା ୨ ଅପ୍ରେଲ୍, ୨୦୨୬ରେ ରିଲିଜ୍ ହେବ। ଫିଲ୍ମଟି କଳାଯାଦୁ ଉପରେ ଆଧାରିତ। ଏଥିରେ ଅକ୍ଷୟ ଜଣେ ଯାଦୁଗର ଭୂମିକାରେ ଦେଖାଯିବେ।





## ସଞ୍ଜୀବନୀ

# କରୋନାର ନୂଆ ଭାରିଏଣ୍ଟ ଜେ ଏନ୍.୧

**କୋଭିଡ୍ ଯୋଗୁଁ ଲକ୍‌ଡାଉନ, ୱାର୍କଫ୍ରମ୍ ହୋମ ଦୁଃଖକୁ ଲୋକେ ଭୁଲି ନଥିବାବେଳେ ଏବେ ପୁଣି କରୋନାର ନୂଆ ପ୍ରଜାତି ଚିନ୍ତା ବଢ଼ାଇଛି। ହଙ୍ଗକଙ୍ଗ, ଚୀନ୍, ଥାଇଲ୍ୟାଣ୍ଡ ପରେ ଏବେ ମୁମ୍ବାଇରେ କରୋନାର ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହି ନୂତନ ଉପ ପ୍ରଜାତିର ଲକ୍ଷଣ କ'ଣ ଓ କେଉଁମାନଙ୍କ ପାଇଁ ଏହା ବିପଦ ସେ ବିଷୟରେ ଜାଣିବା..**

କରୋନାର ଓମିକ୍ରନ ଉପ ପ୍ରଜାତି ଜେଏନ୍.୧ ପ୍ରଥମ ଥର ପାଇଁ ୨୦୨୩ରେ ଚିହ୍ନଟ ହୋଇଥିଲା। ଓମିକ୍ରନ ଉପ ପ୍ରଜାତି ବିଏ.୨.୮୬ରୁ ସୃଷ୍ଟି। ଏହି ପ୍ରଜାତିରେ ଅଧିକ ମ୍ୟୁଟେଶନ୍ ଥିବାରୁ ସଂକ୍ରମଣର ଆଶଙ୍କା ଅଧିକ ଥାଏ। ତେଣୁ ଏହା ଦ୍ରୁତ ଗତିରେ ବ୍ୟାପିପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ପ୍ରକାଶ କରିଛନ୍ତି।


ସିଡିସି ଅନୁସାରେ, ଏହାର ପ୍ରାରମ୍ଭିକ ଲକ୍ଷଣ ପୂର୍ବରୁ ଚିହ୍ନଟ ହୋଇଥିବା କରୋନା ସହିତ ପ୍ରାୟତଃ ସମାନ। ଯେପରିକି ଭୂତାଣୁ ଶରୀରରେ ପ୍ରବେଶ କରିବାର କିଛି ଦିନ ମଧ୍ୟରେ ନାକରୁ ପାଣି ଗଡ଼ିବା, ଶୁଖିଲା କାଶ, ଜ୍ୱର, ଗଳା ଦରଜ, ନିଃଶ୍ୱାସ ନେବାରେ ସମସ୍ୟା, ମୁଣ୍ଡବିନ୍ଧା, ତରଳ ଝାଡ଼ା, ବାନ୍ତି, ଥଣ୍ଡା ଅନୁଭବ ଇତ୍ୟାଦି ହୋଇଥାଏ। ତେଣୁ ଉପରୋକ୍ତ ଲକ୍ଷଣ ଦେଖିଲାମାତ୍ରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ଚିକିତ୍ସାରେ ରହିବା ଆବଶ୍ୟକ।

**ଏମାନଙ୍କୁ ଅଧିକ ବିପଦ:** ଏହି ପ୍ରଜାତି ସମସ୍ତ ବୟସର ଲୋକଙ୍କୁ ପ୍ରଭାବିତ କରୁଛି। ତେବେ ରୋଗପ୍ରତିରୋଧକ ଶକ୍ତି କମ୍ ଥିବା ବ୍ୟକ୍ତି, ଟିକା ନ ନେଇଥିବା ଲୋକ, ବୟସ୍କ ନାଗରିକ, ଅଣନିୟନ୍ତ୍ରିତ ଉଚ୍ଚ ରକ୍ତଚାପ, ମଧୁମେହ, ବୃକ୍କ କିମ୍ବା ଯକୃତ ଜନିତ ସମସ୍ୟା, ଶ୍ୱସନ ସଂକ୍ରମଣ, ବିଭିନ୍ନ ରୋଗାକ୍ରାନ୍ତ ବ୍ୟକ୍ତିଙ୍କ ପାଇଁ ଏହି ନୂତନ ପ୍ରଜାତି ଅଧିକ ବିପଦ।

**ସତର୍କତାରୁ ସୁରକ୍ଷା:** ସତର୍କତା ଅବଲମ୍ବନ କରି ଏହି ଭୂତାଣୁ ସଂକ୍ରମଣରୁ ବର୍ତ୍ତିହେବ। ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ, ଭିଟାମିନ୍ -ସି, ଏ,ଡି ଏବଂ ଇ ଜରୁରି। ଭିଡସ୍ଥାନକୁ ଯିବା ଅନୁଚିତ। ସାମାଜିକ ଦୂରତା ବଜାୟ ରଖିବା ସହ ମାସ୍କ ବ୍ୟବହାର ଆବଶ୍ୟକ। ସେହିପରି ନିଦ ପୂରା କରିବା ସହ ଶରୀରକୁ ଆବଶ୍ୟକତା ଅନୁଯାୟୀ ପାଣି ପିଇବା ଆବଶ୍ୟକ।

## ମୁଖଗହ୍ୱର ସ୍ୱାସ୍ଥ୍ୟ ଏବଂ ହୃଦ୍‌ରୋଗ ସମ୍ପର୍କ

ମୁଖଗହ୍ୱର ଶରୀରର ଦର୍ପଣ ସଦୃଶ। ମୁଖ ଗହ୍ୱର ସ୍ୱାସ୍ଥ୍ୟ ହିଁ ଜଣଙ୍କ ହୃତପିଣ୍ଡର ସୁସ୍ଥତା ସମ୍ପର୍କରେ ସ୍ପଷ୍ଟ ସୂଚନା ଦେଇଥାଏ। ଶରୀରର ଅନ୍ୟ ଅଂଶ ପରି ପାଟିରେ ଜୀବାଣୁ ଭରପୁର। ଏମାନେ ପ୍ରାୟତଃ କ୍ଷତିକାରକ ନୁହନ୍ତି। କିନ୍ତୁ ଏହି ଜୀବାଣୁ ମଧ୍ୟରୁ କିଛି ଖାଦ୍ୟନଳୀ ଦେଇ ଶରୀର ଭିତରକୁ ଯାଇ ରୋଗ ସୃଷ୍ଟି କରିପାରନ୍ତି। ଉପଯୁକ୍ତ ମୁଖ ପରିଚ୍ଛନ୍ନତା ବିନା ଜୀବାଣୁ ଏପରି ସ୍ତରକୁ ପହଞ୍ଚିପାରେ, ଯାହା ମୁଖ ସଂକ୍ରମଣର କାରଣ ହୋଇପାରେ। ଯେପରିକି ଦାନ୍ତ କ୍ଷୟ ଏବଂ ମାଢ଼ି ରୋଗ। ପେରିଓଡଣ୍ଟାଇଟିସ୍ ବା ମାଢ଼ି ରୋଗର ଜୀବାଣୁ ରକ୍ତ ପ୍ରବାହରେ ପ୍ରବେଶ କରି କରୋନାରୀ ଧମନୀରେ ପ୍ଲାକ୍ (ଚର୍ବି, କୋଲେଷ୍ଟ୍ରୋଲ, କ୍ୟାଲସିୟମ୍ ଜମା) ସହିତ ସଂଯୋଗ କରନ୍ତି, ଯାହା ରକ୍ତ ଜମାଟ ବାନ୍ଧିବାରେ ସାହାଯ୍ୟ କରେ ଏବଂ ସାଧାରଣ ରକ୍ତ ପ୍ରବାହକୁ ହ୍ରାସ କରେ। ଯାହା ଅମ୍ଳଜାନ ତଥା ପୋଷକତତ୍ତ୍ୱର ପରିମାଣକୁ ସୀମିତ କରି ହୃଦଘାତର କାରଣ ହୁଏ। ଏହା ଆଥେରୋସ୍କ୍ଲେରୋସିସ୍, ଏଣ୍ଡୋକାର୍ଡାଇଟିସ୍, ଷ୍ଟ୍ରୋକ୍ ସୃଷ୍ଟି କରିପାରେ।



ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଚିନ୍ତାର ବିଷୟ ହେଉଛି, ସଂକ୍ରମଣଶୀଳ ଏଣ୍ଡୋକାର୍ଡାଇଟିସ୍। ଯେଉଁଠାରେ ପାଟି ଏବଂ ଶରୀରର ଅନ୍ୟାନ୍ୟ ଅଂଶରୁ ଜୀବାଣୁ ହୃଦୟଚାମ୍ବର କିମ୍ବା ଭାଲଭ ଭିତର ଆବରଣକୁ ସଂକ୍ରମିତ କରନ୍ତି। ସାଧାରଣତଃ ହୃଦରୋଗ, ଭାଲଭ୍ୟୁଲାର ହୃଦରୋଗ କିମ୍ବା କୃତ୍ରିମ ହୃଦୟ ଭାଲ୍‌ଭ ଥିବା ଲୋକଙ୍କ ପାଇଁ ଏହା ଅଧକ ବିପଦ।

ଏ ସମ୍ପର୍କରେ ଡାକ୍ତର ଅଶୋକ କୁମାର ମହାନ୍ତି କୁହନ୍ତି, ଭଲ ମୁଖ ସ୍ୱାସ୍ଥ୍ୟ କେବଳ ଏକ ଉଜ୍ଜ୍ୱଳ ହସ ପାଇଁ ନୁହେଁ, ଏହା ହୃଦୟ ସ୍ୱାସ୍ଥ୍ୟର ଏକ ପ୍ରମୁଖ ଉପାଦାନ ମଧ୍ୟ। ତେଣୁ ପ୍ରତିଦିନ ଫ୍ଲୋରାଇଡ୍ ଟୁଥପେଷ୍ଟ ବ୍ୟବହାର କରି ନରମ ବ୍ରଶ୍ ସହିତ ଦିନକୁ ଅତି କମରେ ଦୁଇଥର(ସକାଳେ ଏବଂ ରାତିରେ ଶୋଇବା ପୂର୍ବରୁ) ଦାନ୍ତ ଘଷିବା ଜରୁରି। ଏକ ସୁସ୍ଥ ସନ୍ତୁଳିତ ଖାଦ୍ୟ ଖାଇବା ସହ ଅଧିକ ମିଠାଯୁକ୍ତ ଖାଦ୍ୟକୁ ସୀମିତ ରଖିବା ଆବଶ୍ୟକ। ଦାନ୍ତ ଘଷିବା ଏବଂ ଫ୍ଲସ୍ କରିବା ପରେ ଛାଡ଼ିଯାଇଥିବା ଖାଦ୍ୟ କଣିକାକୁ ବାହାର କରିବାକୁ ମାଉଥୱାସ ବ୍ୟବହାର ଜରୁରି। ପ୍ରତି ତିନି ମାସ କିମ୍ବା ତା'ପୂର୍ବରୁ ଟୁଥବ୍ରଶ୍ ପରିବର୍ତ୍ତନ କରିବା ମଧ୍ୟ ଆବଶ୍ୟକ। ଯଦି ବ୍ରସ୍‌ର ବ୍ରିଷଲ୍ ନଷ୍ଟ ହୋଇଯାଏ ଥଣ୍ଡା, ଫ୍ଲୁ କିମ୍ବା ପାଟିରେ ଘା' ହୋଇଥାଏ, ତେବେ ମଧ୍ୟ ଟୁଥବ୍ରଶ୍ ପରିବର୍ତ୍ତନ କରିବା ନିହାତି ଆବଶ୍ୟକ। ଏଥିସହ ସମ୍ପୂର୍ଣ୍ଣ ଭାବେ ତମାଖୁ ବର୍ଜନ ସହ ନିୟମିତ ଦାନ୍ତ ଯାଞ୍ଚ ଏବଂ ସଫା କରିବାର ସମୟସୂଚୀ ପ୍ରସ୍ତୁତ କରିବା ଆବଶ୍ୟକ।

# ଆଜ୍ମା; ସଚେତନତା ହିଁ ସର୍ବୋତ୍କୃଷ୍ଟ ଉପଚାର



ଅଣସଂକ୍ରାମକ ରୋଗ (ଏନ୍‌ସିଡି) ଜନିତ ମୃତ୍ୟୁର ଶୀର୍ଷ ୩ଟି ପ୍ରମୁଖ ରୋଗ ମଧ୍ୟରେ ଆଜ୍ମା ଓ ଅନ୍ୟାନ୍ୟ ଜଟିଳ ଶ୍ୱାସକ୍ରିୟା ସମ୍ବନ୍ଧିତ ରୋଗ ଅନ୍ତର୍ଭୁକ୍ତ। ଆଜ୍ମା ଏକ ଦୀର୍ଘସ୍ଥାୟୀ ଶ୍ୱାସକ୍ରିୟାଜନିତ ରୋଗ। ଏହା ପ୍ରଦାହ ଏବଂ ଶ୍ୱାସନଳୀ ସଂକୋଚନ କାରଣରୁ ହୋଇଥାଏ। ଏହି ରୋଗ ହେଲେ ମୁଣ୍ଡ ବୁଲାଇବା, କାଶ ଏବଂ ନିଶ୍ୱାସପ୍ରଶ୍ୱାସରେ କଷ୍ଟ ହେବା ଭଳି ଲକ୍ଷଣ ଦେଖାଦେଇଥାଏ। ଏହା ଦେଶବ୍ୟାପୀ ସମସ୍ତ ମୃତ୍ୟୁର ୫୦%ରୁ ଅଧିକ ପାଇଁ ଦାୟୀ। ତଥାପି ଗମ୍ଭୀର ଆଜ୍ମା ଲକ୍ଷଣ ଥିବା ପ୍ରାୟ ୭୦% ଲୋକଙ୍କର ଉପଯୁକ୍ତ ନିଦାନ କରାଯାଇନାହିଁ। ୨.୫%ରୁ କମ୍ ଲୋକ ପ୍ରତିଦିନ ଇନ୍‌ହେଲ୍‌ଡ କୋର୍ଟିକୋଷ୍ଟେରଏଡ(ଉପଯୁକ୍ତ ଚିକିତ୍ସା)ର ବ୍ୟବହାର କରୁଛନ୍ତି। ମୁଖ୍ୟତଃ ପ୍ରଚଳିତ ଭୁଲଧାରଣା ଓ ଅପବାଦ କାରଣରୁ ଲୋକେ ଉପଯୁକ୍ତ ନିଦାନ ଓ ଚିକିତ୍ସା କରାଇ ନ ଥାନ୍ତି। ତେଣୁ ଏହି ରୋଗ ବିଷୟରେ ସଚେତନତା ସୃଷ୍ଟି କରିବାକୁ ପ୍ରତିବର୍ଷ ମେ ମାସ 'ବିଶ୍ୱ ଆଜ୍ମା ଦିବସ' ପାଳନ କରାଯାଇଥାଏ। ଆଜ୍ମାର ମୁକାବିଲା ପାଇଁ ସଚେତନତା, ଶିକ୍ଷା ଓ ପହଂଚକୁ ସମନ୍ୱିତ କରୁଥିବା ଦୀର୍ଘସ୍ଥାୟୀ, ସାମୂହିକ ଆଭିମୁଖ୍ୟର ଆବଶ୍ୟକତା ରହିଛି।

'ମେକ୍ ଇନ୍‌ହେଲଡ ଟ୍ରିଟ୍‌ମେଣ୍ଟ ଆକ୍ସେସିବୁଲ ଫର ଅଲ୍' ଅର୍ଥାତ୍ ସମସ୍ତଙ୍କ ପାଇଁ ଶ୍ୱାସ ଉପଚାର ଉପଲବ୍ଧ କରାଇବା ଚଳିତ ବର୍ଷର 'ବିଶ୍ୱ ଆଜ୍ମା ଦିବସ'ର ବାର୍ତ୍ତା ରହିଛି। ମେକ୍ ଇନ୍‌ହେଲଡ ଟ୍ରିଟ୍‌ମେଣ୍ଟ ଆକ୍ସେସିବୁଲ ଫର ଅଲ୍'ର ଜିଆଇଏନଏ ଥିମ ଦ୍ୱାରା ସମର୍ଥିତ ଚଳିତ ବର୍ଷର ବିଶ୍ୱ ଆଜ୍ମା ଦିବସ ଭାରତର ସାର୍ବଜନିନ ସ୍ୱାସ୍ଥ୍ୟ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ସିପ୍‌ଲାର ବେରୋକ ଜିନ୍ଦେଗୀ, ଟଫିସ୍ ଏବଂ କମ୍ପାନୀର ବ୍ରେଥଫ୍ରି ଅଭିଯାନ ଭଳି କ୍ୟାମ୍ପେନଗୁଡିକ ଆଜ୍ମାକୁ ନେଇ ଶିକ୍ଷଣୀୟ ଆଲୋଚନାକୁ ପରିଚାଳନା କରିବା ସହ ନିରନ୍ତର ରୋଗୀ ସହଯୋଗ ପ୍ରଦାନ କରିବାରେ ସାହାଯ୍ୟ କରୁଛନ୍ତି।

ଇନ୍‌ହେଲେଶନ ଥେରାପି ଓ ଚିକିତ୍ସା ପାଇଁ ଉପଲବ୍ଧତାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ଭୁବନେଶ୍ୱରର ପଲ୍‌ମୋନୋଲୋଜିଷ୍ଟ ଡା. ଦେବାଶିଷ ବେହେରା କହିଛନ୍ତି, " ଆଜ୍ମା ଚିକିତ୍ସାର ପ୍ରାଥମିକ ଲକ୍ଷ୍ୟ ହେଉଛି, ଲକ୍ଷଣଗୁଡିକୁ ନିୟନ୍ତ୍ରଣ କରିବା, ତତ୍କାଳ ଆଶ୍ୱସ୍ତି ପ୍ରଦାନ କରୁଥବା ଔଷଧ ଉପରେ ନିର୍ଭରତା ହ୍ରାସ କରିବା, ହସ୍ପିଟାଲାଇଜେଶନକୁ ରୋକିବା ଏବଂ ଫୁସ୍‌ଫୁସ୍‌ର କାର୍ଯ୍ୟଦକ୍ଷତାକୁ ସଂରକ୍ଷିତ ରଖିବ ଯାହା ଜୀବନର ମାନକୁ ଉନ୍ନତ କରିଥାଏ। ତେଣୁ ସଠିକ ସମୟରେ ନିଦାନ, ସଠିକ ଇନ୍‌ହେଲରର ବ୍ୟବହାର ଓ ନିୟମର କଡ଼ାକଡ଼ି ଅନୁପାଳନର ଆବଶ୍ୟକତା ରହିଛି। କିନ୍ତୁ ଦୁର୍ଭାଗ୍ୟବଶତଃ ଖରାପ ଡିଭାଇସ ପଦ୍ଧତି, ଚିକିତ୍ସା ପାଇଁ ସୀମିତ ପହଁଞ୍ଚ ଏବଂ ଦୀର୍ଘସ୍ଥାୟୀ ସହଯୋଗର ଅଭାବ କାରଣରୁ ଏହାକୁ ଅଣଦେଖା କରାଯାଉଛି।

ବ୍ରେଥଫ୍ରି ଭଳି ଅଭିଯାନଗୁଡିକ ଅନ୍-ଗ୍ରାଉଣ୍ଡ ସ୍କ୍ରିନିଂ କ୍ୟାମ୍ପ, ଡିଜିଟାଲ ପ୍ଲାଟଫର୍ମ ଭଳି ଅନ୍‌ଲାଇନ ଟୁଲ୍ ଏବଂ ସରଳ 'ହାଓ-ଟୁ' ଡିଭାଇସ ଟ୍ରେନିଂ ଭିଡିଓ ମାଧ୍ୟମରେ ଏହି ଅନ୍ତରକୁ ଦୂର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଏଭଳି ଉତ୍ସଗୁଡିକ ଆଜ୍ମାର ଉତ୍ତମ ନିୟନ୍ତ୍ରଣ ଦିଗରେ ଚିକିତ୍ସକ ଓ ରୋଗୀଙ୍କୁ ମାର୍ଗଦର୍ଶନ ପ୍ରଦାନ କରୁଛନ୍ତି। ଭାରତରେ ଆଜ୍ମାକୁ ନେଇ ଅନେକ ଭୁଲଧାରଣା ଥିବାବେଳେ ଏନେଇ ସ୍ଥାୟୀ ସଚେତନତା, ପ୍ରାରମ୍ଭିକ ଶିକ୍ଷା ଏବଂ ଉଭୟ ସରକାରୀ ଓ ଘରୋଇ କ୍ଷେତ୍ରରୁ ସାମୂହିକ ପ୍ରୟାସର ଆବଶ୍ୟକତା ରହିଛି। ବେରୋକ ଜିନ୍ଦେଗୀ ଭଳି ସଚେତନତା କ୍ୟାମ୍ପେନ ଓ ଟଫିସ କି ସ୍କୁଲ ଯାତ୍ରା ଭଳି ପ୍ରୟାସଗୁଡିକ ସଠିକ ସୂଚନା ବିସ୍ତାର କରି ଏ କ୍ଷେତ୍ରରେ ସାର୍ଥକ ପ୍ରଗତି ଆଣୁଛନ୍ତି।"

# ମିଚେଲ୍ ମାର୍ଶଙ୍କ ବିସ୍ଫୋରକ ଶତକ



ଅହମ୍ମଦାବାଦ, ୨୨।୫ (ଏଜେନ୍ସି): ଚଳିତ ଆଇପିଏଲ୍‌ର ୬୪ତମ ମ୍ୟାଚରେ ଗୁରୁବାର ଘରୋଇ ଗୁଜରାଟ ଜାଏଣ୍ଟ୍ସ ଓ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ସାମ୍ନାସାମ୍ନି ହୋଇଛନ୍ତି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ଓପନର୍ ମିଚେଲ ମାର୍ଶଙ୍କ ବିସ୍ଫୋରକ ଶତକ ବଳରେ ୨୦ ଓଭରରେ ୨ ୱିକେଟ୍ ହରାଇ ୨୩୫ ରନର ବିଶାଳ ସ୍କୋର ସଂଗ୍ରହ କରିଛି। ଶୁବମାନ ଗିଲ୍‌ଙ୍କ ନେତୃତ୍ୱାଧୀନ ଗୁଜରାଟ ପୂର୍ବରୁ ୧୨ ମ୍ୟାଚରୁ ୯ ବିଜୟ ସହ ୧୮ ପଏଣ୍ଟ ପାଇ ସାରଣୀ ଶୀର୍ଷରେ ରହି ପ୍ଲେ-ଅଫ୍‌ରେ ପ୍ରବେଶ କରିସାରିଛି। ଅପରପକ୍ଷରେ ଲକ୍ଷ୍ନୌ ୧୨ ମ୍ୟାଚରୁ ୧୦ ପଏଣ୍ଟ ପାଇ ପ୍ଲେ-ଅଫ୍ ଦୌଡ଼ରୁ ବାଦ୍ ପଡ଼ିସାରିଛି।

ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଲକ୍ଷ୍ନୌ ପାଇଁ ଦୁଇ ଓପନର୍ ଆଇଡେନ ମାର୍କରାମ ଓ ମିଚେଲ ମାର୍ଶ ପ୍ରଥମ ୱିକେଟ୍‌ରେ ୫୯ ବଲରେ ୯୧ ରନ ସଂଗ୍ରହ କରି ଏକ ଦୃଢ଼ ମୂଳଦୁଆ ପକାଇଥିଲେ। ତେବେ ୨୪ ବଲରେ ୩୬ ରନ କରିଥିବାବେଳେ ମାର୍କରାମଙ୍କୁ ଆଉଟ୍ କରି ଆର୍. ସାଇକିଶୋର ଗୁଜରାଟକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ। ଏହାପରେ ବ୍ୟାଟିଂକ୍ରମର ୩ୟ ସ୍ଥାନରେ ଆସିଥିବା ନିକୋଲସ ପୁରନ ଅନ୍ୟତମ ଓପନର୍ ମାର୍ଶଙ୍କ ସାଥୀ ହୋଇ ଦଳୀୟ ସ୍କୋରକୁ ଦୁଇଶହ ରନ ଅତିକ୍ରମ କରାଇଥିଲେ। ମାର୍ଶ ୧୦ ଚୌକା ଓ ୮ ଛକା ସହ ୬୪ ବଲରୁ ୧୧୭ ରନ ସଂଗ୍ରହ କରି ଆଇପିଏଲ୍‌ରେ ତାଙ୍କର ପ୍ରଥମ ଶତକ ହାସଲ କରିଥିଲେ। ଅର୍ଶଦ ଖାନଙ୍କ ବଲରେ ଆଉଟ୍ ହେବାପୂର୍ବରୁ ସେ ଦ୍ୱିତୀୟ ୱିକେଟ୍‌ରେ ପୁରନଙ୍କ ସହ ୧୨୧ ରନ ଉଠାଇଥିଲେ। ଏହାପରେ ଆସିଥିବା ଅଧିନାୟକ ଋଷଭ ପନ୍ତ ୬ ବଲରେ ୨ ଛକା ସହ ୧୬ ରନ କରିବାରୁ ଲକ୍ଷ୍ନୌ ୨ ୱିକେଟ୍‌ରେ ୨୩୫ ରନର ଏକ ଦମ୍‌ଦାର ସ୍କୋର କରିଥିଲା। ପୁରନ ୨୭ ବଲରେ ୫ ଛକା ଓ ୪ ଚୌକା ସହ ୫୬ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ।

**ଆଇପିଏଲ୍-୨୦୨୫: ପଏଣ୍ଟ ସାରଣୀ**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ୍ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ଗୁଜରାଟ | ୧୨ | ୯ | ୩ | ୦ | ୧୮ | +୦.୭୯୫ |
| ବେଙ୍ଗାଲୁରୁ | ୧୨ | ୮ | ୩ | ୧ | ୧୭ | +୦.୪୮୨ |
| ପଞ୍ଜାବ | ୧୨ | ୮ | ୩ | ୧ | ୧୭ | +୦.୩୮୯ |
| ମୁମ୍ବାଇ | ୧୩ | ୮ | ୫ | ୦ | ୧୬ | +୧.୨୯୨ |
| ଦିଲ୍ଲୀ | ୧୩ | ୬ | ୬ | ୧ | ୧୩ | -୦.୦୧୯ |
| କୋଲକାତା | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ | ୧୨ | ୫ | ୭ | ୦ | ୧୦ | -୦.୫୦୬ |
| ହାଇଦରାବାଦ୍ | ୧୨ | ୪ | ୭ | ୧ | ୯ | -୦.୬୭୪ |
| ରାଜସ୍ଥାନ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ | ୧୩ | ୩ | ୧୦ | ୦ | ୬ | -୧.୦୩୦ |

**ଆଇପିଏଲ୍‌ରେ ଆଜି**

**ବେଙ୍ଗାଲୁରୁ ବନାମ ହାଇଦରାବାଦ**

ଲକ୍ଷ୍ନୌ / ରାତି ୭.୩୦ | ଷ୍ଟାର୍‌ସ୍ପୋର୍ଟ୍ସ / ଜିଓ ହଟ୍‌ଷ୍ଟାର

## ବେଥେଲଙ୍କ ସ୍ଥାନରେ ଖେଳିବେ ସେଇଫର୍ଟ

ବେଙ୍ଗାଲୁରୁ, ୨୨।୫ (ଏଜେନ୍ସି): ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ନ୍ୟୁଜିଲାଣ୍ଡର ୱିକେଟ୍‌କିପର ବ୍ୟାଟର୍ ଟିମ୍ ସେଇଫର୍ଟଙ୍କୁ ଦଳରେ ସାମିଲ କରିଛି। ଯୁବ ଅଲ୍‌ରାଉଣ୍ଡର ଜାକବ ବେଥେଲଙ୍କ ସ୍ଥାନରେ ସେଇଫର୍ଟ ବେଙ୍ଗାଲୁରୁ ପକ୍ଷରୁ ଆଇପିଏଲ୍‌ର ବଳକା ମ୍ୟାଚ୍ ଖେଳିବେ। ଆର୍‌ସିବି ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ମେ ୨୩ରେ ସନ୍‌ରାଇଜର୍ସ ହାଇଦରାବାଦ୍‌କୁ ଭେଟିବ। ଏହି ମ୍ୟାଚ୍ ପରେ ବେଥେଲ ସ୍ୱଦେଶ ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ କରିବେ। ମେ ୨୯ରୁ ଘରୋଇ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ସୀମିତ ଓଭର ସିରିଜ ଆରମ୍ଭ ହେବ। ଏହି ସିରିଜ ପୂର୍ବରୁ ଜାତୀୟ ଦଳ ସହ ନିଜକୁ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖି ବେଥେଲ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆର୍‌ସିବି ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ୩୦ ବର୍ଷୀୟ ସେଇଫର୍ଟ ଆଇପିଏଲ୍‌ରେ ମୋଟ୍ ଉପରେ ୩ଟି ମ୍ୟାଚ୍ ଖେଳି ୨୬ ରନ ସଂଗ୍ରହ କରିଛନ୍ତି। ଉଲ୍ଲେଖଯୋଗ୍ୟ, ବେଙ୍ଗାଲୁରୁ ବର୍ତ୍ତମାନ ସୁଦ୍ଧା ୧୨ ମ୍ୟାଚ୍ ଖେଳି ୮ ବିଜୟ ସହ ୧୭ ପଏଣ୍ଟ ପାଇ ପ୍ଲେ-ଅଫ୍‌ରେ ସ୍ଥାନ ପକ୍କା କରିସାରିଛି।

## ମ୍ୟୁନିକ ସୁଟିଂ ବିଶ୍ୱକପ୍‌ରେ ଭାଗନେବେ ଶ୍ରୀୟଙ୍କା



ଭୁବନେଶ୍ୱର,୨୨।୫(ସମିସ): ଓଡ଼ିଆ ତାରକା ମହିଳା ସୁଟର ଶ୍ରୀୟଙ୍କା ଷଡଙ୍ଗୀ ଆଉ ଏକ ବିଶ୍ୱକପକ୍‌ରେ ଅଂଶଗ୍ରହଣ କରିବେ। ଜର୍ମାନୀର ମ୍ୟୁନିକ୍‌ରେ ଆସନ୍ତା ମାସରେ ଆୟୋଜନ ହେବାକୁ ଯାଉଥିବା ଅନ୍ତର୍ଜାତୀୟ ସୁଟିଂ କ୍ରୀଡ଼ା ମହାସଂଘ (ଆଇଏସ୍‌ଏସ୍‌ଏଫ୍) ବିଶ୍ୱକପ୍ ୨୦୨୫ରେ ସେ ଭାରତ ତରଫରୁ ପ୍ରତିନିଧିତ୍ୱ କରିବେ। ୩୦ ବର୍ଷୀୟା ଶ୍ରୀୟଙ୍କା ୫୦ମିଟର ୩ ପୋଜିସନ ରାଇଫଲ ମହିଳା ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଏନ୍‌ଆରଏଆଇ ଦ୍ୱାରା ପ୍ରକାଶିତ ର୍ୟାଙ୍କିଂ‌ରେ ଶ୍ରୀୟଙ୍କା ଏବେ ତୃତୀୟ ସ୍ଥାନରେ ରହିଛନ୍ତି। ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସେ ନିଜର ଦକ୍ଷତା ଓ ପ୍ରତିଭା ପ୍ରମାଣିତ କରିଛନ୍ତି। ଏହାପୂର୍ବରୁ ସେ ଆର୍ଜେଣ୍ଟିନାର ବୁଏନ୍ସ ଆରିଜ ଓ ପେରୁର ଲିମାରେ ଅନୁଷ୍ଠିତ ଦୁଇଟି ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଥିଲେ। ଲିମାରେ ସେ ଫାଇନାଲରେ ପ୍ରବେଶ କରି ଅଷ୍ଟମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଏଥର ସେ ଆହୁରି ଉନ୍ନତ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି।

■ ୧୯ ବର୍ଷରୁ କମ୍ ଭାରତୀୟ ଦଳ

## ଆୟୂଷଙ୍କୁ ନେତୃତ୍ୱ; ସୂର୍ଯ୍ୟବଂଶୀ ସାମିଲ

ନୂଆଦିଲ୍ଲୀ,୨୨।୫(ଏଜେନ୍ସି): ଆଗାମୀ ଇଂଲଣ୍ଡ ଗସ୍ତ ପାଇଁ ୧୯ ବର୍ଷରୁ କମ୍ ଭାରତୀୟ ଦଳ ଘୋଷଣା କରାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଗୁରୁବାର ଏକ ୧୬ ଜଣିଆ ଦଳ ଘୋଷଣା କରିଛି। ଜୁନ୍ ୨୪ରୁ ଆରମ୍ଭ ହୋଇ ଏହି ଗସ୍ତ ଜୁଲାଇ ୨୩ରେ ଶେଷ ହେବ। ଭାରତୀୟ ଦଳ ଏହି ଗସ୍ତରେ ଗୋଟିଏ ୱାର୍ମ-ଅପ୍ ମ୍ୟାଚ୍ ସହ ୫ଟି ଦିନିକିଆ ଓ ଦୁଇଟି ମଲ୍ଟି-ଡେ ଅର୍ଥାତ ବହୁ-ଦିବସୀୟ ମ୍ୟାଚ୍ ଖେଳିବ। ୧୭ ବର୍ଷୀୟ ଆୟୂଷ ମହାତ୍ରେଙ୍କୁ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ସେହିପରି ଆଇପିଏଲ ସେନ୍‌ସେସନ ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କୁ ଏହି ଦଳରେ ସାମିଲ କରାଯାଇଛି। ବୈଭବ ଚଳିତ ଆଇପିଏଲ୍‌ରେ ୭ଟି ମ୍ୟାଚ୍ ଖେଳି ୨୦୬.୫୬ ଷ୍ଟ୍ରାଇକ୍‌ରେଟ୍‌ରେ ୨୫୨ ରନ ସଂଗ୍ରହ କରିଛି। ଗତମାସ ୧୪ ବର୍ଷରେ ପଦାର୍ପଣ କରିଥିବା ସୂର୍ଯ୍ୟବଂଶୀ ଏକ କୋଟି ୧୦ ଲକ୍ଷ ଟଙ୍କା ବିନିମୟରେ ରାଜସ୍ଥାନ ଦଳରେ ସାମିଲ ହୋଇଥିଲେ। ଆଇପିଏଲ୍ ପଦାର୍ପଣରେ ସେ ପ୍ରଥମ ବଲ୍‌ରେ ହିଁ ଛକା ମାରିଥିଲେ ଓ ପରେ ସେ ୩୫ ବଲରେ ଶତକ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପର ମହାତ୍ରେ ମଧ୍ୟ ଚେନ୍ନାଇ ସୁପର କିଙ୍ଗ୍‌ସ ତରଫରୁ ପ୍ରତିନିଧିତ୍ୱ କରି ୨୦୬ ରନ ସଂଗ୍ରହ କରିଛନ୍ତି।

**୧୯ ବର୍ଷରୁ କମ୍ ଭାରତୀୟ ଦଳ:** ଆୟୂଷ ମହାତ୍ରେ (ଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ବିହାନ ମାଲହୋତ୍ରା, ମଲ୍ୟାରାଜସିନ ଚଭଡା, ରାହୁଲ କୁମାର, ଅଭିଜ୍ଞାନ କୁଣ୍ଡୁ (ଉପ- ଅଧିନାୟକ, ୱିକେଟକିପର), ହରବଂଶ ସିଂ (ୱିକେଟକିପର), ଆରଏସ ଅମ୍ବ୍ରିଶ, କନିଷ୍କ ଚୌହାନ, ଖିଲାନ ପଟେଲ, ହେନିଲ ପଟେଲ, ଯୁଦ୍ଧଜିତ ଗୁହା, ପ୍ରଣବ ରାଘବେନ୍ଦ୍ର, ମହମ୍ମଦ ଏନାନ୍, ଆଦିତ୍ୟ ରାଣା ଓ ଅନମୋଲଜିତ ସିଂ।

## କ୍ୟାନସର ସଚେତନତା ଲାଗି ଜର୍ସି ପରିବର୍ତ୍ତନ



ଅହମ୍ମଦାବାଦ, ୨୨।୫ (ଏଜେନ୍ସି): ପ୍ଲେ-ଅଫ୍‌ରେ ସ୍ଥାନ ପକ୍କା କରିସାରିଥିବା ଗୁଜରାଟ ଟାଇଟନ୍ସ ଗୁରୁବାର ଏହାର ତ୍ରୟୋଦଶ ମ୍ୟାଚରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟସକୁ ଭେଟିଥିଲା। ସ୍ଥାନୀୟ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମୁକାବିଲାରେ ଘରୋଇ ଗୁଜରାଟ ଏହାର ଚିରାଚରିତ ଗାଢ଼ ନୀଳ ରଙ୍ଗର ଜର୍ସି ପରିବର୍ତ୍ତେ ଲାଭେଣ୍ଡର (ହାଲ୍‌କା ଗୋଲାପୀ) ଜର୍ସି ପରିଧାନ କରି ପଡ଼ିଆକୁ ଓହ୍ଲାଇଥିଲା। ଗୁଜରାଟର ଏହି ଜର୍ସି ପରିବର୍ତ୍ତନକୁ ନେଇ ପ୍ରଶଂସକଙ୍କ ମନରେ ଉତ୍କଣ୍ଠା ପ୍ରକାଶ ପାଇଥିଲା। ତେବେ ଗୁଜରାଟ ପ୍ରଥମଥର ଲାଗି ଏହି ଜର୍ସି ପରିଧାନ କରିନାହିଁ। ୨୦୨୨ରୁ ଆଇପିଏଲ୍ ଖେଳି ଆସୁଥିବା ଗୁଜରାଟ ପ୍ରତ୍ୟେକ ସିଜନର ଗୋଟିଏ ମ୍ୟାଚରେ ଏହି ହାଲ୍‌କା ଗୋଲାପୀ ରଙ୍ଗର ଜର୍ସି ପରିଧାନ କରିଥାଏ। ଏହା ପଛରେ ଥିବା କାରଣଟି ହେଉଛି, କ୍ୟାନସର ପ୍ରତି ସଚେତନତା ସୃଷ୍ଟି ଓ ପ୍ରାରମ୍ଭିକ ଚିକିତ୍ସା ଦ୍ୱାରା ଏହା ଭଲ ହୋଇପାରିବ ବୋଲି ବାର୍ତ୍ତା ଜଣାଇ ଗୁଜରାଟ ଏହି ଜର୍ସି ପରିଧାନ କରିଥାଏ।

## କ୍ରୀଡ଼ା ସଂଘଗୁଡ଼ିକର ସହାୟତା ରାଶି ବଢ଼ିଲା

ନୂଆଦିଲ୍ଲୀ,୨୨।୫(ଏଜେନ୍ସି): ଦେଶରେ କ୍ରୀଡ଼ାର ସାମୂହିକ ଉନ୍ନତି ପାଇଁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଗୁରୁବାର ଜାତୀୟ କ୍ରୀଡ଼ା ସଂଘଗୁଡିକର ସହାୟତା ରାଶି ବୃଦ୍ଧି କରିଛି। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡିଭିଆ ବିଭିନ୍ନ ଜାତୀୟ ଚାମ୍ପିଅନସିପ୍‌ର ଆୟୋଜନ ପାଇଁ ସହାୟତା ରାଶିକୁ ୫୧ରୁ ୯୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛି। ସେହିପରି ଆନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନ ବାବଦରେ ସହାୟତା ରାଶିକୁ ୧ରୁ ୨ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଜାତୀୟ ମୁଖ୍ୟ କୋଚ୍‌ଙ୍କ ମାସିକ ପାଉଣାକୁ ୫ରୁ ୭.୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଅନ୍ୟ କୋଚ୍‌ମାନଙ୍କ ମାସିକ ଦରମା ୨ରୁ ୩ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଜାତୀୟ କ୍ରୀଡ଼ା ସଂଘଗୁଡିକର ବାର୍ଷିକ ବ୍ୟୟ ଅଟକଳକୁ ୧୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ କରିବାକୁ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି। ଏଥିସହ ଜଣେ ହାଇପରଫର୍ମାନ୍ସ ନିର୍ଦ୍ଦେଶକଙ୍କୁ ନିଯୁକ୍ତି ଦେବା ଉପରେ ପ୍ରାଧାନ୍ୟ ଦିଆଯାଇଛି। ସେହିପରି ସଂଘଗୁଡିକ ମୁଖ୍ୟ କାର୍ଯ୍ୟନିର୍ବାହୀ, ନିର୍ଦ୍ଦେଶକ ଓ ମ୍ୟାନେଜର ନିଯୁକ୍ତି ବାବଦରେ ସରକାରୀ ଅନୁଦାନର ୧୦ ପ୍ରତିଶତ ଖର୍ଚ୍ଚ କରିବେ ବୋଲି କୁହାଯାଇଛି।

■ ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

## କ୍ୱାର୍ଟରରେ ଶ୍ରୀକାନ୍ତ
## ପ୍ରଣୟ, ଆୟୂଷ, ସତୀଶ ବିଦା

କ୍ୱାଲାଲମ୍ପୁର,୨୨।୫(ଏଜେନ୍ସି): ଏଠାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତର କିଦାମ୍ବୀ ଶ୍ରୀକାନ୍ତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପଟେ ଏଚ୍‌ଏସ୍ ପ୍ରଣୟ, ଆୟୂଷ ସେଟ୍ଟୀ ଓ ସତୀଶ କୁମାର କରୁଣାକରନ ପ୍ରି- କ୍ୱାର୍ଟରଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ପୁରୁଷ ଏକକ ପ୍ରି-କ୍ୱାର୍ଟରରେ ଶ୍ରୀକାନ୍ତ ୨୩-୨୧, ୨୧-୧୭ରେ ବିଶ୍ୱର ୩୩ ନଂ ଖେଳାଳି ଆୟର୍ଲାଣ୍ଡର ଏନ୍‌ହାତ ଏନ୍‌ଗୁଏନଙ୍କୁ ୫୯ ମିନିଟ୍‌ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ଶ୍ରୀକାନ୍ତ ଏବେ ଫ୍ରାନ୍ସର ତୋମା ପୋପୋଭଙ୍କୁ ଭେଟିବେ। କିନ୍ତୁ ପ୍ରଣୟ ୯-୨୧, ୧୮-୨୧ରେ ଜାପାନର ୟୁସି ତାନାକାଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ସେହିପରି ଆୟୂଷ ୧୩-୨୧, ୧୭-୨୧ରେ ତୋମା ପୋପୋଭଙ୍କଠାରୁ, ସତୀଶ ୧୪-୨୧, ୧୬-୨୧ରେ କ୍ରିଷ୍ଟୋ ପୋପୋଭଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

## ରାଜାଙ୍କୁ ୬ ୱିକେଟ; ଯାଜପୁର ବିଜୟୀ

କଟକ,୨୨।୫(ସମିସ): ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଯାଜପୁର ୧୦୩ ରନରେ ସୋନପୁରକୁ ପରାସ୍ତ କରିଛି। ମହମ୍ମଦ ହମିଦ୍ ରାଜା ୧୪ରନ ବିନିମୟରେ ୬ଟି ୱିକେଟ ଦଖଲ କରି ଯାଜପୁର ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିଲେ। ଡ୍ରିମସ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ ଯାଜପୁର ସମସ୍ତ ୱିକେଟ ହରାଇ ୧୭୧ ରନ ସଂଗ୍ରହ କରିଥିଲା। ଜବାବରେ ସୋନପୁର ମାତ୍ର ୬୮ ରନରେ ଅଲଆଉଟ ହୋଇଥିଲା। ସେହିଭଳି ସନସାଇନ ଗ୍ରାଉଣ୍ଡରେ ଭଦ୍ରକ ୨ ରନ୍‌ରେ ସମ୍ବଲପୁର-ବିକୁ ପରାସ୍ତ କରିଥିଲା। ସ୍ୱୟଂମ୍ଭୁ ପଲାଇଙ୍କ ୫୦ରନ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା ଭଦ୍ରକ ସମସ୍ତ ୱିକେଟ ହରାଇ ୧୪୨ରନ କରିଥିଲା। ୧୪୨ରନର ବିଜୟ ଲକ୍ଷ୍ୟକୁ ପିଛା କରି ସମ୍ବଲପୁର-ବି ୧୪୦ରନରେ ଅଲଆଉଟ ହୋଇଥିଲା। ଭଦ୍ରକର ପ୍ରୀତମ ଦାସ ୨୨ରନ ବ୍ୟୟରେ ୪ଟି ୱିକେଟ ଦଖଲ କରି ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବିଡାନାସୀ ଗ୍ରାଉଣ୍ଡରେ ଝାରସୁଗୁଡା ୪ ୱିକେଟରେ ରାୟଗଡାକୁ ହରାଇଥିଲା। ୪ ୱିକେଟ ସଫଳତା ପାଇଥିବା ଝାରସୁଗୁଡାର ଆଦର୍ଶ ସିଂହ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ସାବ୍ୟସ୍ତ ହୋଇଥିଲେ। ରେଭେନ୍ସା ଗ୍ରାଉଣ୍ଡରେ ଖୋର୍ଦ୍ଧା ୧୦୬ରନରେ ନବରଙ୍ଗପୁରକୁ ପରାସ୍ତ କରିଥିଲା। ସେହିଭଳି କିଟ୍ ବିଜୟ ଅଭିଯାନ ଜାରି ରଖି ଆଜି ରେଭେନ୍ସା ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ୪୧ରନରେ ଭୁବନେଶ୍ୱର-ବିକୁ ହରାଇଥିଲା।

**ଏଫ୍ଆଇଏଚ୍ ପ୍ରୋ ଲିଗ**


## ଭାରତୀୟ ଦଳରେ ଅମିତ, ନୀଲମ ଓ ଶିଳାନନ୍ଦ

ନୂଆଦିଲ୍ଲୀ,୨୨।୫(ଏଜେନ୍ସି): ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍ଆଇଏଚ୍) ହକି ପ୍ରୋ ଲିଗ୍‌ର ଆଗାମୀ ୨୦୨୪-୨୫ ସିଜନର ୟୁରୋପୀୟ ଲେଗ୍ ତଥା ପର୍ଯ୍ୟାୟ ପାଇଁ ହକି ଇଣ୍ଡିଆ ଗୁରୁବାର ୨୪ ଜଣିଆ ଭାରତୀୟ ଦଳ ଘୋଷଣା କରିଛି। ଅଭିଜ୍ଞ ଡ୍ରାଗ୍ ଫ୍ଲିକର ହରମନପ୍ରୀତ ସିଂହ ଏହି ଦଳର ନେତୃତ୍ୱ ନେବେ। ସେହିପରି ହାର୍ଦ୍ଦିକ ସିଂହ ତାଙ୍କର ଡେପୁଟି ଭାବେ ଦାୟିତ୍ୱ ବହନ କରିବେ। ଏହି ଦଳରେ ୩ଜଣ ଓଡ଼ିଆ ତାରକା ସ୍ଥାନ ପାଇଛନ୍ତି। ସେମାନେ ହେଲେ ୩୨ ବର୍ଷୀୟ ଅଭିଜ୍ଞ ଡିଫେଣ୍ଡର ଅମିତ ରୋହିଦାସ, ୨୬ ବର୍ଷୀୟ ଡିଫେଣ୍ଡର ନୀଲମ ସଞ୍ଜୀପ ଖେସ ଓ ୨୬ ବର୍ଷୀୟ ଫରୱାର୍ଡ ଶିଳାନନ୍ଦ ଲାକ୍ରା। ପ୍ରୋ ଲିଗ୍‌ର ଏହି ୟୁରୋପୀୟ ପର୍ଯ୍ୟାୟର ମ୍ୟାଚ୍‌ଗୁଡିକ ନେଦରଲାଣ୍ଡସର ଆମଷ୍ଟେଲଭିନ୍ ଓ ବେଲଜିୟମର ଆଣ୍ଟୱେର୍ପରେ ଖେଳାଯିବ। ଭାରତ ୪ଟି ଦଳ ଯଥା ନେଦରଲାଣ୍ଡସ, ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ ଓ ବେଲଜିୟମ ବିପକ୍ଷରେ ଦୁଇଟି ଲେଖାଏ ମ୍ୟାଚ୍ ଖେଳିବ। ପ୍ରୋ ଲିଗ୍‌ର ବିଜେତା ସିଧାସଳଖ ଆସନ୍ତାବର୍ଷ ଆୟୋଜନ ହେବାକୁ ଥିବା ବିଶ୍ୱକପ୍ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିବ। ଉଲ୍ଲେଖଥାଉ କି, ଗତ ଫେବୃଆରୀରେ ଭାରତ ପ୍ରୋ ଲିଗ୍‌ର ଭୁବନେଶ୍ୱର ଲେଗ୍‌ରେ ୮ଟି ମ୍ୟାଚ୍ ଖେଳି ୫ଟି ବିଜୟ ସହ ୧୫ ପଏଣ୍ଟ ପାଇ ତାଲିକାର ତୃତୀୟ ସ୍ଥାନରେ ରହିଛି।

**ଭାରତର କାର୍ଯ୍ୟସୂଚୀ**

| ତାରିଖ | ବିପକ୍ଷ ଦଳ |
|---|---|
| ଜୁନ୍ ୭ | ନେଦରଲାଣ୍ଡସ |
| ଜୁନ ୯ | ନେଦରଲାଣ୍ଡସ |
| ଜୁନ ୧୧ | ଆର୍ଜେଣ୍ଟିନା |
| ଜୁନ ୧୨ | ଆର୍ଜେଣ୍ଟିନା |
| ଜୁନ ୧୪ | ଅଷ୍ଟ୍ରେଲିଆ |
| ଜୁନ ୧୫ | ଅଷ୍ଟ୍ରେଲିଆ |
| ଜୁନ ୨୧ | ବେଲଜିୟମ |
| ଜୁନ୍ ୨୨ | ବେଲଜିୟମ |

**ଭାରତୀୟ ଦଳ:** ଗୋଲକିପର- କ୍ରିଶନ ବାହାଦୂର ପାଠକ, ସୂରଜ କରକେରା, ଡିଫେଣ୍ଡର- ସୁମିତ, ଅମିତ ରୋହିଦାସ, ଯୁଗରାଜ ସିଂହ, ନୀଲମ ସଞ୍ଜୀପ ଖେସ୍, ହରମନପ୍ରୀତ ସିଂହ (ଅଧିନାୟକ), ସଞ୍ଜୟ, ଯଶଦୀପ ସିୱାଚ୍, ମିଡଫିଲ୍ଡର- ରାଜ କୁମାର ପଲ, ନୀଳକାନ୍ତ ଶର୍ମା, ହାର୍ଦ୍ଦିକ ସିଂହ, ରାଜିନ୍ଦର ସିଂହ, ମନପ୍ରୀତ ସିଂହ, ବିବେକ ସାଗର ପ୍ରସାଦ, ଶମସେର ସିଂହ, ଫରୱାର୍ଡ- ଗୁରଜାନ୍ତ ସିଂହ, ଅଭିଷେକ, ଶୀଳାନନ୍ଦ ଲାକ୍ରା, ଲଳିତ କୁମାର ଉପାଧ୍ୟାୟ, ଦିଲପ୍ରୀତ ସିଂ, ସୁଖଜିତ ସିଂହ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS